

ଦୁଇଟି ପାର୍ଟରେ ଆସିବ ଧୁରନ୍ଧର

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-145 ◆FRIDAY ◆21 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୪୫ ◆ଶୁକ୍ରବାର ◆୨୧ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ବିଲ୍ ଅନୁମୋଦନ ମାମଲା: ରାଷ୍ଟ୍ରପତି, ରାଜ୍ୟପାଳଙ୍କ ପାଇଁ ନାହିଁ ସମୟସୀମା

## ବିଳମ୍ବ ହେଲେ ଅଦାଲତଙ୍କ ହସ୍ତକ୍ଷେପ



ରାଷ୍ଟ୍ରପତିଙ୍କୁ ମତାମତ ଦେଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଲ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କୋର୍ଟ ସେମାନଙ୍କୁ ଏଥିଲାଗି ବାଧ୍ୟ କରିପାରିବେ ନାହିଁ। ତେବେ ବିନା କାରଣରେ ଏହି ବିଲ୍ ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସିପାରିବେ ନାହିଁ ରାଜ୍ୟପାଳ। ଏଭଳି ପରିସ୍ଥିତି ସୃଷ୍ଟି ହେଲେ ଅଦାଲତ ହସ୍ତକ୍ଷେପ କରିପାରିବେ ଏବଂ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇପାରିବେ। ରାଷ୍ଟ୍ରପତିଙ୍କ ପ୍ରେସିଡେନସିଆଲ ରେଫେରେନ୍ସର ଉତ୍ତର ଦେବାକୁ ଯାଇ ସୁପ୍ରିମକୋର୍ଟ ଆଜି ଏଭଳି ମତାମତ ଦେଇଛନ୍ତି।

ରାଜ୍ୟ ବିଧାନସଭା ଦ୍ୱାରା ଅନୁମୋଦିତ ବିଲ ଉପରେ ନିଷ୍ପତ୍ତି ନେବା ଲାଗି କୋର୍ଟ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ କ୍ଷେତ୍ରରେ ସମୟସୀମା ଧାର୍ଯ୍ୟ କରିପାରିବେ କି? ପ୍ରେସିଡେନସିଆଲ ରେଫେରେନ୍ସ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପ୍ରଶ୍ନକୁ ନେଇ ଲୋଡ଼ିଥିବା ମତାମତ ଉପରେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚ ଆଜି ଉପରୋକ୍ତ ମତ ଦେଇଛନ୍ତି। ଜଷ୍ଟିସ ଗଭାଇ କହିଲେ ଯେ ବିଧାନସଭା ବିଲ୍ ପଠାଇଲେ ଏହା ଉପରେ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସିପାରିବେ ନାହିଁ। ତାଙ୍କ ପାଖରେ ତିନିଟି ବିକଳ୍ପ ରହିଛି। ବିଲ ଉପରେ ମୋହର ମାରିବେ, ଅନୁଧ୍ୟାନ ପାଇଁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବେ ନଚେତ ବିଲ୍ ଫେରାଇଦେବେ। ତେବେ ବିଲ୍ କାହିଁକି ଫେରାଇଲେ ତାହାର କାରଣ ଦର୍ଶାଇବାକୁ ପଡ଼ିବ। ବିଲ ଉପରେ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ କୌଣସି ପଦକ୍ଷେପ ନନେଲେ ଏହା ସଂଘୀୟ ବ୍ୟବସ୍ଥାର ଉଲ୍ଲଂଘନ ▶ପୃଷ୍ଠା-୭

# ହିତାଧିକାରୀଙ୍କୁ ରାସନ ଛନକା

## କାର୍ଡ କାଟିବାକୁ ଘରଘର ବୁଲୁଛନ୍ତି ସରକାରୀ ଅଧିକାରୀ

■ ଭୁବନେଶ୍ୱର, ୨୦।୧୧ (ସମିସ): ସାରା ରାଜ୍ୟରେ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଘାରିଛି ରାସନ କାର୍ଡ ଛନକା। କେୱାଇସି ଯାଞ୍ଚ କରିବା ଓ ସରକାରୀ ନଥିପତ୍ରରେ ଅଯୋଗ୍ୟ ମନେ ହେଉଥିବା ପ୍ରାୟ ୧୦ ଲକ୍ଷ ହିତାଧିକାରୀଙ୍କୁ କାଟିବା ପାଇଁ ସରକାରୀ ଅଧିକାରୀମାନେ ଘରଘର ବୁଲିବା ଆରମ୍ଭ କରିଛନ୍ତି ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ୯୨.୮୯ ଲକ୍ଷ ହିତାଧିକାରୀ ସାମିଲ ଥିବା ବେଳେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୯.୭୬ ଲକ୍ଷ ହିତାଧିକାରୀଙ୍କୁ ମାଗଣା ଚାଉଳ ଯୋଗାଇ ଦିଆଯାଉଛି। ତେବେ ମାସିକ ୧୦ ହଜାର ଟଙ୍କାରୁ ଅଧିକ ରୋଜଗାର, ୨ରୁ ବଖରାରୁ ଅଧିକ ପକ୍କା ଘର, ୩ ଚକିଆ ଗାଡ଼ି, ମୋଟର ଚାଳିତ ଡଙ୍ଗା ଓ କୃଷି ଯନ୍ତ୍ରପାତି ଆଦି ରହିଥିଲେ ରାସନ କାର୍ଡ କଟିବ ବୋଲି ଏବେ ପ୍ରଚାର ହେଉଛି। ସେହିପରି ଅଢେଇ ଏକର ଜମି ଥିବା ହିତାଧିକାରୀମାନେ ମଧ୍ୟ ରାସନ କାର୍ଡରୁ ବାଦ ପଡ଼ିବେ ବୋଲି ସରକାରୀ ଅଧିକାରୀମାନେ କହୁଛନ୍ତି। ଯାହାକୁ ନେଇ ହିତାଧିକାରୀଙ୍କ ମନରେ ଛନକା ସୃଷ୍ଟି କରିଛି।



ସାରା ରାଜ୍ୟରୁ ବାଦ ପଡ଼ିବେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ

ସୂଚନା ଅନୁଯାୟୀ କେନ୍ଦ୍ର ସରକାର ସାରା ଦେଶ ପାଇଁ ଏକ ସନ୍ଦିଗ୍ଧ ତାଲିକା ପ୍ରସ୍ତୁତ କରିଛନ୍ତି। ଏହି ତାଲିକାରେ ଦେଶର ୧ କୋଟି ୧୭ ଲକ୍ଷ ହିତାଧିକାରୀଙ୍କ ନାମ ରହିଛି। ଏହି ସନ୍ଦିଗ୍ଧ ତାଲିକାରେ ଥିବା ହିତାଧିକାରୀମାନେ ରାସନ ପାଇବା ପାଇଁ ଯୋଗ୍ୟ ନ ଥିବା କେନ୍ଦ୍ର ସରକାର ଅନୁଭବ କରୁଛନ୍ତି। ଅର୍ଥାତ ଏହି ତାଲିକାରେ ଥିବା ହିତାଧିକାରୀମାନେ ଅଯୋଗ୍ୟ ହୋଇ ମଧ୍ୟ ରାସନ ସାମଗ୍ରୀ ନେଉଥିବା କେନ୍ଦ୍ର କହିଛି। ଏଥିପାଇଁ ରାଜ୍ୟଗୁଡ଼ିକୁ ଏହି ତାଲିକା ପ୍ରଦାନ କରିବା ସହ ତାଲିକାରେ ଥିବା ହିତାଧିକାରୀଙ୍କ ସ୍ଥିତି ଯାଞ୍ଚ କରି ସେମାନଙ୍କୁ ତାଲିକାରୁ ହଟାଇବାକୁ ନିର୍ଦ୍ଦେଶ ଥିବା ଜଣାପଡ଼ିଛି। ଆୟକର ବିଭାଗ, ପରିବହନ ବିଭାଗ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଆଦି ବିଭାଗଗୁଡ଼ିକର ତଥ୍ୟକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ଓଡ଼ିଶାରେ ସରକାରୀ ସ୍ତରରେ ଧରପଗଡ଼ ଆରମ୍ଭ ହୋଇଛି। ସାରା ରାଜ୍ୟରେ ଅନ୍ୟୂନ ୧୦ ଲକ୍ଷ ହିତାଧିକାରୀଙ୍କ ନାମ ଏହି ସୂଚୀରୁ ବାଦ ଦେବାକୁ ଲକ୍ଷ୍ୟ ଯାଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ▶ପୃଷ୍ଠା-୭

## ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ନୀତୀଶ



୨୬ ମନ୍ତ୍ରୀ ମଧ୍ୟ ନେଲେ ଶପଥ

ବିଜେପିର ୧୪, ଜେଡିୟୁର ୮, ଚିରାଗଙ୍କ ୨ମନ୍ତ୍ରୀ ସାମିଲ

ମନ୍ତ୍ରିମଣ୍ଡଳରେ ୩ ମହିଳା, ଜଣେ ମୁସଲମାନ

■ ପାଟନା, ୨୦।୧୧ (ଏଜେନ୍ସି): ନୀତୀଶ କୁମାର ରେକର୍ଡ କରିଛନ୍ତି। ବିଧାନସଭା ନିର୍ବାଚନରେ ବଡ଼ ବିଜୟ ପରେ ପାଟନାର ଗାନ୍ଧୀ ମୈଦାନରେ ଆଜି ଆୟୋଜିତ ଭବ୍ୟ ସମାରୋହରେ ନୀତୀଶ ୧୦ମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏଥିସହିତ ନୀତୀଶ ଦୀର୍ଘଦିନ ପର୍ଯ୍ୟନ୍ତ କ୍ଷମତାରେ ଥିବା ଦେଶର ଅଷ୍ଟମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଯଦି ଏହି କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରନ୍ତି ତେବେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ କ୍ଷମତାରେ ଥିବା ଭାରତର ପ୍ରଥମ ମୁଖ୍ୟମନ୍ତ୍ରୀ ପାଲଟିବେ। ପୂର୍ବରୁ ଏହି ରେକର୍ଡ ସିକିମ ନେତା ପବନ ଚାମଲିଙ୍ଗଙ୍କ ନାମରେ ରହିଛି।

ନୀତୀଶଙ୍କ ସହିତ ୨୬ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ଏମାନଙ୍କ ମଧ୍ୟରେ ବିଜେପି କୋଟାରୁ ୧୪ ଜଣ, ଜେଡିୟୁରୁ ୮, ଚିରାଗ ପାଶ୍ୱାନଙ୍କ ଏଲଜେପିଆରରୁ ୨ ଜଣ, ଜିତନ ରାମ ମାନ୍ଝୀଙ୍କ ହାମ୍ ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ଦଳରୁ ଜଣେ ଲେଖାଏଁ ମନ୍ତ୍ରୀ ହୋଇଛନ୍ତି। ଏହି ମନ୍ତ୍ରିମଣ୍ଡଳରେ ତିନି ମହିଳା ଏବଂ ଜଣେ ମୁସଲିମ ବ୍ୟକ୍ତି ସାମିଲ ଅଛନ୍ତି। ଜେଡିୟୁ ପୁଣିଥରେ ଜମା ଖାନ୍‌ଙ୍କୁ ମନ୍ତ୍ରୀ କରିଛି। ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନା ପୁଣି ଉପ-ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା କରାଯାଉଛି। ନୀତୀଶଙ୍କ ଏହି ନୂଆ କ୍ୟାବିନେଟରେ ୧୩ ନୂଆ ମୁହଁ ସାମିଲ ହୋଇଛନ୍ତି। ନିଜର ୮ ମନ୍ତ୍ରୀଙ୍କୁ ନୀତୀଶ ପୁଣି ସୁଯୋଗ ଦେଇଛନ୍ତି। ତେବେ ବିଜେପିରୁ ୭ ଜଣ ନୂଆ କରି ମନ୍ତ୍ରୀ ହୋଇଛନ୍ତି। ▶ପୃଷ୍ଠା-୭

### ସପ୍ତାହେ ପରେ ଶୀତ ଅଧିବେଶନ

## ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପାଗଭିଡ଼ା

ଯେଉଁ ପ୍ରସଙ୍ଗକୁ ଛୁଇଁବ, ସେଥିରେ ସରକାର ବିଫଳ: ବିଜେଡି

ରାଜ୍ୟବାସୀଙ୍କ ସ୍ୱାର୍ଥ ପ୍ରସଙ୍ଗରେ ଦଳ ବିତର୍କ କରିବ: କଂଗ୍ରେସ

■ ଭୁବନେଶ୍ୱର, ୨୦।୧୧ (ସମିସ): ଆଉ ସପ୍ତାହେ ପରେ ଅର୍ଥାତ୍ ୨୭ ତାରିଖରୁ ଓଡ଼ିଶା ବିଧାନସଭାର ପଞ୍ଚମ(ଶୀତକାଳୀନ) ଅଧିବେଶନ ଆରମ୍ଭ ହେବ। ବିଭିନ୍ନ ପ୍ରସଙ୍ଗ ଯୋଗୁଁ ଏହି ଅଧିବେଶନଟି ଚର୍ଚ୍ଚାରେ ରହିବାକୁ ଯାଉଥିବା ବେଳେ ସରକାରଙ୍କୁ ଘେରିବାକୁ ବିରୋଧୀ ଏବେଠାରୁ ପାଗ ଭିଡ଼ା ଆରମ୍ଭ କଲେଣି। ଅଧିବେଶନ ପ୍ରାରମ୍ଭରୁ ଗୃହରେ ବିରୋଧୀ ସକ୍ରିୟ ରହିବା ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସୂତ୍ରରୁ ସୂଚନା ମିଳିଛି। ଅପରପକ୍ଷେ ନୂଆପଡ଼ା ଉପନିର୍ବାଚନରେ ବିଶାଳ ବିଜୟକୁ ।।ନେଇ ଶାସକ ଦଳ ବିଜେପି ଉତ୍ସାହିତ ଥିବାବେଳେ ବିରୋଧୀଙ୍କ ସବୁ ଆକ୍ରମଣର ପ୍ରତ୍ୟୁତ୍ତର ଦିଆଯିବ ବୋଲି ଦଳ ଦୃଢ଼ୋକ୍ତି ପ୍ରକାଶ କରିଛି। ଅପରପକ୍ଷେ ଓଡ଼ିଶା ବିଧାନସଭା ଇତିହାସରେ ରାଷ୍ଟ୍ରପତି ପ୍ରଥମଥର ପାଇଁ ଉଦବୋଧନ ଦେବେ ଓ ଅଧିବେଶନରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିବା ନେଇ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ଗତ ମୌସୁମୀ ଅଧିବେଶନ ମାତ୍ର ୭ ଦିନ ଚାଲିଥିବା ବେଳେ ବିରୋଧୀ କଂଗ୍ରେସ ଏବଂ ▶ପୃଷ୍ଠା-୭






### ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

## ୨୨ରେ ଲଘୁଚାପ, ୨୪ରେ ଅବପାତ

୨୮ରୁ ଡିସେମ୍ବର ୪ ମଧ୍ୟରେ ଅଧିକ ବର୍ଷା

ଉଠିଲା ପାରଦ; କମିଲା ଶୀତର ପ୍ରଭାବ

■ ଭୁବନେଶ୍ୱର, ୨୦।୧୧ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପୂର୍ବରୁ ଗୁରୁବାର ସୃଷ୍ଟି ହୋଇଛି ଏକ ଘୂର୍ଣ୍ଣିବଳୟ। 'ଷ୍ଟ୍ରିଟ୍ ଅଫ୍ ମାଲାକା' ମଧ୍ୟ ଅଂଶରେ ସୃଷ୍ଟି ହୋଇଥିବା ଏହି ଘୂର୍ଣ୍ଣିବଳୟ ଧୀରେ ଧୀରେ ବଙ୍ଗୋପସାଗର ମୁହାଁ ହେବ ଏବଂ ଏହାର ପ୍ରଭାବରେ ୨୨ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। ଏହି ଲଘୁଚାପପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୪ ତାରିଖ ବେଳକୁ ଆହୁରି ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରର ମଧ୍ୟ ଭାଗରେ ଅବପାତରେ ପରିଣତ ହେବ। ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଅଧିକ ଘନୀଭୂତ ହେବ। ଏହି ଲଘୁଚାପ ସୃଷ୍ଟି ପରେ ଅଧିକ ଘନୀଭୂତ ହେବା ପାଇଁ ସବୁ ପ୍ରକାର ପାଣିପାଗ ମଡେଲ ସୁହାଉ ଥିବାରୁ ଏହା ବାତ୍ୟାରେ ପରିଣତ ହୋଇପାରେ ବୋଲି ମଧ୍ୟ ପ୍ରାଥମିକ ଭାବେ ଆକଳନ କରାଯାଉଛି। ଏହାର ପ୍ରଭାବରେ ଉଭୟ ଆନ୍ଧ୍ର ଓ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି। ପୁନଶ୍ଚ ଏହା ଯଦି ▶ପୃଷ୍ଠା-୭

### ପୁଲିସ ଚାକିରି ବେପାର

## ଶଙ୍କର, ସୁରେଶ, ସାଗରଙ୍କ ଜାମିନ ଆବେଦନ ଖାରଜ

■ ବ୍ରହ୍ମପୁର, ୨୦।୧୧ (ସମିସ): ବହୁଚର୍ଚ୍ଚିତ ପୁଲିସ ଏସ୍ଆଇ କେଳେଙ୍କାରୀ ମାମଲାର ତଦନ୍ତଭାର ସିବିଆଇକୁ ଦେବା ନିମନ୍ତେ ବ୍ରହ୍ମପୁର ଜେଏମଏଫସି କୋର୍ଟରେ ପିଟିସନ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ। ସେପଟେ ମାମଲାର ତଦନ୍ତ ପାଇଁ ବ୍ରହ୍ମପୁରରେ ପହଞ୍ଚିଛି ସିବିଆଇ ଟିମ୍। ଜଣେ ଓକିଲଙ୍କ ସମେତ ସିବିଆଇର ୪ ଜଣିଆ ଟିମ୍ ପ୍ରଥମେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ପହଞ୍ଚିଥିଲେ। କୋର୍ଟରେ ସିବିଆଇ ପକ୍ଷରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ପତ୍ରକୁ ଦାଖଲ କରାଯାଇଥିଲା। ପରେ ଏସ୍ଆଇ ପରୀକ୍ଷା କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ସିଲିକନ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ମାଲିକ ସୁରେଶ ଚନ୍ଦ୍ର ନାୟକ, ଦଲାଲ ଅରବିନ୍ଦ ଦାସ ଓ ଏଜେଣ୍ଟ ସାଗର ଗୌଡ଼ଙ୍କ ଜାମିନ ଆବେଦନର ଶୁଣାଣି ବେଳେ ସିବିଆଇ ଓକିଲ ଜାମିନ ଆବଦେନକୁ ବିରୋଧ କରିଥିଲେ। ଉଭୟପକ୍ଷର ଓକିଲଙ୍କଠାରୁ ଶୁଣିବା ପରେ ଭିଜିଲାନ୍ସ ଜଜ୍ ▶ପୃଷ୍ଠା-୭

### ଆଡ୍‌ମିସନ୍ ପରେ ବଦଳିଗଲା ନିଟ୍ ର୍ୟାଙ୍କ

## ଗୋଟିଏ କ୍ଲାସ୍ ପରେ ବିଦା କରିଦେଲା ଭିମସାର୍



■ ସମ୍ବଲପୁର, ୨୦।୧୧ (ସମିସ): ସେଦିନ ପୁଅର ନିଟ୍ ର୍ୟାଙ୍କ ଦେଖି ବାପାର ଛାତି କୁଣ୍ଢେମୋଟ ହୋଇଯାଇଥିଲା। ଚଷାଘର ପୁଅ ଡାକ୍ତର ହେବ, ରୋଗୀ ସେବା କରିବ, ନାଁ କମେଇବ; ଦିନ ଆଲୁଅରେ ଠିଆଠିଆ ଏମିତି କେତେ ସ୍ୱପ୍ନ ଦେଖିଯାଇଥିଲେ ବରଗଡ଼ର ସୁଦାମ ସାହୁ। ପୁଅ ମୁକେଶ ସାହୁ ସର୍ବଭାରତୀୟ ସ୍ତରରେ ନିଟ୍ ରାଙ୍କ ୨୬,୪୫୯ ରଖି ସରକାରୀ ମେଡିକାଲ କଲେଜରେ ନିଜର ସିଟ୍‌ଟିଏ ପକା କରିଦେଇଥିଲା। ଦିନ ଗଡ଼ିବା ସହ ଆଡ୍‌ମିସନ୍ ପ୍ରକ୍ରିୟା ଆଗେଇଲା। କାଉନସେଲିଂ, ଆଡ୍‌ମିସନ୍ ପ୍ରକ୍ରିୟାରେ ଯେପରି କୌଣସି ତ୍ରୁଟି-ବିଚ୍ୟୁତି ନ ରୁହେ, ସେଥିପ୍ରତି ପୂରା ଧ୍ୟାନ ଦେଇ ଭୀମସାର୍‌ରେ ପୁଅର ଆଡମିସନ୍ କରାଇଲେ ସୁଦାମ। ଏଥିପାଇଁ ସ୍ତ୍ରୀର ଗହଣାଗାଣ୍ଠିକୁ ବି ବନ୍ଧା ପକାଇଦେଲେ। କିନ୍ତୁ, ପୁଅ ସେଠି ଗୋଟିଏ ଦିନ କ୍ଲାସ୍ କରିବା ପରେ ମେଡିକାଲ କଲେଜ କର୍ତ୍ତୃପକ୍ଷ ତାଙ୍କୁ ବାହାର କରିଦେଲେ। କର୍ତ୍ତୃପକ୍ଷଙ୍କ କହିବା କଥା, ମୁକେଶଙ୍କ ଉପଯୁକ୍ତ ର୍ୟାଙ୍କ ନାହିଁ। ୱେବ୍‌ସାଇଟ୍‌ରେ ଦେଖିଲେ, ଏବେ ମୁକେଶଙ୍କ ର୍ୟାଙ୍କ ୧୭ଲକ୍ଷ ଦେଖାଉଛି। ତେବେ ରାତାରାତି ପୁଅର ର୍ୟାଙ୍କ କିପରି ବଦଳିଗଲା, ତାହା ସୁଦାମଙ୍କ ଚାଷୀମୁଣ୍ଡରେ ପଶୁନାହିଁ। ମୁକେଶ ବି କିଛି ବୁଝିପାରୁନାହାନ୍ତି। ଏବେ ବାପ-ପୁଅ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛନ୍ତି। କାହା ପାଖକୁ ଯିବେ, ଅଭିଯୋଗ କରିବେ; କିଛି ଜାଣିପାରୁନାହାନ୍ତି।

ମୁକେଶଙ୍କ କହିବାନୁସାରେ, ସେ ଆଡମିସନ୍ ନେବା ସହ ଆଜି ବାୟୋକେମେଷ୍ଟ୍ରି କ୍ଲାସ୍ ମଧ୍ୟ କରିଥିଲେ। କିନ୍ତୁ ହଷ୍ଟେଲ ଆଡମିସନ୍ ପାଇଁ ଗଲା ବେଳକୁ ସବୁ ଓଲଟପାଲଟ ହୋଇଗଲା। ତାଙ୍କର ପର୍ଯ୍ୟାପ୍ତ ର୍ୟାଙ୍କ ନାହିଁ ଓ ପାଠପଢ଼ା ହୋଇପାରିବ ନାହିଁ ବୋଲି ତାଙ୍କୁ ଜଣାଇବା ସହ ଭିମସାରରୁ ବାହାର କରି ଦିଆଯାଇଛି। ସେପଟେ, ଏଭଳି ଘଟଣା ପରେ ବାପା ସୁଦାମ ଭାଙ୍ଗି ▶ପୃଷ୍ଠା-୭

## ୬ ମାସ ମଧ୍ୟରେ ଟ୍ରମ୍ପଙ୍କ ଶିବିରକୁ ଫେରିଲେ ମସ୍କ

ୱାସିଂଟନ, ୨୦।୧୧(ଏଜେନ୍ସି): ଟେସ୍‌ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲନ ମସ୍କ ପୁଣିଥରେ ଆମେରିକା ରାଜନୀତିର କେନ୍ଦ୍ରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିବାଦ ଓ ମୁକାବିଲାମୂଳକ ସ୍ଥିତି ପରେ ସେ ରାଜଧାନୀ ୱାସିଂଟନରେ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ସାଉଦି ରାଜକୁମାର ମହମ୍ମଦ ବିନ୍ ସଲମାନଙ୍କ ସମ୍ମାନରେ ଆୟୋଜିତ ଟ୍ରମ୍ପଙ୍କ ନୈଶ୍ୟଭୋଜିରେ ମସ୍କ ସାମିଲ ହୋଇଥିଲେ। ମସ୍କ ଏଥିସହ ନିଜର ନୂଆ ପାର୍ଟି ଗଢ଼ିବା ଯୋଜନାକୁ ମଧ ରଦ୍ଦ କରିଛନ୍ତି। ୨୦୨୬ରେ ଆୟୋଜନ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀଙ୍କୁ ସମର୍ଥନ କରିବେ ଓ ଏଥିପାଇଁ ପାଣ୍ଠି ପ୍ରଦାନ କରିବେ ବୋଲି କହିଛନ୍ତି। ଟ୍ରମ୍ପଙ୍କ ସହ ସେ ଆଉ ବିବାଦ ନୁହେଁ, ବନ୍ଧୁତ୍ୱ ସ୍ଥାପନ କରିବାକୁ ଇଚ୍ଛୁକ ବୋଲି କହିଛନ୍ତି। ୬ ମାସ ତଳେ ମସ୍କ ଓ ଟ୍ରମ୍ପ ମୁହାଁମୁହିଁ ହୋଇଥିଲେ। ସେତେବେଳେ ଟ୍ରମ୍ପ ପ୍ରଶାସନର 'ବିଗ୍ ବ୍ୟୁଟିଫୁଲ ବିଲ୍' ଓ ନିଜର ନକଟତର ଜେରେଡ ଆଇଜ୍ୟାକମ୍ୟାନଙ୍କୁ ନାସା ମୁଖ୍ୟ ନ କରିବାରୁ ମସ୍କ ଅସନ୍ତୁଷ୍ଟ ଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ଉପୁଜିଥିଲା। କେବଳ ସେତିକି ନୁହେଁ, ଟ୍ରମ୍ପ ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ସମ୍ପର୍କରେ ଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଫଳରେ ଦୁହିଁଙ୍କ ସମ୍ପର୍କ ଆହୁରି ଖରାପ ହୋଇଥିଲା। ଏପଷ୍ଟିନଙ୍କ ସହ ଜଡିତ କାଗଜପତ୍ରକୁ ଏଥିପାଇଁ ଟ୍ରମ୍ପ ଜାରି କରିନାହାନ୍ତି। କାରଣ ସେ ମଧ ଜଡିତ ଅଛନ୍ତି ବୋଲି ମସ୍କ କହିଥିଲେ। ଫଳରେ ଟ୍ରମ୍ପ ଓ ମସ୍କଙ୍କ ବିବାଦ ଆହୁରି ଘନୀଭୂତ ହୋଇଥିଲା।

## ଭାରତରୁ ପ୍ରତିଦିନ ୧୫୦ ବେଆଇନ ବାଂଲାଦେଶୀ ଫେରୁଛନ୍ତି: ବିଏସ୍‌ଏଫ୍

ନୂଆଦିଲ୍ଲୀ/କୋଲକାତା, ୨୦।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ଭାରତ ଓ ବାଂଲାଦେଶ ସୀମାରେ ନିୟୋଜିତ ଥିବା ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍) ବଡ଼ ଦାବି କରିଛି। ରାଜ୍ୟରେ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର) ଚାଲିଥିବାରୁ ଭାରତରେ ରହୁଥିବା ବହୁ ସଂଖ୍ୟାରେ ଅବୈଧ ବାଂଲାଦେଶ ନାଗରିକ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଉତ୍ତର ୨୪ ପ୍ରଗଣା, ମୁର୍ଶିଦାବାଦ୍ ଓ ମାଲଦା ଜିଲ୍ଲାର ବିନା ବାଡ଼ ଥିବା ଅଞ୍ଚଳ ଦେଇ ଦିନକୁ ୧୫୦ ବାଂଲାଦେଶୀ ନିଜ ଘରକୁ ଫେରୁଛନ୍ତି। ଚେକ୍ ପୋଷ୍ଟରେ ଛୋଟ ବ୍ୟାଗ୍‌ରେ ନିଜ ଜିନିଷଧରି ଧାଡ଼ିରେ ଠିଆ ହେଉଛନ୍ତି ବୋଲି ବିଏସ୍‌ଏଫ୍‌ର ଯବାନମାନେ କହିଛନ୍ତି। ଏମାନେ ଖୋଲାଖୋଲି ଭାବେ ନିଜକୁ ବାଂଲାଦେଶୀ ଓ ବହୁ ବର୍ଷ ତଳେ ବେଆଇନ୍ ଭାବେ ଭାରତ ଆସିଥିବା କଥା ସ୍ୱୀକାର କରୁଛନ୍ତି। ସୀମାରେ ଏହି ଅବୈଧ ବାଂଲାଦେଶୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଏସ୍‌ଏଫ୍ ଓ ପଶ୍ଚିମବଙ୍ଗ ପୁଲିସ ଉପରେ ଚାପ ବୃଦ୍ଧି ପାଇଛି। ଏମାନଙ୍କୁ ଦୁଇପଟେ ଧରାଯାଉଥିବା ବ୍ୟକ୍ତିଙ୍କର ବାୟୋମେଟ୍ରିକ ଭେରିଫିକେଶନ, ପଚରାଉଚରା ଓ ଆପରାଧିକ ପୃଷ୍ଠଭୂମି ନେଇ ଯାଞ୍ଚ କରିବାକୁ ପଡୁଛି। ଅନ୍ୟପଟେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏସ୍‌ଆଇଆରକୁ ରୋକିବା ପାଇଁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ଚିଠି ଲେଖିଛନ୍ତି। ସେ ଏହି ପ୍ରକ୍ରିୟାକୁ ବିପଜ୍ଜନକ ଏବଂ ଜୋର ଜବରଦସ୍ତି ଲଦା ଯାଇଥିବା କହିଛନ୍ତି। ଏସ୍‌ଆଇଆରକୁ ରଦ୍ଦ କରିବା ପାଇଁ ମମତା ଦାବି କରିଛନ୍ତି। ଏହି ପ୍ରକ୍ରିୟାରେ ଅନେକ ତ୍ରୁଟି ରହିଥିବା ସେ ଅଭିଯୋଗ କରିଛନ୍ତି।

## ଶିକ୍ଷିତ ଆତଙ୍କବାଦୀ ସବୁଠୁ ବିପଜ୍ଜନକ: ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ, ୨୦।୧୧(ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଗୁରୁବାର ସୁପ୍ରିମକୋର୍ଟରେ ଚାଲିଥିବା ଶୁଣାଣିରେ ଦିଲ୍ଲୀ ପୁଲିସ୍ ପକ୍ଷରୁ ମତ ରଖାଯାଇଛି। କୁହାଯାଇଛି, ଶିକ୍ଷିତ ଲୋକେ ଯେତେବେଳେ ଆତଙ୍କବାଦୀ ହୁଅନ୍ତି ସେମାନେ ସାଧାରଣ ଦଙ୍ଗାକାରୀଙ୍କଠାରୁ ଆହୁରି ବିପଜ୍ଜନକ ହୋଇଥାନ୍ତି। ଦେଶ ବିରୋଧୀ ଗତିବିଧି ସହ ଡାକ୍ତର ଓ ଇଞ୍ଜିନିୟରମାନେ ସାମିଲ ହେବା ଏବେ ଏକ ଟ୍ରେଣ୍ଡରେ ପରିଣତ ହୋଇଛି। ଏମାନେ ସରକାରଙ୍କ ଅର୍ଥରେ ପାଠପଢ଼ିଥାନ୍ତି ଓ ପରେ ଦେଶ ବିରୋଧରେ କାର୍ଯ୍ୟ କରିଥାନ୍ତି। ଦିଲ୍ଲୀ ପୁଲିସ ଏହି ଶୁଣାଣିରେ ସରଜିଲ ଇମାମଙ୍କ ଉତ୍ତେଜକ ଭାଷଣର ଭିଡିଓ କୋର୍ଟରେ ଉପସ୍ଥାପନ କରିଥିଲା। ଏହି ଭିଡିଓରେ ସରଜିଲ୍ ନାଗରିକତା ସଂଶୋଧନ ଆଇନ୍ (ସିଏଏ) ଓ ଏନ୍‌ଆରସି ବିରୋଧରେ ଏହି ଉତ୍ତେଜକ ଭାଷଣ ଦେଉଥିବାର ଦେଖାଯାଇଛି। ଏହି ଭାଷଣ ଦ୍ୱାରା ସ୍ଥିତି ବିଗିଡ଼ିଥିଲା ଓ ଜନତାଙ୍କୁ ଉସ୍‌କାଇବା ଭଳି କାର୍ଯ୍ୟ ହୋଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଆସିବା ସମୟରେ ହିଁ ଦଙ୍ଗାସୃଷ୍ଟି କରିବାକୁ ଗଭୀର ଓ ସୁଚିନ୍ତିତ ଷଡଯନ୍ତ୍ର କରାଯାଇଥିଲା। ଏହି ଦଙ୍ଗାରେ ୫୩ ଜଣ ମୃତ୍ୟୁବରଣ କରିଥିଲେ।

## ଏଟିଏମ୍ ଭ୍ୟାନ୍‌ରୁ ୭ କୋଟି ଲୁଟ୍


ବେଙ୍ଗାଲୁରୁ, ୨୦।୧୧(ଏଜେନ୍ସି): ବେଙ୍ଗାଲୁରୁରେ ଚଳଚ୍ଚିତ୍ର ଶୈଳୀରେ ଏକ ବଡ଼ଧରଣର ଲୁଟ୍ ହୋଇଛି। ଏକ ଏଟିଏମ୍ କ୍ୟାସ ଭ୍ୟାନରୁ ଲୁଟେରାମାନେ ୭ କୋଟି ଟଙ୍କା ଲୁଟ୍ କରିଛନ୍ତି। ବୁଧବାର ଅପରାହ୍ଣ ୧୨.୩୦ରେ ଏହି ଘଟଣା ଘଟିଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଅଧିକାରୀ ପରିଚୟ ଦେବା ସହ ଲୁଟେରାମାନେ କ୍ୟାସ୍ ଭ୍ୟାନ୍‌କୁ ରାସ୍ତାରେ ଅଟକାଇ ଟଙ୍କା ନେଇ ପଳାଇଯାଇଥିଲେ। ଏହାପରେ ପୁଲିସ ଏହି ଭ୍ୟାନକୁ ଜୟଦେବ ସର୍କଲ ଫ୍ଲାଏଓଭର ପୋଲ ନିକଟରେ ଠାବ କରିଥିଲା। ପୁଲିସ ଭ୍ୟାନର ଡ୍ରାଇଭର, ଦୁଇଜଣ ସୁରକ୍ଷାକର୍ମୀ ଓ ଜଣେ କ୍ୟାସ୍ ଡିପୋଜିଟରଙ୍କୁ ପଚରାଉଚରା ପାଇଁ ଅଟକ ରଖିଛି।

## ପ୍ରଶାନ୍ତ କିଶୋରଙ୍କ ମୌନବ୍ରତ

ପାଟନା, ୨୦।୧୧ (ଏଜେନ୍ସି): ଦଶମ ଥର ପାଇଁ ନୀତୀଶ କୁମାର ଆଜି ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ ନିର୍ବାଚନରେ କୌଣସି ଖାତା ଖୋଲି ପାରି ନ ଥିବା ପ୍ରଶାନ୍ତ କିଶୋର ମୌନ ବ୍ରତ କରିଛନ୍ତି। ସେ ଭିତିହାରୱା ଗାନ୍ଧୀ ଆଶ୍ରମରେ ଏହି ଦିନିକିଆ ବ୍ରତ କରି କେବେ ପଛଘୁଞ୍ଚା ଦେବେ ନାହିଁ ବୋଲି ସଙ୍କେତ ଦେଇଛନ୍ତି। ସେ ପୂର୍ବରୁ କହିଥିଲେ ଯେ ବିହାରକୁ ଉନ୍ନତ ନ କରିବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବେ। କାହିଁକି ନୂଆ ବ୍ୟବସ୍ଥାର ଆବଶ୍ୟକତା ରହିଛି ତାହା ଲୋକଙ୍କୁ ବୁଝାଇବାରେ ସେ ବିଫଳ ହୋଇଥିବା ମଧ ସ୍ୱୀକାର କରିଥିଲେ।

### ୧୦୦ଥର ବସ୍‌ଉଠ କରାଇଥିବା ଶିକ୍ଷୟିତ୍ରୀ ଗିରଫ

## ଅସୁସ୍ଥ ଅନୁଭବ କରିବା ପରେ ମୃତ୍ୟୁବରଣ କରିଥିଲେ ଛାତ୍ରୀ



ପାଲ୍‌ଘର, ୨୦।୧୧(ଏଜେନ୍ସି): ମହାରାଷ୍ଟ୍ର ପାଲଘରରେ ଜଣେ ଶିକ୍ଷୟିତ୍ରୀ ତାଙ୍କର ଜଣେ ଛାତ୍ରୀଙ୍କୁ ବିଳମ୍ବରେ ସ୍କୁଲକୁ ଆସିବାରୁ ୧୦୦ ଥର ବସ୍‌ଉଠ୍ ହେବାର ଦଣ୍ଡ ପ୍ରଦାନ କରିଥିଲେ। ଏହାପରେ ଅସୁସ୍ଥ ହୋଇ ୧୨ ବର୍ଷର ଏହି ଛାତ୍ରୀ ମୃତ୍ୟୁବରଣ କରିଥିଲେ। ଗୁରୁବାର ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ହତ୍ୟା ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ଏହି ଘଟଣା ନଭେମ୍ବର ୮ରେ ଘଟିଥିଲା। ଛାତ୍ରୀଜଣଙ୍କ ଅସୁସ୍ଥ ହେବା ପରେ ତାଙ୍କ ଚିକିତ୍ସା କରାଯାଇଥିଲା। କିନ୍ତୁ ୭ ଦିନ ପରେ ନଭେମ୍ବର ୧୩ରେ ଛାତ୍ରୀଜଣକ ମୃତ୍ୟୁବରଣ କରିଥିଲେ। ଏହି ଶିକ୍ଷୟିତ୍ରୀଙ୍କ ନାମ ହେଉଛି ମମତା। ତାଙ୍କୁ ବସଇ ଅଞ୍ଚଳରେ ଥିବା ସତୀବାଲିର ଘରୋଇ ସ୍କୁଲ୍‌ରୁ ପୂର୍ବରୁ ହଟାଇ ଦିଆଯାଇଛି। ଏହା ପରେ ପୁଲିସ ମାମଲା ରୁଜୁ କରି ମମତାଙ୍କୁ ଗିରଫ କରିଛି। ଏହି ଘଟଣା ନେଇ ବମ୍ବେ ହାଇକୋର୍ଟରେ ଏକ ଆବେଦନ ଦାଏର କରାଯାଇଥିଲା। ହାଇକୋର୍ଟ ନିଜେ ଏ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ଆଇଟି ଯାଞ୍ଚ କରିବାକୁ ଓ ସ୍କୁଲ ଓ ଶିକ୍ଷୟିତ୍ରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

### ଦିଲ୍ଲୀ ଛାତ୍ର ଆତ୍ମହତ୍ୟା ମାମଲା

## ସର୍ବସାଧାରଣରେ ଶିକ୍ଷକ ଅପମାନିତ କରିଥିବା ଅଭିଯୋଗ



ନୂଆଦିଲ୍ଲୀ, ୨୦।୧୧(ଏଜେନ୍ସି): ଦିଲ୍ଲୀର ସେଣ୍ଟ କଲମ୍ବିଆ ସ୍କୁଲ୍‌ର ଛାତ୍ର ସୌର୍ଯ୍ୟଙ୍କ ଆତ୍ମହତ୍ୟା ମାମଲାକୁ ନେଇ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ସ୍କୁଲର ଶିକ୍ଷକ ସର୍ବସାଧାରଣରେ ଛାତ୍ରଙ୍କୁ ଅପମାନିତ କରିଛନ୍ତି ବୋଲି ତାଙ୍କ ମାତାପିତା ଅଭିଯୋଗ କରିଛନ୍ତି। ସୌର୍ଯ୍ୟଙ୍କୁ ଅପମାନିତ କରାଯାଇଥିଲା ବୋଲି ତା'ର ସହପାଠୀ କହିଥିବା ପିତା ପ୍ରଦୀପ ପାଟିଲ ଉଲ୍ଲେଖ କରିଛନ୍ତି। ନଭେମ୍ବର ୧୮ରେ ଏକ ନୃତ୍ୟ ଅଭ୍ୟାସରେ ଗୋଡ଼ ଖସିଯିବା କାରଣରୁ ସୌର୍ଯ୍ୟ ତଳେ ପଡ଼ିଯାଇଥିଲେ। ଫଳରେ ଜଣେ ଶିକ୍ଷକ ତାଙ୍କୁ ଗାଳି କରିଥିଲେ। ସେ ଯେତେବେଳେ କାନ୍ଦିଥିଲା, ଶିକ୍ଷକ କହିଥିଲେ ଯେ, କାନ୍ଦେ ଯେତେ କାନ୍ଦିବୁ ମୋ ଉପରେ କୌଣସି ଫରକ ପଡ଼ିବ ନାହିଁ। ଏତିକି ବେଳେ ସ୍କୁଲ୍‌ର ପ୍ରିନସପାଲ ମଧ ଉପସ୍ଥିତ ଥିଲେ। କିନ୍ତୁ କେହି ତାଙ୍କୁ ସମବେଦନା ଜଣାଇ ନ ଥିଲେ। ଫଳରେ ନଭେମ୍ବର ୧୮ରେ ୧୬ ବର୍ଷୀୟ ସୌର୍ଯ୍ୟ ରାଜେନ୍ଦ୍ର ନଗର ମେଟ୍ରୋ ଷ୍ଟେସନ ଉପରୁ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ବୁଧବାର ପ୍ରଦୀପ ପ୍ରିନ୍‌ସପାଲ, କୋର୍ଡିନେଟର ଓ ଶିକ୍ଷକମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ପୁଅ ଉପରେ ସ୍କୁଲ ତରଫରୁ ଲଗାତର ମାନସିକ ଚାପ ପ୍ରୟୋଗ କରାଯାଉଥିଲା। ତାଙ୍କ ପତ୍ନୀ ତଥା ସୌର୍ଯ୍ୟଙ୍କ ମା ଏ ନେଇ ପୂର୍ବରୁ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା ବୋଲି ପ୍ରଦୀପ କହିଛନ୍ତି।

# ଭାରତ ବିରୋଧରେ ଟ୍ରମ୍ପଙ୍କ ଅପପ୍ରଚାର

## ■ 'ଅପରେସନ ସିନ୍ଦୂର'ରେ ପାକିସ୍ତାନଠୁ ହାରିଛି ଭାରତ: ଆମେରିକା ରିପୋର୍ଟ

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପୁଣି ଭାରତ ବିରୋଧୀ ପଦକ୍ଷେପ ଗ୍ରହଣ କରିଛି। ଗୋଟିଏ ପଟେ ବନ୍ଧୁତ୍ୱର ହାତ ବଢାଉଥିବାବେଳେ ଅନ୍ୟପଟେ ବିଶ୍ୱାସଘାତ କରୁଛି। ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଅପପ୍ରଚାର ଚଲାଇ ଭାରତକୁ ବଦନାମ କରିବାକୁ ପ୍ରୟାସ କରିଚାଲିଛି। ମେ'ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ୪ ଦିନ ପର୍ଯ୍ୟନ୍ତ ହୋଇଥିବା ସଂଘର୍ଷ ତଥା 'ଅପରେସନ ସିନ୍ଦୂର'ରେ ପାକିସ୍ତାନଠାରୁ ଭାରତ ହାରି ଯାଇଥିଲା ବୋଲି ଆମେରିକା ପକ୍ଷରୁ ଜାରି ଏକ ରିପୋର୍ଟରେ ଦାବି କରାଯାଇଛି। ଏଥିରେ ପହଲଗାମ ଆକ୍ରମଣକୁ ମଧ ଆତଙ୍କବାଦୀ ଘଟଣା କୁହାଯାଇ ନାହିଁ। ଏହାକୁ 'ବିଦ୍ରୋହୀଙ୍କ ଆକ୍ରମଣ' ଧରାଯାଇଛି। ୮୦୦ ପୃଷ୍ଠାର ଏହି ରିପୋର୍ଟକୁ ୟୁଏସ-ଚୀନ୍ ଇକୋନମିକ ଆଣ୍ଡ ସିକ୍ୟୁରିଟି ରିଭ୍ୟୁ କମିଶନ ତଥା ୟୁଏସସିସି ପକ୍ଷରୁ ଜାରି କରାଯାଇଛି। କଂଗ୍ରେସ ନେତା ଜୟରାମ ରମେଶ ଏହି ରିପୋର୍ଟକୁ ତୀବ୍ର ବିରୋଧ କରିଛନ୍ତି। ସେ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ଏବଂ ବିଦେଶ ମନ୍ତ୍ରୀ ଏହି ରିପୋର୍ଟକୁ ନେଇ ଆପତ୍ତି ଉଠାଇ ବିରୋଧ କରିବେ କି ବୋଲି ପଚାରିଛନ୍ତି। ଏହା ଭାରତର କୂଟନୀତି ପାଇଁ ବଡ଼ ଝଟ୍‌କା ବୋଲି ରମେଶ କହିଛନ୍ତି।



ରିପୋର୍ଟରେ କୁହାଯାଇଛି ଯେ 'ଅପରେସନ ସିନ୍ଦୂର'ରେ ଭାରତର ୬ଟି ଲଢୁଆ ବିମାନକୁ ପାକିସ୍ତାନ ଖସାଇ ଥିବା ଦାବି କରିଥିଲା। ଏଥିରେ ରାଫେଲ ସାମିଲ ଥିବା ମଧ କୁହାଯାଇଛି। ତେବେ ପ୍ରକୃତରେ କେବଳ ତିନୋଟି ବିମାନ ଖସା ଯାଇଥିବା ସୂଚନା ମିଳିଥିବା ଉଲ୍ଲେଖ କରାଯାଇଛି। ଏହା ଦ୍ୱାରା ରାଫେଲର ଛବି ଖରାପ ହୋଇଛି। ୟୁଏସସିସି ପକ୍ଷରୁ କୁହାଯାଇଛି ଯେ ଭାରତ ଏବଂ ପାକିସ୍ତାନ ଏହି ଯୁଦ୍ଧକୁ ନିଜର ଆଧୁନିକ ଅସ୍ତ୍ରଶସ୍ତ୍ରକୁ ବିଶ୍ୱକୁ ଦେଖାଇବା ପାଇଁ ବ୍ୟବହାର କରିଥିଲେ। ସଂଘର୍ଷ ପରେ ଚୀନ୍ ଦୂତାବାସ ସାରା ବିଶ୍ୱରେ ନିଜ ଅସ୍ତ୍ରଶସ୍ତ୍ରର ପ୍ରଶଂସା କରିଥିଲା। ଭାରତୀୟ ଲଢୁଆ ବିମାନକୁ ଖସାଇବା ପାଇଁ ପାକିସ୍ତାନ ଏହାକୁ ବ୍ୟବହାର କରିଥିବା କୁହାଯାଇଥିଲା। ଭାରତ-ପାକିସ୍ତାନ ସଂଘର୍ଷର ୫ ମାସ ପରେ ଚୀନ୍ ଇଣ୍ଡୋନେସିଆକୁ ୪୨ଟି ଜେ-୧୦ସି ଲଢୁଆ ବିମାନ ବିକିବା ପାଇଁ ଚୁକ୍ତି କରିଥିଲା। ରିପୋର୍ଟ ଅନୁଯାୟୀ ପାକିସ୍ତାନ ଏହି ଲଢ଼େଇରେ ଚୀନ୍‌ର ଏଚ୍‌କ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମ, ପିଏଲ-୧୫ କ୍ଷେପଣାସ୍ତ୍ର ଏବଂ ଜେ-୧୦ ଲଢୁଆ ବିମାନ ବ୍ୟବହାର କରିଥିଲା।

### ■ ପହଲଗାମ ଆକ୍ରମଣକୁ ଆତଙ୍କବାଦୀ ଆକ୍ରମଣ ମାନିଲାନି

## ଆରବ ସାଗରରେ ଆମେରିକା ସମର୍ଥନରେ ଦ୍ୱୀପ ନିର୍ମାଣ କରିବ ପାକିସ୍ତାନ

ଇସ୍‌ଲାମାବାଦ୍, ୨୦।୧୧(ଏଜେନ୍ସି): ପାକିସ୍ତାନ ଆରବ ସାଗରରେ ଏବେ ଏକ କୃତ୍ରିମ ଦ୍ୱୀପ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛି। ସମୁଦ୍ରରେ ତୈଳ ଖୋଜିବା ପ୍ରକ୍ରିୟା ପାଇଁ ଏକ ସ୍ଥାୟୀ ପୃଷ୍ଠଭୂମି ଭଳବେ ଏହି ଦ୍ୱୀପକୁ ବ୍ୟବହାର କରାଯିବ ବୋଲି ପାକିସ୍ତାନ ସରକାର କହିଛନ୍ତି। ପାକିସ୍ତାନ ପେଟ୍ରୋଲିୟମ ଲିମିଟେଡ (ପିପିଏଲ୍) ଏହି ପ୍ରସ୍ତାବିତ ପ୍ରକଳ୍ପର ନେତୃତ୍ୱ ନେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ମିଳିବା ପରେ ପାକିସ୍ତାନ ଏହି ନିଷ୍ପତ୍ତି ନେଇଛି। ଗତ ଜୁଲାଇରେ ଟ୍ରମ୍ପ ଘୋଷଣା କରିଥିଲେ ଯେ, ଆମେରିକା ଓ ପାକିସ୍ତାନ ମିଳିତ ଭାବେ ତୈଳ ଭଣ୍ଡାରର ବିକାଶ କରିବେ। ଯଦି ଏଥିରେ ତୈଳ ମିଳେ ଭାରତ ମଧ ପାକିସ୍ତାନଠୁ କ୍ରୟ କରିବ ବୋଲି ଟ୍ରମ୍ପ କହିଥିଲେ। ଏହି କୃତ୍ରିମ ଦ୍ୱୀପ ସାହାଯ୍ୟରେ ପାକିସ୍ତାନ ୨୫ଟି ତୈଳକୂପ ଖୋଳିବାକୁ ଯୋଜନା ରଖିଛି। ସିନ୍ଧ ରାଜ୍ୟ ଉପକୂଳରୁ ୩୦କିମି ଦୂରରେ ଥିବା ସୁଜାବଲ ଅଞ୍ଚଳରେ ଏହି ଦ୍ୱୀପ ସୃଷ୍ଟି କରାଯିବ। ସୁଜାବଲ କରାଚୀଠାରୁ ପାଖାପାଖି ୧୩୦ କିମି ଦୂରରେ ଅବସ୍ଥିତ। ସୂଚନା ଯୋଗ୍ୟ ଯେ, ପାକିସ୍ତାନ ଆଶୋଧିତ ତୈଳ କ୍ରୟ କରିବାରେ ୫୦ତମ ସ୍ଥାନରେ ରହିଛି। ପାକିସ୍ତାନ ୮୦ ପ୍ରତିଶତରୁ ଅଧିକ ଆଶୋଧିତ ତୈଳ କ୍ରୟ କରୁଛି।

## ବିସ୍ଫୋରଣ ଷଡ଼ଯନ୍ତ୍ରକାରୀ ସମେତ ୫ ଗିରଫ

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ତଦନ୍ତ କରୁଥିବା ଏନ୍‌ଆଇଏ ୫ ଜଣ ପ୍ରମୁଖ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିଛି। ଏ ପର୍ଯ୍ୟନ୍ତ ଏହି ମାମଲାରେ ଏନଆଇଏ ୭ ଜଣଙ୍କୁ ଗିରଫ କଲାଣି। ଗିରଫ ଅଭିଯୁକ୍ତ ଅନନ୍ତନାଗ କାଜିଗୁଣ୍ଡର ବାସିନ୍ଦା ତଥା ସକ୍ରିୟ ଷଡ଼ଯନ୍ତ୍ରକାରୀ ଜସିର ବିଲାଲ ୱାନୀ ଓରଫ ଦାନିଶ ରହିଛି। ଅନ୍ୟମାନଙ୍କ ମଧ୍ୟରେ ପୁଲୱାମାର ଡ. ମୁଜାମିଲ ସକିଲ ଗନି, ଅନନ୍ତନାଗର ଡ. ଅଦିଲ ଅହମ୍ମଦ ରାଥର, ସୋପିଆନର ମୁଫ୍‌ତି ଇର୍ଫାନ ଅହମ୍ମଦ ଏବଂ ଲକ୍ଷ୍ନୌର ଡ. ସାହିନ ସୈୟିଦ ମଧ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ। ଏହି ଚାରି ଜଣଙ୍କୁ ପଟିଆଲା ହାଉସ କୋର୍ଟରେ ହାଜର କରାଯାଇଛି। କୋର୍ଟ ଆଜି ଏହି ଚାରି ଅଭିଯୁକ୍ତଙ୍କୁ ୧୦ ଦିନ ପାଇଁ ଏନ୍‌ଆଇଏ ହେପାଜତକୁ ପଠାଇ ଦେଇଛନ୍ତି। ପୂର୍ବରୁ ଏହି ଅଭିଯୁକ୍ତ ଜମ୍ମୁ-କଶ୍ମୀର ସହିତ ଅନ୍ୟ ରାଜ୍ୟର ପୁଲିସ ହେପାଜତରେ ଥିଲେ। ଏନଆଇଏର ସୂଚନା ଅନୁଯାୟୀ, ଜସିର ଆତ୍ମଘାତୀ ଉମର ଉନ ନବିର ଘନିଷ୍ଠ ସହଯୋଗୀ ଥିଲା। ସେ ଡ୍ରୋନ ଏବଂ ରକେଟ ମାଧ୍ୟମରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯାନ୍ତ୍ରିକ ସହାୟତା ଦେଇଥିଲା। ରକେଟ ନିର୍ମାଣରେ ମଧ ସହାୟତା କରିଥିଲା। ଦିଲ୍ଲୀ ବିସ୍ଫୋରଣ ପାଇଁ ସେ ଆତ୍ମଘାତୀ ବୋମା ଉମର ନବି ସହ ମିଶି କାମ କରିଥିଲା। ସେହିପରି ଅନ୍ୟ ଚାରି ଜଣ ଡାକ୍ତର ଏହି ବିସ୍ଫୋରଣେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କୁହାଯାଇଛି।

■ ଅଲ-ଫଲାହରୁ ପାସ୍ ହୋଇଥିବା ୨୦୦ ବ୍ୟକ୍ତିଙ୍କ ତାଲିକା ନେଲା ଏଜେନ୍ସି

■ ବିଦେଶ ଯିବାକୁ ବାହାରି ଥିଲେ ଅଲ-ଫଲାହ ଅଧ୍ୟକ୍ଷ ସିଦ୍ଦିକୀ

ଅନ୍ୟପକ୍ଷରେ ଫରିଦାବାଦର ଅଲ-ଫଲାହ ୟୁନିଭର୍ସିଟିରୁ ପରିଚାଳିତ ଆତଙ୍କବାଦୀ କାର୍ଯ୍ୟରେ ସାମିଲ ଡାକ୍ତର ଗୁପ୍ତ ଭାବେ ସେମାନଙ୍କ କାମ ଜାରି ରଖିଥିଲେ। ଆତଙ୍କବାଦୀ ନେଟୱାର୍କ ପ୍ରସ୍ତୁତ କରିବା ପାଇଁ ଡ.ମୁଜାମିଲ ସକିଲକୁ ନିଯୁକ୍ତି ଦାୟିତ୍ୱ ଦିଆଯାଇଥିଲା। ନୂଆ ନିଯୁକ୍ତି ପରେ ଡ. ସାଇନ ସୈୟିଦ ଏବଂ ଡ. ଉମର ନବି ସେମାନଙ୍କୁ ଆର୍ଥିକ ସହାୟତା ଦେଇ ବ୍ରେନୱାସ କରାଉଥିଲା। ଏହି ନେଟୱର୍କରେ ସାମିଲ ଥିବା କର୍ମଚାରୀଙ୍କ ପରିବାର ସଦସ୍ୟ ଏହି ସୂଚନା ଦେଉଛନ୍ତି। ଏଠାରେ ମୁଜାମିଲ ସର୍ଜନ ଭାବେ କାର୍ଯ୍ୟ କରୁଥିଲେ ବି ପରଦା ପଛରେ ରହି ଆତଙ୍କବାଦୀ ସୃଷ୍ଟି କରୁଥିଲା। ଏହି ୟୁନିଭର୍ସିଟିରୁ ପାସ୍ କରି ବିଭିନ୍ନ ସ୍ଥାନରେ ଚାକିରି କରୁଥିବା ୨୦୦ ବ୍ୟକ୍ତିଙ୍କ ତାଲିକା ସଂଗ୍ରହ କରିଛି ଏନ୍‌ଆଇଏ। ଏମାନେ ଆତଙ୍କବାଦୀଙ୍କୁ ସହାୟତା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା କୁହାଯାଉଛି। କିଛି ବ୍ୟକ୍ତି ବଂଲାଦେଶ ଏବଂ ଆଫଗାନିସ୍ତାନ ଯାଇଥିବା ମଧ ସନ୍ଦେହ କରାଯାଉଛି। ଏବେ ସେମାନଙ୍କୁ ଧରିବା ପାଇଁ ଏନଆଇଏ ପ୍ରୟାସ ଆରମ୍ଭ କରିଛି।

ଦିଲ୍ଲୀ ବିସ୍ଫୋରଣ ମାମଲାକୁ ନେଇ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ଯାଞ୍ଚ ଏଜେନ୍ସିର ରାଡାରରେ ରହିଛି। ଆତଙ୍କବାଦୀଙ୍କ ଶିକ୍ଷାକେନ୍ଦ୍ର ପାଲଟି ଥିବା ଏହି ବିଶ୍ୱବିଦ୍ୟାଳୟର ଅନେକ ଗୁମର ଖୋଲିବାରେ ଲାଗିଛି। ଏହାର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦ୍ଦିକିଙ୍କୁ ଗିରଫ କରି ଇଡି ରିମାଣ୍ଡକୁ ନେଇଛି। ତେବେ ସେ ବିଦେଶ ପଳାଇବାକୁ ଯୋଜନା କରିଥିଲେ ବୋଲି ଯାଞ୍ଚ ଏଜେନ୍ସି ପକ୍ଷରୁ କୁହାଯାଇଛି।

## କଶ୍ମୀର ଟାଇମ୍ସରେ ଏସ୍‌ଆଇଏ ଚଢ଼ଉ

ଶ୍ରୀନଗର, ୨୦।୧୧(ଏଜେନ୍ସି) ଜମ୍ମୁ-କଶ୍ମୀର ପୁଲିସର ଷ୍ଟେଟ୍ ଇନଭେଷ୍ଟିଗେସନ ଏଜେନ୍ସି (ଏସଆଇଏ) ଗୁରୁବାର 'କଶ୍ମୀର ଟାଇମ୍ସ' ଖବରକାଗଜ ଅଫିସରେ ଚଢ଼ଉ କରିଛି। ଏଠାରୁ ଏକେ-୪୭ ରାଇଫଲର କ୍ୟାଟ୍ରିଜ, ପିସ୍ତଲ ରାଉଣ୍ଡ ଏବଂ ହ୍ୟାଣ୍ଡ ଗ୍ରେନେଡ଼ ଜବତ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ପ୍ରକାଶନ ସଂସ୍ଥା ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଛି ବୋଲି ପୁଲିସ ଅଧିକାରୀ କହିଛନ୍ତି। ତେବେ କଶ୍ମୀର ଟାଇମସ ପକ୍ଷରୁ ଏହାର ଖଣ୍ଡନ କରାଯାଇଛି। ଏହି ସମ୍ବାଦପତ୍ରର ସମ୍ପାଦକଙ୍କ ପକ୍ଷରୁ କୁହାଯାଇଛି ଯେ ବିଭିନ୍ନ ସମୟରେ ଏହାକୁ ହଇରାଣ କରାଯାଉଛି। ଯେଉଁଥିପାଇଁ ୨୦୨୨ରୁ ଏହି ସମ୍ବାଦପତ୍ରର ମୁଦ୍ରିତ ପ୍ରକାଶନ ବନ୍ଦ ରହିଛି। ତେବେ ଡିଜିଟାଲ ପ୍ରକାଶନ ଜାରି ରହିଛି। କାହାରି ନାଲି ଆଖି ଆଗରେ ସମ୍ବାଦପତ୍ରର ସ୍ୱର ଦବିଯିବ ନାହିଁ।

## ବିବାଦରେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତା

ବ୍ୟାଙ୍କକ୍, ୨୦।୧୧ (ଏଜେନ୍ସି): ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତା (୨୦୨୫)କୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଛି। ଗ୍ରାଣ୍ଡ ଫିନାଲେର ଦିନକ ପୂର୍ବରୁ ବ୍ରହ୍ମାଣ୍ଡ ସୁନ୍ଦରୀ ଚୟନ କମିଟିର ଅଧ୍ୟକ୍ଷ ଏବଂ ଇଟାଲୀ ରାଜକୁମାରୀ କ୍ୟାମିଲା ଡି ବୋରବୋନ ବିଚାରକମଣ୍ଡଳୀରୁ ଇସ୍ତଫା ଦେଇଛନ୍ତି। ତୃତୀୟ ବିଚାରପତି ଭାବେ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହା ପୂର୍ବରୁ ସଙ୍ଗୀତକାର ଓମାର ହାରଫୁସ ଏବଂ ଫ୍ରାନ୍ସର ପୂର୍ବତନ ଫୁଟବଲର କ୍ଲାଉଡ ମାକଲେଲେ ଏହି ଜୁରିରୁ ବାହାରି ଯାଇଥିଲେ। ଏହି ଚୟନ କମିଟି ମୋଟ ୮ ସଦସ୍ୟ ଥାଆନ୍ତି। ୩ ବିଚାରକ ଛାଡିବା ପରେ ସଂଗଠନ ନତାଲୀ ଗ୍ଲୋବୋଭାଙ୍କୁ ସାମିଲ କରିଥିଲା। ଏବେ ବିଚାରକ ମଣ୍ଡଳୀରେ ମୋଟ ୬ ସଦସ୍ୟ ଅଛନ୍ତି। ଶୁକ୍ରବାର ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକରେ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଓମାର ଅଭିଯୋଗ ଲଗାଇ ଥିଲେ ଯେ ବିଚାରକ କମିଟି ପ୍ରସ୍ତୁତ ହେବା ପୂର୍ବରୁ ଆୟୋଜନକାରୀ ପ୍ରମୁଖ ୩୦ ପ୍ରତିଯୋଗୀଙ୍କୁ ଅଣ-ଆନୁଷ୍ଠାନିକ ଭାବେ ଚୟନ କରି ରଖିଥିଲା। ଆୟୋଜକଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ରଖିଥିବା ପ୍ରତିଯୋଗୀଙ୍କୁ ବଛା ଯାଇଥିଲା। ଏହା ପରେ ବିଚାରପତିମାନେ ଇସ୍ତଫା ଦେବାରେ ଲାଗିଥିଲେ।

## ନେପାଳରେ ପୁଣି ଜେନ୍-ଜେଡ୍ ଆନ୍ଦୋଳନ



ସିମାରା, ୨୦।୧୧(ଏଜେନ୍ସି): ନେପାଳରେ ପୁଣି ଜେନ୍-ଜେଡ୍ ଆନ୍ଦୋଳନ ମୁଣ୍ଡ ଟେକିଛି। ମଧେଶ ରାଜ୍ୟର ବାଡ଼ାରେ ବୁଧବାର ଜେନ୍ ବିକ୍ଷୋଭକାରୀ ଓ ଶାସକ ସିପିଏନ୍-ୟୁଏମ୍‌ଏଲ୍‌ର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ହିଂସା ଓ ସଂଘର୍ଷ ସୃଷ୍ଟି ହୋଇଥିଲା। ସ୍ଥିତି ନିୟନ୍ତ୍ରଣ ବାହରକୁ ଯିବା ପରେ ଅପରାହ୍ଣ ୧୨.୩୦ରୁ ରାତି ୮ ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ କରାଯାଇଥିଲା। ଫଳରେ ସିମରା ବିମାନ ବନ୍ଦରର କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ରହିଥିଲା। ୟୁଏମ୍‌ଏଲ୍‌ର ଶୀର୍ଷ ନେତା ଶଙ୍କର ପୋଖରେଲ ଓ ମହୋଶ ବେସ୍ନେତ ବୁଧବାର ପାର୍ଟିର 'ଯୁବି ଜାଗରଣ ଅଭିଯାନ' କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସିମରା ଆସିବାର ଥିଲା। କିନ୍ତୁ ଏହାକୁ ଜେନ୍-ଜେଡ୍ ବିରୋଧ କରିବାକୁ ଅପିଲ କରିଥିଲେ। ଏହାପରେ ସକାଳେ ଶହେରୁ ଦେଢ଼ଶହ ସିମରା ଛକରେ ଏକାଠି ହୋଇଥିଲେ ଓ ପାର୍ଟି କାର୍ଯ୍ୟକର୍ତ୍ତା ସହ ସେମାନଙ୍କର ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ପଥର ଫୋପଡ଼ା ଫୋପଡ଼ି ହେବା ସହ ମାଡପିଟ୍ ମଧ ହୋଇଥିଲା। ଫଳରେ ବିମାନ ବନ୍ଦରର ମୁଖ୍ୟ ଦ୍ୱାର କ୍ଷତିଗ୍ରସ୍ତ ହୋଇଥିଲା। ଭିଡ଼କୁ ନିୟନ୍ତ୍ରଣ କରିବାକୁ ଲାଠିଚାର୍ଜ କରିଥିଲା। ଏବେ ଦୁଇ କକ୍ଷ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ୟୁଏମ୍‌ଏଲ କାର୍ଯ୍ୟକର୍ତ୍ତା ବିରୋଧରେ ଜେନ୍-ଜେଡ୍ ଯୁବକମାନେ ପୁଲିସ ଥାନାରେ ଅଭିଯୋଗ କରିଛନ୍ତି।

## କର୍ଣ୍ଣାଟକ, ମହାରାଷ୍ଟ୍ର ରାଜନୀତିରେ ହଲଚଲ: ଶିବକୁମାର, ସିନ୍ଦେଙ୍କ ଉପରେ ନଜର

ବେଙ୍ଗାଲୁରୁ/ମୁମ୍ବଇ, ୨୦।୧୧ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ପଦ ପାଇଁ ଧାର୍ଯ୍ୟ ଅଢ଼େଇ ବର୍ଷର କଣ୍ଟ ସରିବା ପୂର୍ବରୁ ପୁଣି କର୍ଣ୍ଣାଟକ କଂଗ୍ରେସରେ କଳି ଆରମ୍ଭ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଗୋଷ୍ଠୀର ବିଧାୟକମାନେ ଖୋଲାଖୋଲି ଭାବେ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ତାଙ୍କର କିଛି ସମର୍ଥକ ନୂଆଦିଲ୍ଲୀରେ ମଧ ପହଞ୍ଚି ଯାଇଛନ୍ତି। ଏଠାରେ ସେ କଂଗ୍ରେସ ନେତୃତ୍ୱଙ୍କୁ ଭେଟି ଶିବକୁମାରଙ୍କ ପାଇଁ ଲବି କରିବେ ବୋଲି କୁହାଯାଉଛି। ଡିକେ ଶିବକୁମାର ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିବା ନେଇ କହିବାର କିଛି ଘଣ୍ଟା ପରେ ଏଭଳି ହୋଇଛି। ସେ ଖୁବଶୀଘ୍ର ଅଧ୍ୟକ୍ଷ ପଦ ଛାଡିବେ ବୋଲି କହିଥିଲେ। ସେ କହିଥିଲେ ଯେ ଏହି ପଦରେ ସବୁବେଳେ ରହିବେ ନାହିଁ। ଏବେ ଅନ୍ୟ ନେତାଙ୍କୁ ବି ସୁଯୋଗ ମିଳିବା ଉଚିତ। ତେବେ ନେତୃତ୍ୱରେ ନ ରହିଲେ ମଧ ସମ୍ମୁଖରେ ରହିବି। ଶିବକୁମାରଙ୍କ ଏହି ବୟାନ ମୁଖ୍ୟମନ୍ତ୍ରୀଙ୍କ ସହ ଚାଲିଥିବା ତାଙ୍କ ଟଣାଓଟରା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଆଜି ରାଜ୍ୟରେ କଂଗ୍ରେସ ସରକାରକୁ ଅଢେଇ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ମୁ୍ୟମନ୍ତ୍ରୀ ବଦଳାଇବା ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି।

ମହାରାଷ୍ଟ୍ରରେ ମଧ ଶାସକ ମେଣ୍ଟରେ କଳି ଆରମ୍ଭ ହୋଇଗଲାଣି। ରାଜ୍ୟରେ ବିଜେପିର ଅନ୍ୟତମ ପ୍ରମୁଖ ଅଂଶୀଦାର ଶିବସେନାର ମନ୍ତ୍ରୀ ଓ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭୀଷଣ କ୍ଷୁବ୍ଧ ଥିବା ଜଣାପଡ଼ିଛି। କ୍ୟାବନେଟ ବୈଠକରେ ଶିବସେନା ମନ୍ତ୍ରୀମାନେ ଯୋଗ ଦେଉ ନାହାନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ସେମାନେ ମନ୍ତ୍ରୀ ଥିଲେ ମଧ ସେମାନଙ୍କ ହାତରେ କ୍ଷମତା ନାହିଁ। ଅଫିସରମାନେ ସେମାନଙ୍କ କଥା ଶୁଣୁ ନାହାନ୍ତି। ଏଭଳି ଅଭିଯୋଗ ନେଇ ଶିବ ସେନା ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଦୁଇ ଦିନ ତଳେ ଦିଲ୍ଲୀ ଯାଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି। ରାଜ୍ୟ ସରକାରରେ ସେମାନଙ୍କୁ ଏକପ୍ରକାର ଏକଘରିକିଆ କରିଦିଆଯାଇଛି। ସେ ଅଭିଯୋଗ କରିଛନ୍ତି ଯେ ଆଉ କିଛି ଦିନ ପରେ ରାଜ୍ୟରେ ପୌର ନିର୍ବାଚନ ହେବାକୁ ଯାଉଛି। ଏହାପୂର୍ବରୁ ଶିବ ସେନାର ନେତାମାନଙ୍କୁ ନିଜ ଆଡ଼କୁ ନେବା ଲାଗି ସ୍ଥାନୀୟ ବିଜେପି ନେତାମାନେ ସ୍ୱତନ୍ତ୍ର ଅଭିଯାନ ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କୁ ଜଣାଇଲେ ମଧ ସେ ଶୁଣୁ ନାହାନ୍ତି।

# ଶପଥ ନେଲେ ଜୟ ଢୋଲକିଆ



ଭୁବନେଶ୍ୱର,୨୦।୧୧(ସମିସ): ନୂଆପଡ଼ାର ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ ଆଜି ବିଧାନସଭାରେ ଶପଥ ଗ୍ରହଣ କରିଛନ୍ତି। ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ଅବସରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସଦ୍ୟସମାପ୍ତ ନୂଆପଡ଼ା ଉପନିର୍ବାଚନରେ ଶ୍ରୀ ଢୋଲକିଆ ୮୩ ହଜାରରୁ ଅଧିକ ଭୋଟ୍‌ରେ ବିଜୟୀ ହୋଇଥିଲେ।

■ ଦେବ ଦୀପାବଳି ଉତ୍ସବ

# କୌଶଲ୍ୟା, ଦଶରଥଙ୍କୁ ଦୀପଦାନ

ପୁରୀ, ୨୦।୧୧(ସମିସ): ମାର୍ଗଶିର ଅମାବାସ୍ୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପିତୃପୁରୁଷ ଦଶରଥ ଓ କୌଶଲ୍ୟାଙ୍କୁ ଦୀପଦାନ କରିଛନ୍ତି। ଗୁରୁବାର ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ଦେବ ଦୀପାବଳି ନୀତି ଆରମ୍ଭ ହୋଇଥିଲା। ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ନୀତି ଭଳି ସମାନ ନୀତି କରାଯାଇଥିଲା। ଠାକୁର ଶ୍ରାଦ୍ଧ ବେଶରେ ବିଭୂଷିତ ହୋଇଥିଲେ। ଅପରପକ୍ଷେ, ମନ୍ଦିରରେ ଦୀପ ଲଗାଯାଇଥିଲା। ଶ୍ରୀମନ୍ଦିରରେ ତିନିଦିନ ଧରି ପାଳିତ ହେଉଥିବା ଦେବଦୀପାବଳି ଉତ୍ସବର ସୋମବାର ଶେଷ ଦିବସ। ଏହି ଶୁକ୍ଳ ପ୍ରତିପଦା ତିଥିରେ ଠାକୁର ବାସୁଦେବ ଓ ଦେବକୀ, ନନ୍ଦ ଓ ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଦୀପଦାନ କରିବେ।



ଲକ୍ଷେ ଦୀପରେ ଝଲସୁଛି ବଡ଼ଦାଣ

# ବାପା ଦଶାହରେ ଚାଲିଗଲା ପୁଅର ଜୀବନ

ଆସିକା, ୨୦।୧୧(ସମିସ): 'ଦୁଃଖ' ସାଙ୍ଗସାଥୀ, ଭାଇ-ବନ୍ଧୁ-କୁଟୁମ୍ବକୁ ସାଙ୍ଗରେ ଆଣି ଆସେ। ବାପା ମୃତ୍ୟୁକୁ ଦିନ ୧୦ଟା ନବିତୁଣୁ ପୁଅର ଜୀବନ ଚାଲିଯାଇଛି। ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ୍ ଅତରଙ୍ଗ ଗ୍ରାମର ଉଦୟ ଗୌଡ଼ (୭୦)ଙ୍କ ପରିବାର ଉପରେ ଏବେ ଏମିତି ଦୁଃଖର ପାହାଡ଼ ଅଜାଡ଼ି ହୋଇପଡ଼ିଛି।

ସୂଚନାନୁଯାୟୀ, ଗତ ୧୧ ତାରିଖରେ ଉଦୟଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ତାଙ୍କର ଦଶାହ କର୍ମ ଥିଲା। ଏଥିପାଇଁ ପୁଅ ରାଜେନ୍ଦ୍ର ଗୌଡ଼ ସବୁ ଯୋଗାଡ଼ଯନ୍ତ୍ର ସାରିଥିଲେ। କିନ୍ତୁ ଆଜି ହଠାତ୍ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଆସିକା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପଦାକୁ ଆସିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରାଜେନ୍ଦ୍ରଙ୍କ ଶବ ପହଞ୍ଚିବା ପରେ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ରାଜେନ୍ଦ୍ର ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ବାପାଙ୍କ ଅନ୍ତେ ସେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ବାପାଙ୍କୁ ଝୁରିଝୁରି ତାଙ୍କ ଜୀବନ ଯାଇଥିବା ନେଇ ଚର୍ଚ୍ଚା ହେଉଛି। ଅପରପକ୍ଷେ, ରାଜେନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ପୂରା ପରିବାର ବେସାହାରା ହୋଇଯାଇଛି। ଉଦୟଙ୍କ ଦଶାହ ଓ ରାଜେନ୍ଦ୍ରଙ୍କ ଅନ୍ତ୍ୟେଷ୍ଟିକ୍ରିୟା କେମିତି ସଂପନ୍ନ ହେବ, ତାକୁ ନେଇ ପରିବାରଲୋକ, ବନ୍ଧୁବାନ୍ଧବ ଚିନ୍ତାରେ ପଡ଼ିଛନ୍ତି। ତେଣୁ, ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

ପୁରୀ, ୨୦।୧୧ (ସମିସ): ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥାନ୍ତି। ଗୁରୁବାର ମାର୍ଗଶିର ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଯମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ଜାତୀୟ ରାଜପଥରେ ମୁଖାପିନ୍ଧା ଲୁଟେରାଙ୍କ ଆତଙ୍କ

# ଲୁଟିନେଲେ ଦେଢ଼କେଜି ସୁନା, ୩୩ ଲକ୍ଷ ଟଙ୍କା

ପୁରୀ, ୨୦।୧୧(ସମିସ): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରୁ ଆଜି ଏକ ବଡ଼ଧରଣର ଲୁଟ୍ ହୋଇଛି। କାର୍ ଚାଳକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦୁର୍ବୃତ୍ତମାନେ ଦେଢ଼କେଜି ସୁନା, ୩୩କେଜି ରୁପା ଓ ୩୩ଲକ୍ଷ ଟଙ୍କା ଭର୍ତ୍ତି ଏକ ବ୍ୟାଗ୍ ଛଡ଼ାଇ ନେଇଛନ୍ତି। ଚନ୍ଦନପୁର ଥାନା ଅନ୍ତର୍ଗତ ସମଯାଜପୁର ଓଭରବ୍ରିଜ୍ ଉପରେ ସ୍ୱଷ୍ଟ ଦିବାଲୋକରେ ଆଜି ଏହି ଆପରାଧିକ ଘଟଣା ଘଟିଛି। ଏନେଇ ଚନ୍ଦନପୁରସ୍ଥିତ ରାଧାକାନ୍ତ ଜୁଏଲର୍ସର ମାଲିକ ସଞ୍ଜୟ କୁମାର ଦାଶ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଖୋଳତାଡ଼ କରିଥିଲେ ହେଁ ଲୁଟେରାଙ୍କ ସୁରାକ୍ ପାଇପାରି ନାହାଁନ୍ତି।

ପୁଲିସ ସୂଚନାନୁଯାୟୀ, ଗୁରୁବାର ସକାଳ ପ୍ରାୟ ସାଢ଼େ ୯ଟାରେ ରାଧାକାନ୍ତ ଜୁଏଲର୍ସ ମାଲିକଙ୍କ ଶଳା, ଜଣେ ସୁନା କାରିଗର ଏବଂ କାର୍ ଚାଳକ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ସେମାନେ ୧,୫୩୬ ଗ୍ରାମ୍ ସୁନା, ୩୩ କେଜି ରୁପା ଏବଂ ୩୩ଲକ୍ଷ ଟଙ୍କା ଏକ ବ୍ୟାଗ୍‌ରେ ଧରି ଜାତୀୟ ରାଜପଥ ଯାଉଥିଲେ। ସମଯାଜପୁର ଓଭରବ୍ରିଜ୍ ଉପରେ ଏକ କେଟିଏମ୍ ବାଇକ୍‌ରେ ତିନିଜଣ ଦୁର୍ବୃତ୍ତ ତାଙ୍କ କାର୍ ଆଗକୁ ଚାଲି ଆସି ବାଟ ଓଗାଳିଥିଲେ। ବାଇକ୍ ଚାଳକ ହେଲ୍‌ମେଟ ପିନ୍ଧିଥିବା ବେଳେ ଅନ୍ୟ ଦୁଇଜଣ ମୁଖା ପିନ୍ଧିଥିଲେ। କେହି କିଛି ବୁଝିବା ପୂର୍ବରୁ ଜଣେ ଦୁର୍ବୃତ୍ତ

**ମୁଣ୍ଡରେ ବନ୍ଧୁକ ଲଗାଇ ୩୩କେଜି ରୁପା ବି ନେଇଗଲେ**

କାର୍ ଚାଳକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦେଇଥିଲା। ପରେ ଅନ୍ୟ ଜଣେ କାର୍ ପଛ ସିଟ୍‌ରେ ରଖାଯାଇଥିବା ଟଙ୍କା, ସୁନା ଓ ରୁପା ବ୍ୟାଗ୍‌କୁ ଧରି ଚନ୍ଦନପୁର ଦେଇ ନୂଆ ଜଗନ୍ନାଥ ସଡ଼କରେ ପଳାଇ ଯାଇଥିଲେ। ୩୩ ଲକ୍ଷ ଟଙ୍କା ସତ୍ୟବାଦୀସ୍ଥିତ ଆଇଆଇସି ବ୍ୟାଙ୍କରେ ଡିପୋଜିଟ୍ କରିଥା'ନ୍ତେ ଏବଂ ସୁନା, ରୁପା ଭୁବନେଶ୍ୱର ବଦଳ ପାଇଁ ଯାଉଥିବା ବେଳେ ଏଭଳି ବଡ଼ଧରଣର ଲୁଟ୍ ହୋଇଛି ବୋଲି ଆଇଆଇସି ଭୁବନମୋହନ ସାମନ୍ତରାୟ କହିଛନ୍ତି।

ଖବର ପାଇବା ପରେ ଚନ୍ଦନପୁର ଥାନା ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ କରିଥିଲା। ଏଥିସହ ସିସିଟିଭି ଫୁଟେଜ ମଧ୍ୟ ଯାଞ୍ଚ କରିଛି ପୁଲିସ। ପୁରୀ ସଦର ଏସ୍‌ଡିପିଓ ଓ ସ୍ପେଶାଲ ସ୍କ୍ୱାଡ୍ ଏଥିସହ ଜୁଏଲର୍ସକୁ ଯାଇ ତଦନ୍ତ କରିଛନ୍ତି। କାର୍ ଚାଳକ ଏବଂ ସେଥିରେ ଥିବା ଅନ୍ୟ ଦୁଇଜଣଙ୍କୁ ମଧ୍ୟ ପଚରାଉଚା କରିଛି ପୁଲିସ। ସ୍ୱଷ୍ଟ ଦିବାଲୋକରେ ଗାଡିମୋଟର ଯାତାୟାତ କରୁଥିବା ରାସ୍ତାରେ ଏଭଳି ଲୁଟ୍‌କୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା ଚାଲିଥିବା ବେଳେ ଜୁଏଲର୍ସ ମାଲିକ ଶ୍ରୀ ଦାଶ ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ନଂ.୨୬୪/୨୫ ରୁଜୁ କରି ଲୁଟେରାଙ୍କୁ କାବୁ କରିବା ଲାଗି ଉଦ୍ୟମ ଚଳାଇଛି। ଏଭଳି ଏକ ଲୁଟ୍‌କୁ ନେଇ ପୁରୀ ପୁଲିସର ଚିନ୍ତା ବଢ଼ିଯାଇଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଆଇଆଇସିଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇଛି ବୋଲି ଆଇଆଇସି ସୂଚନା ଦେଇଛନ୍ତି।

## ଅପରେଶନ 'ଚକ୍ର'

# ୧୦ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ, ୩ ବନ୍ଧୁକ ଓ ୪ ଗୁଳି ଜବତ

ପୁରୀ, ୨୦।୧୧(ସମିସ): ପୁରୀ ପୁଲିସ୍ ପଞ୍ଝାରେ ୨ ଗ୍ୟାଙ୍ଗ୍‌ର ୧୦ଦୁର୍ଦ୍ଦାନ୍ତ ଅପରାଧୀ। ବଡ଼ଧରଣର ଅପରାଧ ଘଟାଇବା ପାଇଁ ବ୍ଲୁ-ପ୍ରିଣ୍ଟ ତିଆରି କରୁଥିବା ବେଳେ ଟାଉନ୍ ଥାନା ଓ ତାଳବଣିଆ ଥାନା ଏମାନଙ୍କୁ ପୃଥକ୍ ପୃଥକ୍ ଜାଗାରୁ ଧରିଛି। ଅଭିଯୁକ୍ତମାନେ ହେଲେ, ତଲୁଛ ସାହିର ଲୋକନାଥ ମିଶ୍ର, ବାସେଳିସାହି ଥାନା ମିଶ୍ର ସାହିର ସନ୍ତୋଷ କୁମାର ମିଶ୍ର, ସିଦ୍ଧମହାବୀର ବେହେରା ସାହିରେ ରହୁଥିବା ଛଇତନାର କାଳିଆ ପ୍ରଧାନ, ପୁରୀ ସଦର ଥାନା ଖଣ୍ଡିଆବନ୍ଧର ଦୁଃଶାସନ ସାହୁ, ସିପସରୁବାଲିରେ ରହୁଥିବା ଚନ୍ଦନପୁର ଗୋପୀନାଥପୁର ମାନସ କୁମାର ଭୋଇ। ତାଳବଣିଆ ଥାନା ପୁଲିସ ଭୂଦାନ ଜଙ୍ଗଲରୁ ଏମାନଙ୍କୁ ଗିରଫ କରିଛି। ସେହିପରି, ଟାଉନ୍ ଥାନା ପୁଲିସ ହାତରେ ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ, ବାଲିକୁଦ ରାମଚଣ୍ଡୀ ସାହିର ଶବି ନାୟକ, ବାପିନା ନାୟକ, ବାଲିସାହି ବଡଲମଠ ଗଳିର ସତ୍ୟପ୍ରିୟ ପ୍ରତିହାରୀ, ଘୋଡ଼ାବଜାର ଅଞ୍ଚଳରେ ରହୁଥିବା ଗଞ୍ଜାମ ସୁରେଖାଦେଇପୁରର ପ୍ରଫୁଲ୍ଲ ସ୍ୱାଇଁ ଏବଂ ପାରାନୋଳିଆ ସାହି ବାରବାଟୀ ଜାଗାର ସୁକାନ୍ତ ନାୟକ। ଏମାନଙ୍କୁ ପୁଲିସ ଲୋକନାଥ ରୋଡ୍ କୁସୁନୁ ଖୁଣ୍ଟିଆରୁ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୩ଟି ବନ୍ଧୁକ, ୪ଟି ଗୁଳି, ୩ଟି କଟୁରୀ, ଗୋଟିଏ ଲୁହାରଡ୍, ମୋବାଇଲ ଫୋନ ଏବଂ ୮୦୦ ଟଙ୍କା ଜବତ କରାଯାଇଛି। ଗୁରୁବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହତ୍ୟା, ଚୋରି, ଡକାୟତି, ଛିନ୍‌ତାଇ, ରାହାଜାନି ଆଦି ଅପରାଧରେ ସଂପୃକ୍ତ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ୍ ସିଂଙ୍କ ତତ୍ତ୍ୱାବଧାନରେ 'ଅପରେଶନ ଚକ୍ର' ଜାରି ରହିଛି। ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସଞ୍ଜ ନଇଁଲେ ପ୍ରମୁଖ ସ୍ଥାନରେ ଚାଲିଛି ନାକାବନ୍ଦୀ। ଗାଡିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ।

# ଶଙ୍ଖ ଭବନରେ ବିଜେଡିର ସାଂଗଠନିକ ବୈଠକ

ଭୁବନେଶ୍ୱର,୨୦।୧୧(ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶଙ୍ଖ ଭବନରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଦଳର ସାଂଗଠନିକ ବୈଠକ

■ ଭାଗନେଲେ ୩୩ଟି ସାଂଗଠନିକ ଜିଲ୍ଲାର ସଭାପତି
■ ଆଗାମୀ ଦିନର ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା

ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତ୍ୟକ୍ଷ ଓ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୩୩ଟି ସାଂଗଠନିକ ଜିଲ୍ଲାର ସଭାପତିମାନଙ୍କ ସହିତ ଆଗାମୀ ଦିନର ସାଂଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

ବୈଠକରେ ପ୍ରତ୍ୟେକ୍ଷ ଭାବରେ କନ୍ଧମାଳ ଜିଲ୍ଲାର ସାଂଗଠନିକ ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ପଦ୍ମନାଭ ବେହେରା, ବିଧାୟକ ଚନ୍ଦ୍ରମଣୀ କହଁର, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ସରୋଜ କର୍ଣ୍ଣ ଓ ଫୁଲବାଣୀ ବିଧାୟକ ପ୍ରାର୍ଥୀ ଜୟଶ୍ରୀ କହଁରଙ୍କ ଉପସ୍ଥିତିରେ ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାରେ ଦଳୀୟ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରାଯିବା ଉପରେ ଆଲୋଚନା କରାଯାଇଥିଲା।

ସେହିଭଳି ବୌଦ୍ଧ ଜିଲ୍ଲାର ସଭାପତି ମହିଧର ରଣା ଓ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ସହିତ ଶ୍ରୀ ମିଶ୍ର ପ୍ରତ୍ୟକ୍ଷ ଭାବରେ ଆଲୋଚନା କରିଥିଲେ। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ଜିଲ୍ଲାର ସଭାପତି ଅନୁଗୁଳର ବ୍ରଜ



କିଶୋର ପ୍ରଧାନ, ବରଗଡ଼ର ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକର ଜଗନ୍ନାଥ ସ୍ୱାଇଁ, ବଲାଙ୍ଗିରର ସରୋଜ କୁମାର ମେହେର, କଟକର ପ୍ରଫୁଲ୍ଲ ସିଂ, ଦେବଗଡ଼ର ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଢେଙ୍କାନାଳର କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଗଜପତିର ପ୍ରଦୀପ ନାୟକ, ଝାରସୁଗୁଡାର ହରିଶ ଗଣତ୍ରା, କଳାହାଣ୍ଡିର ପ୍ରଦୀପ କୁମାର ଦିଶାରୀ, କେନ୍ଦ୍ରାପଡ଼ାର ଶିବ ପ୍ରସାଦ ଭୋଇ, କେନ୍ଦୁଝରର ଆଶିଷ ଚକ୍ରବର୍ତ୍ତୀ, କୋରାପୁଟର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ବିଡିକା ଓ ଦୁର୍ଗା ମିଶ୍ର, ମାଲକାନଗିରିର ମାନସ ମାଡକାମୀ, ମୟୂରଭଞ୍ଜ-୧ର ସୁଦାମ ମାରାଣ୍ଡି, ମୟୂରଭଞ୍ଜ-୨ର ଦେବାଶିଷ ମାରାଣ୍ଡି, ନବରଙ୍ଗପୁରର ମନୋହର ରନ୍ଧାରୀ, ନୟାଗ?ର ରମେଶ ବେହେରା, ନୂଆପଡାର ଅବନୀ ରଞ୍ଜନ ଯୋଶୀ, ରାଉରକେଲାର ପ୍ରଦ୍ୟୁମ୍ନ ତ୍ରିପାଠୀ, ସମ୍ବଲପୁରର ରୋହିତ ପୂଜାରୀ, ସୁବର୍ଣ୍ଣପୁରର ସରୋଜ କୁମାର କର୍ମ, ସୁନ୍ଦରଗଡର ଯୋଗେଶ ସିଂ, ରାୟଗଡାର ଜଗନ୍ନାଥ ସାରକାଙ୍କ ସହ ସାଙ୍ଗଠନିକ ବିଷୟରେ ଆଲୋଚନା କରାଯିବା ସହିତ ବାକି ଥିବା ଜିଲ୍ଲା କମିଟି ଓ ବିଏଲ୍‌ଓଙ୍କ ନାମ ଦଳର ମୁଖ୍ୟାଳୟ (ଶଙ୍ଖ ଭବନ)ରେ ତୁରନ୍ତ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରତ୍ୟେକ୍ଷ ଭାବରେ ଜଗତସିଂହପୁର ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କ ସହ ଦଳର ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ ଓ ବିଜୟ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

■ ଅଧା ରହିଗଲା ନାତୁଣୀର ଜନ୍ମଦିନ ପାଳନ

# ଦୁର୍ଘଟଣାରେ ଚାଲିଗଲା ଅଜାଙ୍କ ଜୀବନ

ଆନନ୍ଦପୁର, ୨୦।୧୧ (ସମିସ): ଅଧା ରହିଗଲା ନାତୁଣୀର ଜନ୍ମଦିନ ପାଳନ। ବାଟ ମଝିରେ ଟ୍ରକ୍ ଧକ୍କାରେ ଚାଲିଗଲା ଅଜାଙ୍କ ଜୀବନ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ୨୦ ନଂ ଜାତୀୟ ରାଜପଥର କୋଲିମାଟି ଛକ ନିକଟରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଖାଲୁର୍ ଗାଁର ଶରତ ଚନ୍ଦ୍ର ନାୟକ। ଏହି ଦୁର୍ଘଟଣାରେ ଶରତଙ୍କ ପତ୍ନୀ ମମତା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ନାତୁଣୀର ଜନ୍ମଦିନ ପାଳନ ପାଇଁ ଶରତ ଓ ମମତା ଏକ ବାଇକ୍‌ରେ ଯାଜପୁରରୋଡ୍‌ସ୍ଥିତ ନିଜ ଝିଅ ଘରକୁ ଯାଉଥିଲେ। କୋଲିମାଟି ଛକ ନିକଟରେ ଶରତ ଏକ ବସ୍‌କୁ ଓଭଟେକ୍ କରୁଥିବା ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଷିପୁରା ପୁଲିସ୍ ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଇଥିଲା। ସେଠାରେ ଶତରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଅଟକ ରଖି ତଦନ୍ତ ଚଳାଇଛି ପୁଲିସ୍।

## ମାଟ୍ରିକ୍ ପରୀକ୍ଷାକୁ ଆଉ ୨ ମାସ

# ଇଂରାଜୀ ବହିରେ ହାତ ମାରିନାହାନ୍ତି ସାର୍



ଉଦଳା, ୨୦।୧୧ (ସମିସ): ୨ ମାସ ପରେ ବୋର୍ଡ ପରୀକ୍ଷା। କିନ୍ତୁ ଏଯାଏ ଇଂରାଜୀ ବହିରେ ହାତ ମରା ହୋଇନି। ଅଭିଯୋଗ କରି କରି ଥକିଯିବା ପରେ ଶିକ୍ଷକ ଶୁଣୁନାହାନ୍ତି। ଏପରି ଅଭିଯୋଗ ନେଇ ଆଜି ୨୪ ଜଣ ଛାତ୍ରଛାତ୍ରୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ବଡ଼ଖମଣ ସରକାରୀ ହାଇସ୍କୁଲର ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁଯାୟୀ, ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ପଢ଼ାଉ ନାହାନ୍ତି। ଏନେଇ ଛାତ୍ରଛାତ୍ରୀମାନେ ବାରମ୍ବାର ଗୁହାରି କରିବା ପରେ ମଧ୍ୟ ସେ ଶୁଣୁନାହାନ୍ତି। ଫଳରେ ନିଜ ଭବିଷ୍ୟତକୁ ନେଇ ଛାତ୍ରଛାତ୍ରୀମାନେ ଆଶଙ୍କାରେ ପଡ଼ିଛନ୍ତି। ଏହାର ପ୍ରତିବଦରେ ଆଜି ସକାଳେ ସ୍କୁଲର ୨୪ଜଣ ଛାତ୍ରଛାତ୍ରୀ ବସ୍‌ରେ ଉଦଳାରେ ପହଞ୍ଚି ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଇଂରାଜୀ ପଢ଼ା ହେଉନଥିବା କହିଛନ୍ତି। ଉପଜିଲ୍ଲାପାଳଙ୍କୁ ଭେଟି ନିଜର ଗୁହାରି ଜଣାଇବା ସହିତ ଇଂରାଜୀ ବିଷୟ ପଢ଼ାଇବା ଅନୁରୋଧ କରିଛନ୍ତି ଛାତ୍ରଛାତ୍ରୀ। ସେପଟେ, ଏଭଳି ସାଙ୍ଘାତିକ

**ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କଲେ ଛାତ୍ରଛାତ୍ରୀ**

ଅଭିଯୋଗ ଆସିବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଡକାଇ ତାଗିଦ୍ କରିଛନ୍ତି। ଇଂରାଜୀ କ୍ଲାସ କରିବାକୁ ତାଗିଦ କରିଛନ୍ତି। ଏ ସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି ଯେ ଏହି ଘଟଣାର ତଦନ୍ତ କରାଯିବା ସହ କ୍ଲାସ୍ ନକରି ଶିକ୍ଷାରେ ବାଧା ସୃଷ୍ଟି କରିଥିଲେ, ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଋଷିକୂଲ୍ୟା ମୁହାଣରେ ଅଲିଭ ରିଡଲେଙ୍କ ମିଳନ ଆରମ୍ଭ

ଗଞ୍ଜାମ, ୨୦।୧୧(ସମିସ): ଗଞ୍ଜାମ ବ୍ଲକ୍‌ର ଋଷିକୂଲ୍ୟା ମୁହାଣରେ ଅଲିଭ ରିଡଲେଙ୍କ ମିଳନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ, ପରିବେଶବିତ୍, ପର୍ଯ୍ୟଟକ ଖୁସି ବ୍ୟକ୍ତ କରିଛନ୍ତି। ଅନ୍ୟପଟେ, ଏହାକୁ ନେଇ ବନ



ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମୁଦ୍ରର ନୀଳ ଜଳରାଶି ମଧ୍ୟରେ ସାମୁଦ୍ରିକ କଇଁଛମାନଙ୍କ ସୁରକ୍ଷାକୁ ନେଇ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସମୁଦ୍ରର ନୀଳ ଜଳରାଶି ମଧ୍ୟରେ ଯୋଡ଼ା ଯୋଡ଼ା ହୋଇ ମାଈ ଓ ଅଣ୍ଡିରା କଇଁଚମାନଙ୍କ ମିଳନ ହେଉଥିବା ସ୍ଥାନୀୟ ସାମୁଦ୍ରିକ ମତ୍ସ୍ୟଜୀବୀ ଓ ବନବିଭାଗର ଦୃଷ୍ଟିଗୋଚର ହୋଇଛି। ବଙ୍ଗୋପସାଗରରେ ଦେଖାଯାଉଥିବା ବିରଳ ପ୍ରଜାତିର କଇଁଛ ସାରା ପୃଥିବୀର ୬୦ ପ୍ରତିଶତ ଭାରତରେ ଦେଖାଯାଇଥାନ୍ତି। ଓଡ଼ିଶାରେ ଏହି ବିରଳ ପ୍ରଜାତିର ସାମୁଦ୍ରିକ ଜିବ ୯୦ ପ୍ରତିଶତ ଦେଖିବାକୁ ମିଳିଥା'ନ୍ତି। ଓଡ଼ିଶା ଉପକୂଳର ଗଞ୍ଜାମର ଋଷିକୂଲ୍ୟା ମୁହାଣ, କେନ୍ଦ୍ରାପଡ଼ାର ଗହୀରମଥା ଓ ପୁରୀର ଦେବୀମୁହାଣ ଆଦି ସ୍ଥାନମାନଙ୍କରେ ନଭେମ୍ବରରୁ ଆରମ୍ଭ ହୋଇଥାଏ ମିଳନ ଋତୁ। କଲମ୍ବୋ, ଜାଫନା, କାଲମୋନାଇ କୋଷ୍ଟରେ ଏମାନେ ଖାଦ୍ୟ ଅନ୍ୱେଷଣରେ ଜୁନ ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ରହିଥାନ୍ତି।

# ୮ ମତ୍ସ୍ୟଜୀବୀ ଗିରଫ; ଟ୍ରଲର ଜବତ

ରାଜନଗର,୨୦।୧୧(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଚଢ଼ଉ କରି ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିବା ସହ ଏକ ଟ୍ରଲର ଜବତ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବାଲେଶ୍ୱର ଅଞ୍ଚଳର




ଲୋହା ତାରିଣୀ-୧ ନାମକ ଟ୍ରଲର ଦ୍ୱାରା ମତ୍ସ୍ୟଜୀବୀମାନେ ମାଛ ଧରୁଥିବା ସମୟରେ ବନ ବିଭାଗ ଟିମ୍ ଚଢ଼ଉ କରିଥିଲା। ଟ୍ରଲରରେ ଥିବା ତାୟବ ଅଲି ଖାଁ, ଉତ୍ତମ ଧଳ, ଚକ୍ରଧର ତରାଇ, ନିର୍ମଳ ସେଠୀ, ବାସୁଦେବ ସେଠୀ, ସଞ୍ଜୟ ସିଂ, ରାଜେଶ ନାୟକ, ଶରତ ଧଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତ ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି। ଏଥିସହ ଟ୍ରଲରରେ ଥିବା ଗୋଟିଏ ଜିପିଏସ, ୨ଟି ଭିଏଚ୍‌ଏଫ୍, ୧୧ଟି ଟ୍ରଲିଂ ନେଟ୍, ୧୪.୬୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର୍ ମହାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଂ ଟିମ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ଟ୍ରଲରକୁ ଦେଖି ଚଢ଼ଉ କରିଥିଲେ।



# ସିଟି କଟକ


## ବାଲିଯାତ୍ରା ପଡ଼ିଆରେ ବର୍ଜ୍ୟବସ୍ତୁ ପଡ଼ି ରହିବା ଘଟଣାରେ ହାଇକୋର୍ଟଙ୍କ ଉଦ୍‌ବେଗ

# ସିଏମ୍‌ସି କମିସନରଙ୍କୁ ସ୍ପଷ୍ଟୀକରଣ ତଲବ

କଟକ,୨୦।୧୧(ସମିସ): ବାଲିଯାତ୍ରା ଶେଷ ହେବାର ଏକ ସପ୍ତାହ ପରେ ମଧ୍ୟ ଉପର ଓ ତଳ ପଡ଼ିଆରେ କୁଢ଼ କୁଢ଼ ବର୍ଜ୍ୟବସ୍ତୁ ପଡ଼ିରହିବା ଘଟଣାକୁ ନେଇ ଓଡ଼ିଶା ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ୍ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କଟକ ସହର ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଏହି ପ୍ରସଙ୍ଗରେ କଟକ ମହାନଗର ନିଗମ କମିସନରଙ୍କ ନିକଟରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି।

### ୨୭ ତାରିଖ ସୁଦ୍ଧା ସଫା ହେବ ବାଲିଯାତ୍ରା ପଡ଼ିଆ

ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ମନୋଜ କୁମାର ମିଶ୍ର ଓ ଆମିକସ୍ କ୍ୟୁରି ବିଜୟ କୁମାର ଦାଶ ବାଲିଯାତ୍ରା ପଡ଼ିଆରେ ପଲିଥିନ୍, ପ୍ଲାଷ୍ଟିକ୍, ଥର୍ମୋକୁଲ୍ ପ୍ଲେଟ୍ ଓ ଖାଦ୍ୟ ଜରି ପଡ଼ିରହିଥିବା ଏବଂ ବର୍ଜ୍ୟବସ୍ତୁରେ ନିଆଁ ଲଗାଇ ଦିଆଯାଉଥିବା ସମ୍ପର୍କିତ ଫଟୋ ଉପସ୍ଥାପନ କରିଥିଲେ। ୩୫ ଲକ୍ଷ ଟଙ୍କାର ଠିକା କାମ ଦିଆଯାଇଥିଲେ ମଧ୍ୟ ବାସ୍ତବ ସ୍ଥିତି ଚିନ୍ତାଜନକ ରହିଛି। ଭର୍ଚୁଆଲ୍ ବ୍ୟବସ୍ଥାରେ ଉପସ୍ଥିତ ରହି ସିଏମସି କମିସନର କିରଣଦୀପ କୌର ସହୋତା ଦର୍ଶାଇଥିଲେ ଯେ, ନଭେମ୍ବର ୨୭ ଭିତରେ ଉଭୟ ଉପର ଓ ତଳ ବାଲିଯାତ୍ରା ପଡ଼ିଆର ସଫେଇ ସମ୍ପୂର୍ଣ୍ଣ ହେବ। ଏହା ଉପରେ ହାଇକୋର୍ଟ କହିଛନ୍ତି ଯେ, ଯଦି ପଡ଼ିଆରେ ବର୍ଜ୍ୟବସ୍ତୁରେ ନିଆଁ ଲଗାଇବା ଭଳି ଘଟଣା ଆଉ ଥରେ ଦୃଷ୍ଟିକୁ ଆସେ, ତେବେ ତ୍ରୁଟି କରିଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡିସେମ୍ବର ୧ ପରେ ଆଡଭୋକେଟ୍ କମିଟି ପଡ଼ିଆ ପରିଦର୍ଶନ କରି ଡିସେମ୍ବର ୧୧ରେ ପରବର୍ତ୍ତୀ ରିପୋର୍ଟ ଦାଖଲ କରିବେ।



### ଶ୍ମଶାନରେ ମୌଳିକ ସୁବିଧା ଯୋଗାଇଦେବାକୁ ଗୁରୁତ୍ୱ

କଟକ ସହରର ଶ୍ମଶାନ ଓ କବରସ୍ଥାନ ଗୁଡ଼ିକରେ ମୌଳିକ ସୁବିଧା ଉପଲବ୍ଧ କରାଇବା ଏବଂ ପରିବେଶ ଅନୁକୂଳ ଅନ୍ତିମ ସଂସ୍କାର ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଶୁଣାଣି ସମୟରେ ସିଏମ୍‌ସି ୫ଟି ଶ୍ମଶାନ ରକ୍ଷଣାବେକ୍ଷଣ କରୁଥିବା କହୁଥିବା ବେଳେ ତହସିଲଦାରଙ୍କ ରିପୋର୍ଟରେ ୨୪ଟି ଶ୍ମଶାନ ଥିବା ଦର୍ଶାଯାଇଥିଲା। ଏହି ସ୍ଥାନଗୁଡ଼ିକର ପରିମଳ ସ୍ଥିତି ଚିନ୍ତାଜନକ ଥିବାରୁ, ହାଇକୋର୍ଟ ଏକ ସପ୍ତାହ ମଧ୍ୟରେ ସିଏମସି ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ ଏକ ଯୁଗ୍ମ ବୈଠକ କରି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଅସୁରକ୍ଷିତ କୋଠା ପ୍ରସଙ୍ଗରେ ଉଦ୍‌ବେଗ

କଟକ ସହରରେ ମୋଟ୍ ୨୨୧ଟି ଅସୁରକ୍ଷିତ କୋଠା ରହିଛି, ଯେଉଁଥିରୁ ୨୧୯ଟି ସରକାରୀ ସଂସ୍ଥାର ସମ୍ପତ୍ତି। ବକ୍ସିବଜାର ଅଞ୍ଚଳରେ ବାଲକୋନି ଭୁଶୁଡ଼ିବା ଦ୍ୱାରା ଧନଜୀବନ ହାନି ହୋଇଥିବା ଘଟଣାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅସୁରକ୍ଷିତ କୋଠାଗୁଡ଼ିକ ଭଙ୍ଗାଯିବା ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ପାଇଁ ସମୟସୀମା ଜଣାଇବାକୁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ କଟକ ଏଡିଏମ୍ ଏ ନେଇ ଅଗ୍ରଗତି ରିପୋର୍ଟ ଦାଖଲ କରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

## ଜଣ୍ଡିସ ଅଞ୍ଚଳ ପରିଦର୍ଶନ କଲେ ବିଧାୟିକା



କଟକ,୨୦।୧୧(ସମିସ): କଟକ ମହାନଗର ନିଗମ ୨୩ ନମ୍ବର ୱାର୍ଡ ଅଞ୍ଚଳର କଦମରସୁଲ ବ୍ରାହ୍ମଣ ସାହିରେ ଜଣ୍ଡିସ ଆକ୍ରାନ୍ତ ପରିବାରକୁ ବିଧାୟିକା ସୋଫିଆ ଫିରଦୋସ ଭେଟି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଓ ଚିକିତ୍ସା ବିଷୟରେ ପଚାରି ବୁଝିଥିଲେ। ଏହି ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଛି। ୱାଟକୋ ବିଶୁଦ୍ଧ ପାନୀୟଜଳ ଯୋଗାଣର ବ୍ୟବସ୍ଥାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଅବସରରେ ୱାର୍ଡ ଅଞ୍ଚଳର ପରିମଳ ବ୍ୟବସ୍ଥା ବୁଲି ଦେଖିଥିଲେ। ପରିମଳ ବ୍ୟବସ୍ଥା ଦେଖି ବିଧାୟିକା ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଅଞ୍ଚଳରେ ଦୀର୍ଘ ଦିନ ହେବ ଦୂଷିତ ଜଳ ଆସୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ୱାଟକୋ କର୍ତ୍ତୃପକ୍ଷଙ୍କ କୌଣସି ପଦକ୍ଷେପ ଗ୍ରହଣ ନ କରିଥିବାରୁ ଏଭଳି ସ୍ଥିତି ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ଏହି ଅବସରରେ ବିଧାୟିକା ୱାର୍ଡ ଅଞ୍ଚଳ ବୁଲି ଦେଖିଥିଲେ। ପରିମଳ ବ୍ୟବସ୍ଥା ଦେଖି ବିଧାୟିକା ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ନାଳନର୍ଦ୍ଦମା ସଫା କରିବା ସହ ବିଶୁଦ୍ଧ ପାନୀୟଜଳ ଯୋଗାଣ ସହ ପ୍ରତ୍ୟେକ ଦିନ ବ୍ଲିଚିଂ ପକାଇବା ପାଇଁ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ସ୍ଥାନୀୟ କର୍ପୋରେଟର ଅରୁନ୍ଧତୀ କର ଉପସ୍ଥିତ ଥିଲେ। ସିଏମସି ସ୍ୱାସ୍ଥ୍ୟ ଅଧିକାରୀ, ୱାଟକୋ ଅଧିକାରୀ ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରା, ପୂର୍ବତନ କର୍ପୋରେଟର ସେକ ସମିମୁଲ୍ଲା, ଉସ୍ମାନ ଖାନ, ରିଙ୍କୁ ବାବୁ ସମେତ ୱାର୍ଡ ବାସିନ୍ଦା ଉପସ୍ଥିତ ଥିଲେ।

## ସମାଜସେବୀ ସାନନ୍ଦ ସେଠୀଙ୍କୁ ଶ୍ରଦ୍ଧାଞ୍ଜଳି

କଟକ,୨୦।୧୧(ସମିସ): ସମାଜସେବୀ ତଥା ସାମ୍ୟବାଦୀ ନେତା ସାନନ୍ଦ ସେଠୀଙ୍କ ବିୟୋଗରେ ରଘୁନାଥଜୀଉ ବିଦ୍ୟାପୀଠ, ଦେଉଳ ସାହିଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ଦାସ ସ୍ମୃତି ସଂସଦ ଏବଂ ଦେଉଳ ସାହି ସମବାୟ କୋଷାଗାର ପକ୍ଷରୁ ଏହି ସଭାରେ ସାହୀ ମୁରବୀ ନୃସିଂହ ଚରଣ ପାତ୍ର ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ସାଧୁଚରଣ ପ୍ରଧାନ ପରିଚାଳନା କରିଥିଲେ। ମେୟର ସୁବାସ ଚନ୍ଦ୍ର ସିଂହ, କଂଗ୍ରେସ ଜିଲ୍ଲା ସଭାନେତ୍ରୀ ଗିରିବାଳା ବେହେରା, ଶାନ୍ତି କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ, ଶ୍ରମିକ ନେତା କିଶୋର ଜେନା, ସିପିଆଇ ଜିଲ୍ଲା ସମ୍ପାଦକ ବିନୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସ୍ମିତା ସାହୁ, ପୁରାତନ ଛାତ୍ର ସଂସଦର ସଭାପତି ଡକ୍ଟର ଡି.ଶ୍ରୀନିବାସ ସାହୁ, ଇଂ ରଘୁନାଥ ପ୍ରସାଦ ଦାସ, ସାବିତ୍ରୀ ନାୟକ, ବ୍ୟାଙ୍କ କର୍ମଚାରୀ ନେତା ବିପିନ ବିହାରୀ ପାଢ଼ୀ, ଶିଶିର ନାୟକ, ଗୋକୁଳଚନ୍ଦ୍ର ପାତ୍ର, ଏଆଇଟିୟୁସି ନେତା ଅଶୋକ ତା, ସତ୍ୟଜିତ ମହାପାତ୍ର, ବୀମା କର୍ମଚାରୀ ନେତା ବିଜୟ ସାହୁ, ନିରଞ୍ଜନ ପାତ୍ର, ବିଜୟ ସେଠୀ, ପ୍ରମୋଦ ଦାସ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମିକୁନ୍‌ଙ୍କୁ ହୃତିକ୍ ରୋଶନଙ୍କ ପ୍ରଶଂସା



### କଟକ ଛାତ୍ରଙ୍କ ନୃତ୍ୟ ଭିଡିଓ ଭାଇରାଲ

କଟକ,୨୦।୧୧(ସମିସ): ବାଦାମବାଡି ସରକାରୀ ୟୁପି ସ୍କୁଲରେ ଶିଶୁ ଦିବସ ପାଳନ ହେଉଥାଏ। ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ସମ୍ମୁଖରେ ନୃତ୍ୟ କରିବାକୁ କୁହାଯାଇଥିଲା ୫ମ ଶ୍ରେଣୀର ଛାତ୍ର ମିକୁନ ନାୟକଙ୍କୁ। ୧୦ବର୍ଷର ଶିଶୁ ମିକୁନ କୁନିକୁନି ପାଦରେ ବଲିଉଡ୍ ମିଶା ହିପ୍-ପପ୍ ନୃତ୍ୟ କରିଥିଲେ। ଜଣେ ଶିକ୍ଷକ ମିକୁନଙ୍କ ନାଚିବା ବେଳର ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରିବା ପରେ ନିଆଁ ଭଳି ଭିଡିଓ ବ୍ୟାପି ଯାଇଥିଲା। ୬ ଦିନ ତଳର ଭିଡିଓକୁ ୬ଲକ୍ଷ ଦର୍ଶକ ସାମାଜିକ ଗଣମାଧ୍ୟମରେ ପସନ୍ଦ କରିଥିବା ବେଳେ ଏଥିରେ କମେଣ୍ଟ ଦେଇଛନ୍ତି ଦେଶର ଅନେକ ନାମିଦାମୀ କଳାକାର। ଖୋଦ୍ ବଲିଉଡ ଅଭିନେତା ହୃତିକ ରୋଶନ କମେଣ୍ଟ ଜରିଆରେ ମିକୁନଙ୍କ ନୃତ୍ୟକୁ ପ୍ରଶଂସା କରିଛନ୍ତି। ଡ୍ୟାନ୍ସର ଧନଶ୍ରୀ ବର୍ମା, କାଏଡେନ ଶର୍ମା, ଆୱେଜ ଦରବାର ପ୍ରମୁଖ ପ୍ରଶଂସାର ବାର୍ତ୍ତା ଛାଡିଛନ୍ତି ଏହି ଭାଇରାଲ ଭିଡିଓରେ। ଶଙ୍କରପୁର ଡିହସାହି ଅଞ୍ଚଳର ଦିବାନି ନାୟକ ଏବଂ ଦେବକୀ ନାୟକଙ୍କ ପୁଅ ହେଉଛନ୍ତି ମିକୁନ୍। ବାପା ଜଣେ ଟ୍ରାକ୍ଟର ଡ୍ରାଇଭର। ଶଙ୍କରପୁର ବାରିକ ସାହି ଅଞ୍ଚଳରେ ଥିବା ଏସବି ଡ୍ୟାନ୍ସ ସେଭେନ୍ ନାମକ ଏକ ଅନୁଷ୍ଠାନରେ ମିକୁନ ନୃତ୍ୟ ଶିକ୍ଷା କରୁଛନ୍ତି। ପାଠପଢ଼ା ସହିତ ଜଣେ ଭଲ ନୃତ୍ୟ କରୁଥିବା ମିକୁନ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ବୋଲି ପ୍ରଧାନଶିକ୍ଷକ ଅଜୟ କୁମାର ବାରିକ କହିଛନ୍ତି।

## ବରିଷ୍ଠ ଆଇନଜୀବୀ ସରୋଜକାନ୍ତଙ୍କ ବିୟୋଗ



କଟକ,୨୦।୧୧(ସମିସ): ବରିଷ୍ଠ ଆଡଭୋକେଟ୍ ସରୋଜକାନ୍ତ ଶତପଥୀ (୬୯) ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ ହୋଇ ଆଚାର୍ଯ୍ୟ ହରିହର କ୍ୟାନ୍ସର ଚିକିତ୍ସା କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ହୋଇଯାଇଥିଲା। ତାଙ୍କର ମରଶରୀରକୁ ବିଡାନାସୀ ବାଇମୁଣ୍ଡି ମାର୍ଗ ବାସଭବନକୁ ଅଣାଯାଇଥିଲା। ସେଠାକୁ ହାଇକୋର୍ଟର ଆଡଭୋକେଟ୍, ବନ୍ଧୁବର୍ଗ ଆତ୍ମୀୟସ୍ୱଜନଙ୍କ ସୁଅ ଛୁଟିଥିଲା। ସରୋଜ ଶତପଥୀ ପ୍ରବୀର ପାଲିତଙ୍କ ସହିତ କାର୍ଯ୍ୟ କରିଛନ୍ତି। ସେ ଜଣେ ସାମ୍ୟବାଦୀ ବାମପନ୍ଥୀ ଚିନ୍ତାଧାରା ଉପରେ ବିଶ୍ୱାସ ରଖିଥିଲେ। କମ୍ୟୁନିଷ୍ଟ ପାର୍ଟି ସିପିଆଇର ସଦସ୍ୟ ଥିଲେ। ସିପିଆଇ ପକ୍ଷରୁ ଜିଲ୍ଲା ସମ୍ପାଦକ ବିନୋଦ ବେହେରା, ଶ୍ରମିକ ନେତା ଅଶୋକ ତା, ଆଡଭୋକେଟ ବଦ୍ରିନାରାୟଣ ମହାପାତ୍ର, ଆଡଭୋକେଟ୍ ଲକ୍ଷ୍ମୀଧର ଦାଶ ତାଙ୍କ ବାସଭବନରେ ପହଞ୍ଚି ପାର୍ଟିର ଲାଲ ପତାକା ଓ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସରୋଜକାନ୍ତ ଶତପଥୀଙ୍କ ବିୟୋଗରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର, ଅମରେନ୍ଦୁ ମହାନ୍ତି, ପ୍ରସନ୍ନ ମହାପାତ୍ର, ସଞ୍ଜୟ ପରିଜା ଶୋକ ପ୍ରକାଶ କରି ତାଙ୍କର ଅମର ଆତ୍ମାର ସଦଗତି କାମନା କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସତୀଚଉରା ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର ସ୍ୱପ୍ନେଶ୍ୱର ମୁଖାଗ୍ନି ଦେଇଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଏସ୍‌ସିବି କର୍ମଚାରୀଙ୍କୁ ଅପହରଣ: ଜୀବନରୁ ମାରିବାକୁ ଉଦ୍ୟମ

କଟକ,୨୦।୧୧(ସମିସ): ଏସ୍‌ସିବିରେ ରୋଗୀ କିମ୍ବା କର୍ମଚାରୀ କେହି ବି ସୁରକ୍ଷିତ ନୁହନ୍ତି। ନିକଟରେ କାଜୁଆଲଟିରେ ଯୁବତୀଙ୍କୁ କର୍ମଚାରୀ ଅସଦାଚରଣ କରିବା ଅଭିଯୋଗ ଆସିବାର ୨୪ ଘଣ୍ଟା ବିତିନି ପୁଣି ଜଣେ ସୁରକ୍ଷାକର୍ମୀଙ୍କୁ ଅନ୍ୟ ଜଣେ କର୍ମଚାରୀ ମେଡିକାଲରୁ ଅପହରଣ କରିନେଇ ଜୀବନରୁ ମାରିବାକୁ ଉଦ୍ୟମ କରିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଘଟଣା ସମ୍ପର୍କରେ ଗୁରୁତର ଆହାତ ସୁରକ୍ଷାକର୍ମୀ ଜଣକ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ମେଡିକାଲରେ ବୁଧବାର ବିଳମ୍ବିତ ରାତିରେ ଡ୍ୟୁଟି କରିବା ସମୟରେ ସୁରକ୍ଷାକର୍ମୀ ଚିତ୍ତରଞ୍ଜନ ବରାଳଙ୍କୁ ଅନ୍ୟ ଜଣେ ବ୍ୟାଟେରୀ ଗାଡି ଚାଳକ ସଂଗ୍ରାମ ସିଂ ଚା' ପିଇବାକୁ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ନିକଟକୁ ଡାକିଥିଲେ। ସେଠାରେ ପହଞ୍ଚିବା ପରେ ସଂଗ୍ରାମ ମାରଣାସ୍ତ୍ର ଦେଖାଇ ଚିତ୍ତରଞ୍ଜନଙ୍କୁ ଧବଳେଶ୍ୱର ଅଭିମୁଖେ ନେଇଥିଲେ। ସେଠାରେ ସଂଗ୍ରାମଙ୍କ ସମେତ ୨ ଜଣ ସାଥି ଏକ କାରରେ ଚିତ୍ତରଞ୍ଜନଙ୍କୁ ନେଇ ଏକ ଅଜଣା ଓ ଅନ୍ଧାର ସ୍ଥାନକୁ ନେଇଥିଲେ। ସେଠାରେ ଚିତ୍ତରଞ୍ଜନଙ୍କୁ ୩ ଜଣ ଆକ୍ରମଣ କରିଥିଲେ। ନିକଟରେ ଥିବା ପୋଖରୀରେ ବୁଡାଇ ମାରିବାକୁ ଉଦ୍ୟମ କରିଥିଲେ। ଚିତ୍ତରଞ୍ଜନ ବୁଦ୍ଧି ଖଟାଇ ନିଜକୁ ସେମାନଙ୍କ କବଳରୁ ବଞ୍ଚାଇ ଖସି ଯାଇଥିଲେ। ସକାଳ ହେବାରୁ ସାହାଯ୍ୟ ମାଗି କଟକରେ ପହଞ୍ଚିଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବିର କାଜୁଆଲଟିରେ ଭର୍ତ୍ତି କରାଯାଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ମଧ୍ୟ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି। ଅନ୍ୟପଟେ ଘଟଣା ସମ୍ପର୍କରେ ଚିତ୍ତରଞ୍ଜନ କହିଛନ୍ତି, ପୂର୍ବରୁ ହୋଇଥିବା ବଚସାକୁ ନେଇ ଅଭିଯୁକ୍ତ ଏଭଳି କାଣ୍ଡ ଘଟାଇଛନ୍ତି। ସେହିପରି ଘଟଣା ସମ୍ପର୍କରେ ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ କହିଛନ୍ତି ଯେ, ଘଟଣା ସମ୍ପର୍କରେ ଅବଗତ ଅଛୁ ଏବଂ ସ୍ଥାନୀୟ ପୁଲିସ ସହ ଆଲୋଚନା କରିଛୁ। ୨ ଜଣ ଠିକା ସଂସ୍ଥାର କର୍ମଚାରୀ ଅଟନ୍ତି। ମୁଖ୍ୟତଃ ଭାବେ ମେଡିକାଲରେ ଡ୍ୟୁଟି ସମୟରେ କାହିଁକି ୨ ଜଣ ବାହାରକୁ ଗଲେ ସେନେଇ ପଚରାଉଚରା କରାଯିବ। ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ସାଇବର ଅପରାଧର ବାସ୍ତବ ଚିତ୍ର

# ସର୍ବହରା କରୁଛି 'ଟ୍ରେଡିଂ'

କଟକ,୨୦।୧୧(ସମିସ):

ଅନଲାଇନ୍ ଟ୍ରେଡିଂ ମାୟାରେ ପଡ଼ି ସର୍ବସ୍ୱ ହରାଉଛନ୍ତି ସହରବାସୀ। ରାତାରାତି କୋଟିପତି ହେବାର ନିଶା ସେମାନଙ୍କୁ କରୁଛି ସର୍ବସ୍ୱାନ୍ତ। ପ୍ରଚୁର ଲାଭର ଲୋଭରେ କୋଟି କୋଟି ଟଙ୍କା ହରାଇବା ପରେ ସାଇବର ଥାନାର ଦ୍ୱାରସ୍ଥ ହେଉଛନ୍ତି ଅଭିଯୋଗକାରୀ, ହେଲେ ସେତେବେଳକୁ ପୁଲିସ ଟଙ୍କା ଜବତ କରିବା ସମ୍ଭବ ହେଉନାହିଁ। ଏଭଳି ସ୍ଥିତିରେ ସରକାରୀ ବୈଧତା ଥିବା ଟ୍ରେଡିଂ ପ୍ଲାଟ୍‌ଫର୍ମ ଏବଂ ଜାତୀୟକରଣ ବ୍ୟାଙ୍କ୍ ସହିତ କାରବାର କରୁଥିବା ସଂସ୍ଥା ସହିତ ଟ୍ରେଡିଂ ବ୍ୟବସାୟ କରିବାକୁ ପୁଲିସ ନିବେଦନ କରିଛି। ମୁଖ୍ୟତଃ ସାଇବର ଅପରାଧୀ ବିଭିନ୍ନ ଅନ୍‌ଲାଇନ୍ ପ୍ଲାଟଫର୍ମରେ ସେମାନଙ୍କ ନକଲି କମ୍ପାନୀର ବିଜ୍ଞାପନ କରୁଛନ୍ତି। ପ୍ଲେ-ଷ୍ଟୋର୍‌ରେ ନକଲି ଆପ୍ ଗୁଡ଼ିକ ସହଜରେ ଉପଲବ୍ଧ ହେଉଛି। ନକଲି ୱେବସାଇଟ୍ ଖୋଲି ସାଧାରଣ ବିନିଯୋଗକାରୀଙ୍କ ଟଙ୍କା ହଡ଼ପ କରି ନେଉଥିବା ଅଭିଯୋଗ ହେଉଛି। କଟକ ସାଇବର କ୍ରାଇମ୍ ଆଣ୍ଡ ଇକୋନମିକ୍ ଅଫେନ୍ସ ପୁଲିସ ଷ୍ଟେସନ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଟକ ସହରରେ ହେଉଥିବା ୧୦୦ପ୍ରତିଶତ ସାଇବର ଅପରାଧ ମାମଲା ମଧ୍ୟରୁ କେବଳ ୭୦ପ୍ରତିଶତ ମାମଲା ହେଉଛି ଅନଲାଇନ୍ ଟ୍ରେଡିଂ ଠକେଇ ସମ୍ପର୍କିତ। ଏଣୁ ଏଭଳି ସ୍ଥିତିରେ ଅନଲାଇନ୍ ଟ୍ରେଡିଂ କରୁଥିବା ସମସ୍ତ ନିବେଶକାରୀମାନେ ସେଚେତନ ହେବାକୁ କମିଶନରେଟ୍ ପୁଲିସ ନିବେଦନ କରିଛି। ଏ ସମ୍ପର୍କରେ ସାଇବର ଥାନା ଆଇଆଇସି ରଶ୍ମିତା ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଟ୍ରେଡିଂ ନିମନ୍ତେ ଉପଯୁକ୍ତ ଶିକ୍ଷା ଗ୍ରହଣ କରି ଟ୍ରେଡିଂ କରନ୍ତୁ। ଯଦି କୌଣସି ଟ୍ରେନିଂ ତଥା ଶିକ୍ଷା ନନେଇ ଟ୍ରେଡିଂରେ ଅର୍ଥ ନିବେଶ କରନ୍ତି, ତେବେ ଠକେଇ ହେବାର ଶତପ୍ରତିଶତ ସମ୍ଭାବନା ରହୁଛି। ଏବେ ସାଇବର ଥାନାରେ ପ୍ରତି ସପ୍ତାହରେ ୪ରୁ ଅଧିକ ଟ୍ରେଡିଂ ଠକେଇ ମାମଲା ଆସୁଛି। ଏହା ଉପରେ ସଚେତନତା ସୃଷ୍ଟି କରାଯାଉଛି ବୋଲି ସେ କହିଛନ୍ତି।

- ୬ ମାସରେ ଫସିଛି ୧୦କୋଟିରୁ ଅଧିକ
- ଗିରଫଦାରୀ ସଂଖ୍ୟା ୧୮: ଅନେକ ମାମଲାରେ ରହିଛନ୍ତି ଅଦୃଶ୍ୟ ଅପରାଧୀ

ପୁଲିସ ସୂଚନା ଅନୁସାରେ, ଟ୍ରେଡିଂ କରୁଥିବା ସଂସ୍ଥା ବିଷୟରେ ଭଲ ଭାବେ ଅବଗତ ହେବା, ସମ୍ପୃକ୍ତ ସଂସ୍ଥା କେଉଁ ବ୍ୟାଙ୍କ ସହିତ ଅନୁବନ୍ଧିତ ରହିଛି, ସେ ବିଷୟରେ ଜାଣିବା, ସମ୍ପୃକ୍ତ ୱେବସାଇଟ୍‌କୁ ନକଲି କି ଅସଲି ତାହା ଉପରେ ଗୁରୁତ୍ୱ ଦେବା, ବ୍ରୋକେନ୍ ଲିଙ୍କ୍ ଏବଂ ଭୁଲ୍ ସ୍ପେଲିଂ ଇତ୍ୟାଦି ବିଷୟରେ ଅର୍ଥ ନିବେଶକାରୀ ଭଲ ଭାବେ ଯାଞ୍ଚ କରିବା ପରେ ଆର୍ଥିକ ଯୋଗାଣ କରିବା ଜରୁରୀ। ନକଲି ସଂସ୍ଥା ଗୁଡ଼ିକର ଆଦୌ କଲ୍-ସେଣ୍ଟର ନଥିବ ଏବଂ ସେମାନେ ସ୍ଥାୟୀ ଯୋଗାଯୋଗ ଠିକଣା କିମ୍ବା ଫୋନ୍ ନମ୍ବର ଦେଇନଥିବେ, ଏ ବିଷୟରେ ନିବେଶକାରୀ ଜାଣିବା ଆବଶ୍ୟକ। ଅନ୍‌ଲାଇନ୍ ଟ୍ରେଡିଂ ନିମନ୍ତେ ସ୍ୱତନ୍ତ୍ର ପାଠ୍ୟକ୍ରମ ରହିଛି। ଉପଯୁକ୍ତ ଶିକ୍ଷା ହାସଲ କରି ଟ୍ରେଡିଂ କଲେ ଠକେଇ ସମ୍ଭାବନା ନାହିଁ ବୋଲି ପୁଲିସ କହିଛି। ଅନ୍ୟପଟେ କଟକ ସାଇବର ଥାନାକୁ ବାଦ ଦେଲେ ସାଇବର କ୍ରାଇମ୍ ସେଲ୍, ସାଇବର କ୍ରାଇମ୍ ୟୁନିଟ୍, ସାଇବର ହେଲ୍ପ ଡେସ୍କ, ସୋସିଆଲ୍ ମିଡିଆ ୟୁନିଟ୍, ଚିଲ୍ଡ୍ରେନ୍ ଆଣ୍ଡ ଓମେନ୍ ଅନଲାଇନ୍ ଆବ୍ୟୁଜ୍ ମନିଟରିଂ ୟୁନିଟ୍, ସାଇବର ଇନ୍‌ଭେଷ୍ଟିଗେସନ୍ ୟୁନିଟ୍, ସାଇବର ଇନ୍‌ଭେଷ୍ଟିଗେସନ୍ ସପୋର୍ଟ ୟୁନିଟ୍, ସାଇବର ମନିଟରିଂ ଆଣ୍ଡ କୋ-ଅର୍ଡିନେସନ୍ ୟୁନିଟ୍, ସାଇବର ଟ୍ରେନିଂ ୟୁନିଟ୍ ଓ ସାଇରବ ସେଫ୍ଟି ୟୁନିଟ୍ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ୟୁନିଟ୍‌କୁ କମିଶନରେଟ୍ ପୁଲିସ କାର୍ଯ୍ୟକ୍ଷମ କରାଉଛି। ଏହାର ଉଦ୍ଦେଶ୍ୟ ହେଉଛି, ଜନସାଧାରଣଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା। ସାଇବର ଲୁଟ୍ ତଥା ଟ୍ରେଡିଂ ଠକେଇର ଶିକାର ହେଉଥିବା ଜନସାଧାରଣଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରିବା ସହିତ ଅଭିଯୁକ୍ତ ଗିରଫ କରିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିବା। ଏ ବିଷୟରେ ଜନସାଧାରଣ ତଥା ଅର୍ଥ ନିବେଶକାରୀ ଭଲ ଅବଗତ ହେବା ଜରୁରୀ। ଠକେଇର ଶିକାର ହେଲେ ତୁରନ୍ତ ସାଇବର ୟୁନିଟ୍ ତଥା ସାଇବର ଥାନା ସହିତ ଯୋଗାଯୋଗ କରିବାକୁ କୁହାଯାଇଛି। ସାଇବର ଥାନାର ସୂଚନା ଅନୁସାରେ, ୬ମାସରେ ୧୦କୋଟିରୁ ଅଧିକ ଟଙ୍କା ଅନଲାଇନ୍ ଟ୍ରେଡିଂରେ ଫସି ରହିଥିବା ବେଳେ ଗିରଫଦାରୀ ସଂଖ୍ୟା ୧୮ ରହିଛି। ଅନେକ ଅନଲାଇନ୍ ଟ୍ରେଡିଂ ମାମଲାରେ ଠକମାନେ ଏପର୍ଯ୍ୟନ୍ତ ଅଦୃଶ୍ୟ ରହିଥିବା ଜଣାପଡ଼ିଛି।

### ରାଜରାସ୍ତାରେ ଡକାୟତି ଯୋଜନା ପଣ୍ଡ

# ଖସିଗଲା ଗ୍ୟାଙ୍ଗ୍‌ଷ୍ଟର୍: ୩ ସହଯୋଗୀ ଗିରଫ

କଟକ,୨୦।୧୧(ସମିସ):



ମଧୁପାଟଣା ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଏକ ବଡ଼ଧରଣର ଡକାୟତିର ପର୍ଦ୍ଦାଫାସ୍ ହୋଇଛି। ଗତକାଲି ରାତି ୨ଟା ବେଳେ ଥାନାଠାରୁ ଅଳ୍ପ ବାଟ ଦୂରରେ ରାଜପଥ କଡ଼ରେ ଏକ ବୋଲେରୋ ଗାଡ଼ି ଏବଂ ଏକ ବାଇକ୍ ଅଟକିଥିଲା। ବୋଲେରୋ ଭିତରେ ଥିବା ୫ଜଣ ଏବଂ ବାଇକ୍‌ରେ ବସିଥିବା ୨ଜଣଙ୍କ ମଧ୍ୟରେ ଏକ ବଡ଼ ଧରଣର ଡକାୟତି ପାଇଁ ଆଲୋଚନା ଚାଲିଥିଲା। ମଧୁପାଟଣା ଥାନାର ଜଣେ ଏଏସଆଇଙ୍କୁ ଏ ସମ୍ପର୍କରେ ସୂଚନା ମିଳିବା ପରେ ସେଠାରେ ଅଚାନକ ଚଢ଼ଉ କରାଯାଇଥିଲା। ୨ଟି ପିସିଆର୍ ଭ୍ୟାନ୍ ଦେଖି ଘଟଣାସ୍ଥଳରୁ ୪ଜଣ ଦୁର୍ବୃତ୍ତ ଫେରାର୍ ହୋଇଯାଇଥିଲେ। ୩ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ, ଜଗତସିଂପୁର ଜିଲ୍ଲା କ୍ରିଷ୍ଣାନନ୍ଦପୁର ଅଞ୍ଚଳର ଏସ୍.କେ ସଜିତ୍ ଅଲ୍ଲୀ(୩୦), ଫଜଲ୍ ହକ୍ୟୁ(୨୨) ଏବଂ ନୁର୍ ମହମ୍ମଦ(୨୫)। ଏମାନଙ୍କ ନିକଟରୁ ଗୋଟିଏ ବୋଲେରୋ ଗାଡ଼ି, ଟିଭିଏସ୍ ଆପାଚି, ଗୋଟିଏ କଟୁରି ଏବଂ କୋଟିଆ ଖଣ୍ଡା ସହିତ ୩ଟି ମୋବାଇଲ୍ ଫୋନ୍ ଏବଂ ଆଧାର କାର୍ଡ ଜବତ କରାଯାଇଛି।

ପୁଲିସ ସୂଚନା ଅନୁସାରେ, ଜାତୀୟ ରାଜପଥରେ ବଡ଼ ଏକ ଡକାୟତି ପାଇଁ ଏକ ଗ୍ୟାଙ୍ଗ୍ ଯୋଜନା ପ୍ରସ୍ତୁତି କରୁଥିଲେ। ସେଠାରେ ସମ୍ପୂର୍ଣ୍ଣ ଯୋଜନାର ମାଷ୍ଟର୍‌ମାଇଣ୍ଡ ଉପସ୍ଥିତ ଥିଲା। ପୁଲିସ ଖବର ପାଇବା ପରେ ସେ ଏ ସଂକ୍ରାନ୍ତରେ ସୂଚନା ପାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। କିନ୍ତୁ ନିଜ ସହଯୋଗୀଙ୍କୁ କୌଣସି କଥା ଜଣାଇନଥିଲା। ସେଠାରେ ସମୁଦାୟ ୭ଜଣ ଥିବା ବେଳେ ଗ୍ୟାଙ୍ଗ୍‌ଷ୍ଟର୍ ଜଣକ ପ୍ରଥମେ ଖସି ଯାଇଥିଲା। ମୋଟ୍ ୬ଜଣ ଯୋଜନା ପ୍ରସ୍ତୁତ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସମୟରେ ୩ଜଣ ରାସ୍ତା କଡ଼ରୁ ଡେଇଁ ଦୌଡ଼ି ପଳାଇଥିଲେ। ପୁଲିସ ସେମାନଙ୍କ ପିଛା କରି ବିଫଳ ହୋଇଥିଲା। ଶେଷରେ ୩ଜଣଙ୍କୁ ପୁଲିସ ଗିରଫ କରି ସତ୍ୟାସତ ଯାଞ୍ଚ କରୁଛି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ॥"



୰ ଲକ୍ଷ୍ମୀ ପୃଷ୍ଟି
ସ୍ୱା: ୰ ଅର୍ଜୁନ ପୃଷ୍ଟି
ଆବିର୍ଭାବ : ୨୪.୦୯.୧୯୪୦, ତିରୋଧାନ : ୦୮.୧୧.୨୦୨୫
ଆପଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
କନ୍ୟା-ମମତା, ଜ୍ୱାଇଁ- ଜ୍ଞାନେଶ୍ୱର, ପୁତ୍ର- ପ୍ରମୋଦ, ବସନ୍ତ, ସୁମନ୍ତ, ପ୍ରଶାନ୍ତ, ପୁତ୍ରବଧୂ, କନ୍ୟାକୁମାରୀ, ମାମୁନି, ମୁକ୍ତାରାଣୀ, ରୂପାସିଲ୍ଲା, ନାତି-ଓମ, ଗୋପାଳ, ସାଧୀନ, କାହ୍ନା, ନାତୁଣୀ ଜ୍ୱାଇଁ-ସାଧିନ, ନାତୁଣୀ- ମାମା, ସୋମା, ଶୁଭ, ଦିପି, ଲିପି, ଲିଜି, ପିଙ୍କି, ଜଣସୁର ଓ ଚାନ୍ଦପୁର କୋଣାର୍କ କୁଟୁମ୍ବ ପରିବାର ସମେତ ବନ୍ଧୁ ତଥା ଆତ୍ମୀୟ ସ୍ୱଜନଙ୍କ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**୩୦.୫୦ କୋଟି କ୍ଷତିଭରଣା ନ ଦେବା ମହଙ୍ଗା ପଡ଼ିଲା**

# ବାଲି ପଟ୍ଟାଦାରଙ୍କ ଘରେ ଇଡି ଚଢ଼ଉ

ବାରିପଦା/ବେତନଟୀ, ୨୦।୧୧ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ମେରଦା ପଞ୍ଚାୟତ ଡାହିସାହି ଗ୍ରାମର ପୂର୍ବତନ ବାଲିସୈରାତ ଲିଜଧାରୀ ପ୍ରଦୀପ ବିନ୍ଧାଣି ଓରଫ୍ ଭାଲୁଙ୍କ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଢ଼ଉ କରିଛି। ସଶସ୍ତ୍ର ପୁଲିସ ସହ ୨୦ ଜଣିଆ ଇଡି ତଦନ୍ତକାରୀ ଦଳ ଛାନଭିନ୍ ଜାରି ରଖିଛନ୍ତି। ଗତ ୨୦୨୨ରେ ବୁଢ଼ାବଳଙ୍ଗ ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ପକ୍ଷରୁ ୩୦.୫୦ କୋଟି ଟଙ୍କାର ଜରିମାନା ରାଶି ପୈଠ ନ କରିବା ତଥା ଇଡି ତରଫରୁ ନୋଟିସ୍ ସତ୍ତ୍ୱେ ହାଜର ନ ହେବାରୁ ଏହି ଚଢ଼ଉ କରାଯାଉଥିବା ଜଣାଯାଇଛି। ଇଡି ଅଧିକାରୀମାନେ ତାଙ୍କ ଖାନତଲାସି କରିବା ସହ ପ୍ରଦୀପ ଓ ତାଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରୁଥିବା ଜଣାଯାଇଛି। ତେବେ ଏ ସଂପର୍କରେ ଇଡି ପକ୍ଷରୁ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇନାହିଁ।



ସୂଚନାଯୋଗ୍ୟ, ବଡସାହି ତହସିଲ ଅଧୀନ ବୁଢ଼ାବଳଙ୍ଗ ନଦୀର ଆରପଟ୍ଟା ଓ ଡିଙ୍ଗିରା ବାଲି ସୈରାତରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଇଷ୍ଟର୍ଣ୍ଣ ବେଞ୍ଚ କୋଲକାତା ପକ୍ଷରୁ ମାମଲାର ଶୁଣାଣି ଚାଲିଥିଲା। ଗତ ୨୦୨୨ ସେପ୍ଟେମ୍ବର ୧ତାରିଖରେ ଏନ୍‌ଜିଟି ଏହାର ରାୟ ପ୍ରକାଶ କରିଥିଲେ। ଲିଜ୍‌ଧାରୀ ପ୍ରଦୀପଙ୍କୁ ୩୦ କୋଟି ୫୦ଲକ୍ଷ ୪୪ ହଜାର ୨୭୨ଟଙ୍କା କ୍ଷତିଭରଣା ପାଇଁ ରାୟ ଦେଇଥିଲେ। ଉଭୟ ସୈରାତରୁ ବହୁ ଗୁଣା ଅଧିକ ବାଲି ଉତ୍ତୋଳନ ପାଇଁ ପରିବେଶ ଓ ଜୈବ ବିବିଧତାରେ କ୍ଷତି ପହଞ୍ଚିବା ବାବଦରେ ୪ କୋଟି ୭୧ଲକ୍ଷ୩୮ ହଜାର ୮୬୮ ଟଙ୍କା ଓ ପରିବେଶ କ୍ଷତି ପାଇଁ ୨୧ଲକ୍ଷ ଟଙ୍କା ଓ ରାଜସ୍ୱ ହାନି ବାବଦରେ ୧କୋଟି ୯୧ଲକ୍ଷ ୯୦ହଜାର ଟଙ୍କାର କ୍ଷତିପୂରଣକୁ ମିଶାଇ ମୋଟ ୬କୋଟି ୮୪ଲକ୍ଷ ୨୮ହଜାର ୮୬୮ଟଙ୍କା ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ଥିଲା। ସେହିପରି ଡିଙ୍ଗିରା ସଇରାତ ବାବଦରେ ୧୧କୋଟି ୮୯ଲକ୍ଷ ୭୭ହଜାର ୪୦୪ଟଙ୍କା ଓ ପରିବେଶ କ୍ଷତି ପାଇଁ ୨୧ଲକ୍ଷ ଓ ରାଜସ୍ୱ ହାନୀ ବାବଦରେ ୧୧ କୋଟି ୫୫ଲକ୍ଷ ୩୮ହଜାର ଟଙ୍କାର କ୍ଷତିପୂରଣକୁ ମିଶାଇ ମୋଟ ୨୩ କୋଟି ୬୬ଲକ୍ଷ ୧୫ହଜାର ୪୦୪ଟଙ୍କା ଜରିମାନା ଦେବାକୁ ତାଙ୍କୁ ନିର୍ଦ୍ଦେଶ ଥିଲା। ଉଭୟ ସୈରାତରୁ ୩୦କୋଟି ୫୦ଲକ୍ଷ ୪୪ହଜାର ୨୭୨ଟଙ୍କା ପୈଠ କରିବାକୁ ଲିଜଧାରୀ ଶ୍ରୀ ବିନ୍ଧାଣୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ତାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଲିଜଧାରୀ ଏହି ରାୟକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହେବା ପରେ ମଧ୍ୟ ରାୟକୁ ବଳବତ୍ତର ରଖାଯାଇଥିଲା। ଏହି ଜରିମାନା ଭରଣା କରିବା ପାଇଁ କୋର୍ଟଙ୍କ ଆଦେଶକୁ ଅବମାନନା କରିଥିବାରୁ ଇଡି ପକ୍ଷରୁ ନୋଟିସ କରାଯାଇଥିଲା। ତା' ପରେ ବି ସେ ହାଜର ନ ହେବାରୁ ଚଢ଼ଉ କରାଯାଇଛି ବୋଲି ପ୍ରାଥମିକ ସୂତ୍ରରୁ ଜଣାପଡ଼ିଛି।

ଶ୍ରୀ ବିନ୍ଧାଣୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଆକଳନ ସହିତ ଜମିପଟ୍ଟା, ବ୍ୟାଙ୍କ ପାସବୁକ୍, ସୁନାଗହଣା, ବୀମାରାଶି ଆଦି ଯାଞ୍ଚ କରାଯାଉଛି। ସେହିପରି ତାଙ୍କ ପରିଚାଳନାରେ ଥିବା ସନ୍ତରା ପଞ୍ଚାୟତର ନିମୁହାଁ ବୈଦ୍ୟପୁର ସ୍ଥିତ ଏକ ଦେଶୀ ମଦ ପ୍ରସ୍ତୁତି କେନ୍ଦ୍ର ଏବଂ କାର୍ଯ୍ୟାଳୟରେ ମଧ୍ୟ ଖୋଳତାଡ ଜାରି ରହିଛି।

# ଭକ୍ତ-ମୋକିମ୍ ବିବାଦ ତେଜିଲା

ଭୁବନେଶ୍ୱର,୨୦।୧୧(ସମିସ): କଂଗ୍ରେସରେ ଆରମ୍ଭ ହୋଇଛି ଗୋହି ଖୋଳା ରାଜନୀତି। ନୂଆପଡ଼ା ଉପନିର୍ବାଚନ ପରାଜୟକୁ ନେଇ କଂଗ୍ରେସର ବରିଷ୍ଠ ନେତାଙ୍କ ସ୍ତରରେ ଏବେ ଖୁଲମଖୁଲା ବିବାଦ ଆରମ୍ଭ ହୋଇଛି। ପିସିସି ସଭାପତି ଭୁବନେଶ୍ୱର ଫେରି ଦଳରେ ବିଭୀଷଣ ଖୋଜିବା ନେଇ କହିଥିଲେ। ଏହାସହ ଏକ ମହମ୍ମଦ ମୋକିମ୍ ଓ ବିଧାୟକ ରମେଶ ଜେନାଙ୍କୁ ଭକ୍ତ ପରୋକ୍ଷରେ ବିଭୀଷଣ ଆଖ୍ୟା ଦେଇଥିବା ନେଇ ଏକ ଛାପା ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏହାକୁ ନେଇ ମୋକିମ୍ ଦଳର ଶୃଙ୍ଖଳା କମିଟିକୁ ଏକ ଚିଠି ଲେଖି ଏ ଘଟଣାର ଦୃଷ୍ଟି ଆକର୍ଷଣ କରିବା ସହ ଭକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



- ଶୃଙ୍ଖଳା କମିଟିକୁ ଚିଠି ଲେଖି ଭକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ଭକ୍ତଙ୍କ ସପକ୍ଷରେ ସଫେଇ ଦେଲା ଶୃଙ୍ଖଳା କମିଟି



ମୋକିମ୍ ଶୃଙ୍ଖଳା କମିଟିକୁ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି ଯେ ନୂଆପଡ଼ାରେ ବିଜେପି ପ୍ରାର୍ଥୀଙ୍କ ବିପୁଳ ବିଜୟ ହୋଇଛି ଏବଂ କଂଗ୍ରେସ ପ୍ରାର୍ଥୀଙ୍କର ବିପୁଳ ବ୍ୟବଧାନରେ ପରାଜୟ ହୋଇଛି। ଏହାପରେ ପିସିସି ସଭାପତି ନୈତିକ ଦାୟିତ୍ୱ ନ ନେଇ ତାଙ୍କ ବିରୋଧରେ କେତେକ ଦାୟିତ୍ୱହୀନ ବିବୃତ୍ତି ଦେଇଛନ୍ତି, ଯାହାକି ଏକ ଛାପା ଗଣମାଧ୍ୟମରେ ପ୍ରକାଶ ପାଇଛି। ତାଙ୍କ ବିରୋଧରେ ହୋଇଥିବା ଆକ୍ଷେପ ସମ୍ପୂର୍ଣ୍ଣ ମିଥ୍ୟା, କାଳ୍ପନିକ ଏବଂ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ମୋକିମ୍ କହିଛନ୍ତି। କଂଗ୍ରେସ ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ଦଳର ଭାବମୂର୍ତ୍ତିକୁ ଖରାପ କରିବା ଭଳି କୌଣସି କାର୍ଯ୍ୟ ସେ କେବେ ବି କରି ନାହାନ୍ତି। ମାତ୍ର ଜଣେ ପିସିସି ସଭାପତି ଖୋଲାଖୋଲି ଗଣମାଧ୍ୟମରେ କାହାକୁ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଅଭିଯୁକ୍ତ କରିଛନ୍ତି। ରାଜ୍ୟରେ କଂଗ୍ରେସ ଦଳ ଇତିହାସରେ ଏଭଳି ଅସ୍ୱାଭାବିକ ଏବଂ ଅନାବଶ୍ୟକ ଘଟଣା କେବେ ଘଟି ନ ଥିଲା। ତାଙ୍କ ବିରୋଧରେ ଶୃଙ୍ଖଳା କମିଟି ଦ୍ୱାରା କୌଣସି ତଦନ୍ତ ହୋଇ ନ ଥିଲା କିମ୍ବା କୌଣସି ଅଭିଯୋଗ ନ ଥିଲା। ତେଣୁ ଗଣମାଧ୍ୟମରେ ତାଙ୍କ ବିରୋଧରେ ଏଭଳି ଅଭିଯୋଗ ପିସିସି ସଭାପତିଙ୍କ ଦଳ ବିରୋଧୀ କାର୍ଯ୍ୟକଳାପକୁ ଦର୍ଶାଉଛି ବୋଲି ମୋକିମ୍ କହିଛନ୍ତି। ତେଣୁ ଶୃଙ୍ଖଳା କମିଟି ଏହି ଘଟଣା ପ୍ରତି ଧ୍ୟାନ ଦେବା ସହ ପାର୍ଟି ସମ୍ବିଧାନ ଅନୁଯାୟୀ କାର୍ଯ୍ୟ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ମୋକୀମ ଆଶା ପ୍ରକଟ କରିଛନ୍ତି।

ଅନ୍ୟପଟେ ମୋକିମ୍‌ଙ୍କ ଏହି ଅଭିଯୋଗ ପରେ ପିସିସି ଶୃଙ୍ଖଳା କମିଟି ପକ୍ଷରୁ ମହମ୍ମଦ ମୋକିମ୍‌ଙ୍କୁ ଉତ୍ତର ଦିଆଯାଇଥିବା ଜଣାପଡ଼ିଛି। କମିଟି ଦେଇଥିବା ଉତ୍ତରରେ ପିସିସି ସଭାପତି ସିଧାସଳଖ ଭାବେ କୌଣସି ନେତାଙ୍କ ନାଁ ନେଇ ଏପରି କହିନାହାନ୍ତି ବୋଲି ସଫେଇ ଦେଇଥିବା ଜଣାପଡ଼ିଛି।

# ବଦଳିଲେ ୫୦୨ ଇନ୍ସପେକ୍ଟର

ଭୁବନେଶ୍ୱର,୨୦।୧୧(ସମିସ): ରାଜ୍ୟର ଇନ୍ସପେକ୍ଟର ସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଛି। ନୂଆକରି ପଦୋନ୍ନତି ପାଇଥିବା ଓ ପୁରୁଣା ଇନ୍ସପେକ୍ଟରଙ୍କୁ ମିଶାଇ ମୋଟ ୫୦୨ ଜଣଙ୍କର ବଦଳି କରାଯାଇଛି। ବୁଧବାର ଏନେଇ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନା ଅନୁସାରେ, ଗତ ଜୁନ୍ ମାସ ୨୬ ତାରିଖ ଦିନ ୫୧ ଜଣ ସବ୍ ଇନ୍ସପେକ୍ଟରଙ୍କୁ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ହୋଇଥିଲା। ଗତମାସ ୧୦ ତାରିଖରେ ଆହୁରି ୪୨୭ ଏସ୍‌ଆଇ ଇନ୍ସପେକ୍ଟର ର୍‌ୟାଙ୍କକୁ ପଦୋନ୍ନତି ପାଇଥିଲେ। ହେଲେ ସେମାନଙ୍କ ନିଯୁକ୍ତି ସ୍ଥାନ ସ୍ଥିର ହୋଇ ନ ଥିଲା। ଦୁଇଟି ପର୍ଯ୍ୟାୟରେ ପଦୋନ୍ନତି ପାଇଥିବା ମୋଟ ୪୭୮ ଜଣ ଇନ୍ସପେକ୍ଟରଙ୍କ ମଧ୍ୟରୁ ୪୭୫ ଜଣଙ୍କର ବଦଳି ହୋଇଛି। ଇନ୍ସପେକ୍ଟରମାନଙ୍କୁ ବିଭିନ୍ନ ପୁଲିସ ଜିଲ୍ଲା, କ୍ରାଇମବ୍ରାଞ୍ଚ, ଭିଜିଲାନ୍ସ, ଟ୍ରାଫିକ ଓ ରୋଡ୍ ସେଫ୍ଟି ୱିଙ୍ଗ୍, ସ୍ପେଶାଲ ବ୍ରାଞ୍ଚ, ପୁଲିସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ, ଏସ୍‌ଓଜି ଆଦି ସ୍ଥାନକୁ ବଦଳି କରାଯାଇଛି। ସେହିଭଳି ଅନ୍ୟ ଏକ ଆଦେଶରେ ପୂର୍ବରୁ କାର୍ଯ୍ୟରତ ୨୭ ଜଣ ଇନ୍ସପେକ୍ଟରଙ୍କର ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି।

# ଚଳନ୍ତା ବସ୍‌ରେ ଚାଳକଙ୍କୁ ହୃଦ୍‌ଘାତ

**ଅଳ୍ପକେ ବର୍ତ୍ତିଗଲେ ୨୫ ଯାତ୍ରୀ**

ସେମିଳିଗୁଡ଼ା, ୨୦।୧୧ (ସମିସ): ଚଳନ୍ତା ବସ୍‌ରେ ଚାଳକଙ୍କୁ ହୃଦ୍‌ଘାତ। କିନ୍ତୁ, ନିଜର ଜୀବନ ଯିବା ପୂର୍ବରୁ ୨୫ଟି ଅମୂଲ୍ୟ ଜୀବନ ବଞ୍ଚାଇଦେଲେ। ଠିକ୍ ସମୟରେ ବ୍ରେକ୍ ମାରି ବସ୍ ଅଟକାଇ ଦେବାରୁ ଏକ ବଡ଼ ଅଘଟଣ ଅଳ୍ପକେ ଟଳିଯାଇଛି। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍‌ର କୁନ୍ଦିଲି ନିକଟରେ ଆଜି ସକାଳେ ଏହି ଘଟଣା ଘଟିଛି। ମୃତ ବସ୍‌ଚାଳକ ହେଲେ, ପରୁଲ୍ଲି ସାଇକୃଷ୍ଣ କୁମାର। ସୂଚନାନୁଯାୟୀ, ବିଜୟନଗରମ୍‌ରୁ ୨୫ ଯାତ୍ରୀଙ୍କୁ ଧରି ଓଏସ୍‌ଆରଟିସିର ଏକ ବସ୍ ବୁଧବାର ରାତିରେ ମାଲକାନଗିରି ଯାଉଥିଲା। କୁନ୍ଦିଲି ନିକଟ ଚାଳକ ସାଇକୃଷ୍ଣଙ୍କୁ ହୃଦ୍‌ଘାତ ହୋଇଥିଲା। ସେ ତୁରନ୍ତ ବ୍ରେକ୍ ମାରି ବସ୍‌କୁ ରାସ୍ତାକଡ଼ରେ ଅଟକାଇଦେବା ସହ ଷ୍ଟିୟରିଂ ଉପରେ ମୁହଁ ମାଡ଼ି ପଡ଼ି ଯାଇଥିଲେ। ଏହି ସମୟରେ ବସ୍‌ରେ ଥିବା ଅନ୍ୟ ଚାଳକଜଣଙ୍କ ତାଙ୍କୁ ରେଷ୍ଟ ସିଟ୍‌ରେ ଶୁଆଇ ଗାଡ଼ିକୁ ଆଗକୁ ବଢ଼ାଇଥିଲେ। ସୁନାବେଡ଼ା ପରେ ଡୁମୁରିପୁଟଠାରେ ପୁଣଥରେ ସାଇକୃଷ୍ଣଙ୍କ ହୃଦ୍‌ଘାତ ହୋଇଥିଲା। କୋରାପୁଟ ବସ୍‌ଷ୍ଟାଣ୍ଡରୁ ଏକ ଅଟୋରେ ତାଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ଶବକୁ ମାଲକାନଗିରିସ୍ଥିତ ତାଙ୍କ ଘରକୁ ପଠାଇ ଦିଆଯାଇଛି।

**ସିଏମସି କର୍ମଚାରୀଙ୍କ ଚାକିରି ନିୟମିତ ନ କରାଯିବା ପ୍ରସଙ୍ଗ**

# ସରକାରଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ,୨୦।୧୧(ସମିସ): ହାଇକୋର୍ଟଙ୍କ ରାୟ ଏକ ମାସ ଭିତରେ କାର୍ଯ୍ୟକାରୀ କରାଯିବ, ନଚେତ ପ୍ରତିଦିନର ବିଳମ୍ବ ପାଇଁ କର୍ତ୍ତୃପକ୍ଷ ୫ହଜାର ଟଙ୍କା ଲେଖାଏଁ ଦେବେ। ଏହି ବାବଦ ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଦରମାରୁ ଭରଣା କରାଯିବ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ରିଟ୍ ଅପିଲକୁ ଖାରଜ କରିବା ସହିତ ଏଭଳି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୧୯୯୦ ନଭେମ୍ବର ୧ରେ ରାଧାକ୍ରିଷ୍ଣ ଦାଶ କଟକ ପୌରନିଗମ(ସିଏମସି)ରେ ଅସ୍ଥାୟୀ କର୍ମଚାରୀ (କନିଷ୍ଠ ସହାୟକ) ଭାବେ ଯୋଗଦେଇ କାର୍ଯ୍ୟ କରୁଥିବା ବେଳେ ୧୯୮୨ରୁ ୧୯୯୨ ମଧ୍ୟରେ ପୌର ସଂସ୍ଥାଗୁଡ଼ିକରେ ଯୋଗଦେଇଥିବା ଅସ୍ଥାୟୀ କର୍ମଚାରୀଙ୍କ ଚାକିରି ନିୟମିତ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଥିଲେ। ୧୯୯୯ରେ ଆବେଦନକାରୀଙ୍କଠାରୁ କନିଷ୍ଠ ସିଏମସି କର୍ମଚାରୀଙ୍କ ଚାକିରି ନିୟମିତ କରାଯାଇଥିଲା। କିନ୍ତୁ ଏପରି ସୁବିଧାରୁ ଆବେଦନକାରୀଙ୍କୁ ବଞ୍ଚିତ କରାଯାଇଥିଲା। ଚାକିରି ନିୟମିତ ଦରଖାସ୍ତକୁ ଖାରଜ କରାଯାଇଥିଲା। ୨୦୧୮ରେ ଆବେଦନକାରୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ତିନି ମାସ ଭିତରେ ଆବେଦନକାରୀଙ୍କ ଚାକିରି ନିୟମିତ କରି ସବୁ ପ୍ରକାର ସୁବିଧା ପ୍ରଦାନ କରିବା ପାଇଁ ୨୦୨୪, ଅକ୍ଟୋବର ୨୯ରେ ହାଇକୋର୍ଟର ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଜଣିକିଆ ବିଚାରପତିଙ୍କ ଏହି ରାୟକୁ ଚାଲେଞ୍ଜ କରି ନଗର ଉନ୍ନୟନ ସଚିବ ଓ ପୌର ପ୍ରଶାସନ ନିର୍ଦ୍ଦେଶକ ହାଇକୋର୍ଟରେ ରିଟ୍ ଅପିଲ ଦାୟର କରିଥିଲେ। ପ୍ରତିପକ୍ଷ ଶ୍ରୀ ଦାଶଙ୍କ ତରଫରୁ ଆଇନଜୀବୀ ଡ. ଜିତେନ୍ଦ୍ର କୁମାର ଲେଙ୍କା ମାମଲା ପରିଚାଳନା କରୁଥିଲେ।

# ହାଇକୋର୍ଟରେ ଖଣି ଲିଜ୍‌ଧାରୀଙ୍କ ମାମଲାର ଶୁଣାଣି ଆରମ୍ଭ

କଟକ,୨୦।୧୧(ସମିସ): ଲିଜ୍ ସର୍ତ୍ତର ଉଲ୍ଲଂଘନ ଅଭିଯୋଗରେ ଖଣି ଲିଜଧାରୀଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଜାରି ଡିମାଣ୍ଡ ନୋଟିସକୁ ବିରୋଧ କରି ଦାୟର ମାମଲା ଗୁଡ଼ିକର ହାଇକୋର୍ଟରେ ଶୁଣାଣି ଆରମ୍ଭ ହୋଇଛି। ଆଜି ଶୁଣାଣି ଅଧା ରହିଥିବା ବେଳେ ଶୁକ୍ରବାରକୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଟାଟା ଷ୍ଟିଲ ଲିମିଟେଡ୍ ଓ ଅନ୍ୟମାନଙ୍କ ତରଫରୁ ଦାୟର ଏ ସଂପର୍କିତ ମାମଲା ଗୁଡ଼ିକର ଶୁଣାଣି ଚାଲିଛି। ମାମଲାର ବିବରଣୀରୁ ପ୍ରକାଶ ଯେ ଲିଜ୍ ସର୍ତ୍ତ ଓ ନିୟମ ଅନୁସାରେ ଖଣି ଲିଜଧାରୀମାନେ ଯେତିକି ପରିମାଣର ଖଣିଜଦ୍ରବ୍ୟ ପ୍ରେରଣ କରିବା କଥା ତାହା କରୁ ନ ଥିବା ଅଭିଯୋଗ ହୋଇଥିଲା। ଏହା ପରେ ରାଜ୍ୟ ସରକାରଙ୍କ ତରଫରୁ ଖଣିଜ ନିୟମାବଳୀର ନିୟମ ୧୨(କ) ରେ ଏହି ସବୁ ଲିଜଧାରୀଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ନିୟମ ୧୨(କ)ର ସାମ୍ବିଧାନିକ ବୈଧତାକୁ ନେଇ ଲିଜଧାରୀ ପ୍ରଶ୍ନ ଉଠାଇ ତଥା ସରକାରଙ୍କ ଡିମାଣ୍ଡ ନୋଟିସକୁ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ବିଭିନ୍ନ ଖଣି ଲିଜଧାରୀଙ୍କ ତରଫରୁ ପୃଥକ ମାମଲା ଦାୟର କରାଯାଇଥିବା ବେଳେ ହାଇକୋର୍ଟରେ ଏକତ୍ର ଶୁଣାଣି ଚାଲିଛି।

ଆବେଦନକାରୀଙ୍କ ତରଫରୁ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଡ. ଅଭିଷେକ ସିଂଘବୀ, ଗୋପଳ ସୁବ୍ରମଣ୍ୟମ, ସାରଦା ଷଡ଼ଙ୍ଗୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ଏଜିଏ ଦେବାଶିଷ ତ୍ରିପାଠୀ, ଶାଶ୍ୱତ ଦାସ, ଐଶ୍ୱର୍ଯ୍ୟା ଦାଶ ମାମଲା ପରିଚାଳନା କରୁଛନ୍ତି।

# କେନ୍ଦୁପତ୍ର କଲ୍ୟାଣ ପାଣ୍ଠିରୁ ୪୧.୧୭ କୋଟି ଟଙ୍କା ପ୍ରଦାନ

ଭୁବନେଶ୍ୱର,୨୦।୧୧(ସମିସ): କେନ୍ଦୁପତ୍ର ତୋଳାଳି, ବନ୍ଧାଳୀ ଏବଂ ଋତୁକାଳୀନ କର୍ମଚାରୀଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠିରୁ ୪୧.୧୭ କୋଟି ଟଙ୍କା ପ୍ରଦାନ କରିଛନ୍ତି। ୨୦୨୪ ଫସଲ ବର୍ଷ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହି ଟଙ୍କା ଦିଆଯାଇଛି। କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ବୃହତ୍ ସହାୟତା ଭାବେ ଆଜି ସୁଦ୍ଧା ୮,୫୯,୭୨୭ ଜଣ କେନ୍ଦୁପତ୍ର ତୋଳାଳିଙ୍କୁ ଚପଲ ପାଇଁ ୧୬୦, କେରି ବହନକାରୀ କପଡ଼ା ଏକକ ପିଛା ୨୦୦ ଏବଂ ହେଡ୍ କ୍ୟାପ୍ ଏକକ ପିଛା ୧୦୦ ହିସାବରେ ମୋଟ ୩୯,୫୪,୭୪,୪୨୦.୦୦ ଟଙ୍କା ଜମା କରାଯାଇଛି। ସେହିପରି ୧୮୭୬୮ ଜଣ ବନ୍ଧାଳୀଙ୍କୁ କମ୍ବଳ ଓ ମଶାରି ପାଇଁ ୟୁନିଟ ପିଛା ୭୦୦ ଟଙ୍କା ହିସାବରେ ୧,୩୧,୩୭,୬୦୦.୦୦ ଟଙ୍କା ପ୍ରଦାନ କରାଯିବା ସହିତ ୧୬୨୩୭ ଜଣ ଋତୁକାଳୀନ କର୍ମଚାରୀଙ୍କୁ ୟୁନିଟ ପିଛା ୧୦୦ ଟଙ୍କା ହାରରେ ୧୬,୨୩,୭୦୦.ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି।

# ମାଟ୍ରିକ୍ ଫର୍ମ ପୂରଣ ଅବଧି ବୃଦ୍ଧି

କଟକ,୨୦।୧୧(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫର୍ମ ପୂରଣ ଅବଧିକୁ ଘୁଞ୍ଚାଇ ଦିଆଯାଇଛି। ଏନେଇ ବୋର୍ଡ ପକ୍ଷରୁ ଆଜି ଏକ ବିଜ୍ଞପ୍ତି ଜାରି କରାଯାଇଛି। ପୂର୍ବରୁ ଫର୍ମ ପୂରଣର ଶେଷ ତାରିଖ ନଭେମ୍ବର ୨୨କୁ ଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ଏହାକୁ ନଭେମ୍ବର ୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟଗୁଡ଼ିକର ସୁବିଧାକୁ ଦୃଷ୍ଟିରେ ରଖି ବୋର୍ଡ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବର୍ଦ୍ଧିତ ସମୟସୀମା ମଧ୍ୟରେ ସମସ୍ତ ବିଦ୍ୟାଳୟକୁ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଫର୍ମ ପୂରଣ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୯ ମାସ ପରେ ବି ପିଲାଙ୍କୁ ମିଳିପାରୁନି ୟୁନିଫର୍ମ

ଭୁବନେଶ୍ୱର,୨୦।୧୧(ସମିସ): ଚଳିତ ଶିକ୍ଷାବର୍ଷରେ ଆରମ୍ଭ ହେବାର ୯ ମାସ ବିତି ଯାଇଥିଲେ ସୁଦ୍ଧା ବହୁ ସ୍କୁଲରେ ପିଲାଙ୍କୁ ଏଯାଏଁ ୟୁନିଫର୍ମ ମିଳିନି। ଯାହାକୁ ନେଇ ଗୁରୁବାର ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପିଲାଙ୍କୁ ଶୀଘ୍ର ୟୁନିଫର୍ମ ଦେବାକୁ ସେ ନିର୍ଦ୍ଦେଶ ଦେବା ସହ ରାଜ୍ୟରେ ୮୦ ପ୍ରତିଶତରୁ ଅଧିକ ସ୍କୁଲରେ ପିଲାଙ୍କୁ ୟୁନିଫର୍ମ ଦିଆଯାଇ ସାରିଲାଣି ବୋଲି ମନ୍ତ୍ରୀ କହିଛନ୍ତି। ଅଳ୍ପ କିଛି ସ୍କୁଲରେ ପିଲାଙ୍କୁ ୟୁନିଫର୍ମ ଦେବାରେ ବିଳମ୍ବ ହେଉଛି। ଛାତ୍ରୀଛାତ୍ରଙ୍କୁ ୟୁନିଫର୍ମ ଦେବାରେ ବିଳମ୍ବକୁ ନେଇ ମନ୍ତ୍ରୀ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମହିଳାମାନେ ୟୁନିଫର୍ମ ଦେବାରେ ବିଳମ୍ବ କରୁଛନ୍ତି, ସେମାନଙ୍କୁ ବାତିଲ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ୟୁନିଫର୍ମ ତିଆରି ପାଇଁ ଅନ୍ୟ କାହାକୁ ଦାୟିତ୍ୱ ଦିଆଯିବ ବୋଲି କହିଛନ୍ତି।

**ଏସ୍‌ଏଚ୍‌ଜିଙ୍କଠାରୁ ଦାୟିତ୍ୱ ହଟାଇ ନିଆଯିବ: ମନ୍ତ୍ରୀ**

ସୂଚନାଯୋଗ୍ୟ, ପ୍ରତି ଶିକ୍ଷାବର୍ଷରେ ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କୁ ଦୁଇ ହଳ ଲେଖାଏଁ ମାଗଣା ପୋଷାକ ଦିଆଯାଏ। ଜଣକ ପିଛା ହଜାରେ ଟଙ୍କା ଖର୍ଚ୍ଚ କରାଯାଏ। ସମସ୍ତ ଛାତ୍ରୀଛାତ୍ରଙ୍କୁ ଟି-ସାର୍ଟ, ପ୍ୟାଣ୍ଟ, ଜୋତା, ଟୋପି ଏବଂ ପରିଚୟପତ୍ର ମାଗଣାରେ ଯୋଗାଇ ଦିଆଯିବ। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷାର ସଂସ୍ଥା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୧୫ରେ ପିଲାଙ୍କୁ ପୋଷାକ ମିଳିବାର ଥିଲା; ହେଲେ ଏସ୍‌ଏଚ୍‌ଜିଗୁଡ଼ିକ ପୋଷାକ ଦେବାରେ ବିଳମ୍ବ କରିଥିବାରୁ ପୁଣି ଅଗଷ୍ଟ ୧୫ରେ ପିଲାଙ୍କୁ ନୂଆ ପୋଷାକ ଦିଆଯିବ ବୋଲି ବିଦ୍ୟାଳୟର ଅଧିକାରୀମାନଙ୍କୁ କୁହାଯାଇଥିଲା। ପୋଷାକ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀମାନେ ଏହାର ସଠିକ୍ ଯାଞ୍ଚ କରୁନାହାନ୍ତି। ତେଣୁ ଏସ୍‌ଏଚ୍‌ଜିଗୁଡିକ ପୋଷାକ ତିଆରି କରିବାରେ ବିଳମ୍ବ କରୁଛନ୍ତି। ସେଥିପାଇଁ ପିଲାମାନେ ଠିକ୍ ସମୟରେ ପୋଷାକ ପାଇପାରୁ ନାହାନ୍ତି। ସେହିପରି ରାଜ୍ୟରେ ୪୫ ହଜାର ପ୍ରାଥମିକ ସ୍କୁଲରେ ଶିଶୁବାଟିକା ଖୋଲାଯାଇଛି। ୩ ଲକ୍ଷ ୧୦ ହଜାର ୮୪୯ ପିଲାଙ୍କୁ ମାଗଣା ୟୁନିଫର୍ମ ପ୍ରଦାନ କରାଯିବ। ହେଲେ ଏଯାବତ ପୋଷାକ ମିଳି ନ ଥିବାରୁ ସେମାନେ ମଧ୍ୟ ଘରୋଇ ପୋଷାକ ପିନ୍ଧି ଯାଉଛନ୍ତି।

**ସିଏମ୍ କାର୍ଯ୍ୟାଳୟର ଯୁଗ୍ମ ସଚିବ ପରିଚୟ ଦେଇ ଟଙ୍କା ଠକେଇ**

# ମୁଖ୍ୟମନ୍ତ୍ରୀଙ୍କ ନାଁରେ ୫୫ ହଜାର ଟଳୁ

ଫୁଲନଖରା, ୧୮।୧୧(ସମିସ): କେତେବେଳେ ମୁଖ୍ୟମନ୍ତ୍ରୀଙ୍କ ପାଖ ଲୋକ ତ କେତେବେଳେ ସିଏମ୍‌ଓର ଯୁଗ୍ମ ସଚିବ ପରିଚୟ ଦେଇ ନିଯୁକ୍ତି ଆଶାୟୀଙ୍କୁ ଚୂନ ମାରୁଥିବା ଜଣେ ଧୂର୍ତ୍ତକୁ କଟକ ସଦର ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ଅର୍ଜୁନ ପାଣିଗ୍ରାହୀ। ତା'ର ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅର୍ଜୁନର ଘର କେନ୍ଦୁଝର ଜିଲ୍ଲାର ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଛଳା ଗ୍ରାମରେ। ସେ ତେଲେଙ୍ଗାପେଣ୍ଠସ୍ଥିତ ଅଡ଼ଙ୍ଗଡିହ ଗ୍ରାମରେ ଅଭିଯୁକ୍ତ ଅର୍ଜୁନ ଭଡାଘରେ ରହୁଥିଲା।



କଟକ ସଦର ଥାନା ଅଞ୍ଚଳ ନଛିପୁର ଗ୍ରାମର ସମୀର ସାହୁଙ୍କୁ ଚାକିରି ଦେବା ଆଳରେ ସେ ଠକିଥିଲା। ଅର୍ଜୁନ ତାଙ୍କଠାରୁ ୭୫ହଜାର ଟଙ୍କା ନେଇଥିଲା। କିନ୍ତୁ ଚାକିରି ନ ମିଳିବାରୁ ସମୀର ଟଙ୍କା ଫେରସ୍ତ ମାଗିଥିଲେ। ଅର୍ଜୁନ ୨୦ ହଜାର ଟଙ୍କା ଫେରାଇ ବାକି ଟଙ୍କା ଦେଇନଥିଲା। ତେବେ ସୀମର ଜାଣିବାକୁ ପାଇଥିଲେ ଯେ ଅର୍ଜୁନ ତାଙ୍କ ଭଳି ଅନେକ ଯୁବକଙ୍କୁ ଏମିତି ଚାକିରି ଦେବାର ପ୍ରତିଶ୍ରୁତି ଦେଇ ଠକିଛି। ସମୀର ଏ ସଂପର୍କରେ କଟକ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଆଜି ଅର୍ଜୁନକୁ ଗିରଫ କରିଛି। ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି ଯେ ଅର୍ଜୁନ ନିଜକୁ କେତେବେଳେ ନିଜକୁ ମୁଖ୍ୟମନ୍ତ୍ରୀଙ୍କ ପାଖଲୋକ ତ କେତେବେଳେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ସଚିବ କହି ଅନେକ ନିଯୁକ୍ତି ଆଶାୟୀଙ୍କୁ ଠକିଛି। ପୁଲିସ ତା'ଠାରୁ ନଗଦ ୩୮ହଜାର ଟଙ୍କା, ବିଭିନ୍ନ ବ୍ୟକ୍ତିବିଶେଷଙ୍କ ନାମ ଲେଖାଥିବା ରେଜିଷ୍ଟାର୍, ଓଡ଼ିଶା ମୋବାଇଲ୍ ଟିଭିର ସଂପାଦକର ପରିଚୟ ଥିବା ଏକ ସାମ୍ବାଦିକ ପରିଚୟପତ୍ର, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ବ୍ୟାଙ୍କ ପାସ୍‌ବୁକ୍ ଜବତ କରିଛି। ଅନ୍ୟପଟେ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

- ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ନିଷ୍ପତ୍ତି

# ବିଜୁଳି ସମସ୍ୟା ନେଇ ହେବ ଗଣ ସମ୍ମିଳନୀ

ଭୁବନେଶ୍ୱର,୨୦।୧୧(ସମିସ): ରାଜ୍ୟର ୧ କୋଟି ୧୧ ଲକ୍ଷ ବିଜୁଳି ଉପଭୋକ୍ତାଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ଆଗାମୀ ଜାନୁଆରୀ ମାସରେ ବିଜୁଳି ସମସ୍ୟା ଉପରେ ଏକ ବିରାଟ ଗଣ ସମ୍ମିଳନୀ ଅନୁଷ୍ଠିତ ହେବ। ରାଜ୍ୟର ବିଜୁଳି ସମସ୍ୟାକୁ ନେଇ ରାଜ୍ୟ ଉପଭୋକ୍ତା ମହାସଂଘ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳ ଓ ଗଣସଂଗଠନର ପ୍ରତିନିଧିଙ୍କ ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ ନିଆଯାଇଛି।

ପୂର୍ବତନ ମନ୍ତ୍ରୀ ତଥା ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏ ନେଇ ସ୍ଥାନୀୟ ୟୁନିଟ୍-୬ସ୍ଥିତ ନେତାଜୀ ଭବନଠାରେ ଅନୁଷ୍ଠିତ ବୈଠକରେ ମହାସଂଘର ସମ୍ପାଦକ ରବି ବେହେରା, ବରଗଡ଼ ଓ ଢେଙ୍କାନାଳରେ ପାୱାରକଟ୍ ଓ ସ୍ମାର୍ଟ ମିଟର ବିରୋଧୀ ଆନ୍ଦୋଳନ ଉପରେ ସୂଚନା ଦେଇଥିଲେ। ଏହାପରେ ରାଜ୍ୟରେ ବିଜୁଳି ସମସ୍ୟା ନେଇ ବ୍ୟାପକ ଆଲୋଚନା ହୋଇଥିଲା। ଆଲୋଚନାରେ ଭାଗନେଇ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଦର୍ଶାଇଥିଲେ ଯେ ଓଡ଼ିଶା ଏକ ବିଦ୍ୟୁତ୍ ଉତ୍ପାଦକ ବଳକା ରାଜ୍ୟ ହୋଇଥିଲେ ହେଁ ଦିନକୁ ଦିନ ବିଜୁଳି ମହଙ୍ଗା ହେବାରେ ଲାଗିଛି। ସେହିପରି ସର୍ବଭାରତୀୟ ସ୍ତରରେ ବିଜୁଳି ୟୁନିଟ୍ ପିଛା ହାରାହାରି ୫ ଟଙ୍କା ୮ ପଇସା ଆଦାୟ ହେଉଥିଲା ବେଳେ ଓଡ଼ିଶାରେ ଏହା ୫ ଟଙ୍କା ୮୮ ପଇସା ଆଦାୟ କରାଯାଉଛି। ଗତବର୍ଷ ବିଜୁଳି ଗ୍ରାହକଙ୍କଠାରୁ ଓଡ଼ିଶାରେ ୟୁନିଟ୍ ପିଛା ୨୪ ପଇସା ଅଧିକ ବିଜୁଳି ଶୁଳ୍କ ଆଦାୟ କରାଯାଇଛି। ୨୦୧୭-୧୮ ମସିହାରୁ ଗତ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସର୍ବମୋଟ୍ ୬,୧୧୦ କୋଟି ଟଙ୍କା ଅଧିକ ବିଜୁଳି ଶୁଳ୍କ ଓଡ଼ିଶାର ଖାଉଟିମାନଙ୍କଠାରୁ ବିଜୁଳି କମ୍ପାନୀମାନେ ଲୁଟି ନେଇଛନ୍ତି। ତେଣୁ ଏହି ଟଙ୍କାକୁ ତୁରନ୍ତ ଫେରାଇବା ସହ ସ୍ମାର୍ଟ ମିଟର ବନ୍ଦ କରିବା, ୨୦୨୩ ଓ ୨୦୨୫ର ବିଦ୍ୟୁତ୍ ଆଇନ୍‌କୁ ବାତିଲ୍ କରିବା ପାଇଁ ଉପଭୋକ୍ତା ମହାସଂଘ ଦାବି କରିଛି।

**ସ୍ମାର୍ଟ ମିଟର ବନ୍ଦ, ୨୦୨୩ ଓ ୨୦୨୫ର ବିଦ୍ୟୁତ୍ ଆଇନ୍ ବାତିଲ୍ ପ୍ରମୁଖ ଦାବି**

# ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ବାଲି ଓ ପଥର ଚୋରି: ବିଜେଡି

ଭୁବନେଶ୍ୱର,୨୦।୧୧(ସମିସ): ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ରାଜ୍ୟରେ ବାଲି ଚୋରି ଅହେତୁକ ଭାବେ ବୃଦ୍ଧି ପାଇଛି। ଏହି ବାଲି ଚୋରି ବିଜେପି ମନ୍ତ୍ରୀ ଓ ନେତାଙ୍କ ପ୍ରୋତ୍ସାହନରେ ଚାଲିଛି। ନିକଟରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲି ଚୋରି ରୋକିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଏହା ରାଜ୍ୟରେ ହେଉଥିବା ବାଲି ଚୋରିର ସ୍ୱୀକାରୋକ୍ତି ଥିଲା ବୋଲି ବିଜେଡି କହିଛି।
ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ହେଉଥିବା ବାଲିଚୋରିରେ ବିଜେପିର ନେତାମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ କରିଛନ୍ତି। ଡ. ଲେନିନ ମହାନ୍ତି କହିଥିଲେ ଯେ ୨୦୨୩-୨୪ ଆର୍ଥିକ ବର୍ଷରେ ଲଘୁ ଖଣିଜ ସମ୍ପଦରୁ ରାଜ୍ୟକୁ ୧୪୮୫ କୋଟି ଟଙ୍କା ରାଜସ୍ୱ ମିଳିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ରାଜସ୍ୱ ପରିମାଣ ୬୦୦ କୋଟି ଟଙ୍କାକୁ ଖସି ଆସିଛି। ବିଜେପିର ନେତାମନ୍ତ୍ରୀଙ୍କ ପ୍ରୋତ୍ସାହନରେ ରାଜ୍ୟରେ ଏହି ବାଲିଚୋରି ବୃଦ୍ଧି ପାଇଛି। ରାଜ୍ୟରେ ବାଲି ଏବେ ଏକ ଦୁର୍ଲଭ ବସ୍ତୁରେ ପରିଣତ ହୋଇଛି। ବାଲି



ଦରରେ ଅହେତୁକ ବୃଦ୍ଧି ପାଉଥିବା ବେଳେ ରାଜ୍ୟରେ କନଷ୍ଟ୍ରକସନ ମୂଲ୍ୟରେ ମଧ୍ୟ ବୃଦ୍ଧି ପାଇଛି। ଏହି ବାଲି ଚୋରିରେ ସରକାରୀ ଦଳର ନେତାଙ୍କ ସମ୍ପୃକ୍ତିର ଅଭିଯୋଗ ସହିତ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ସମ୍ପୃକ୍ତି ଅଭିଯୋଗ ଆସିଛି। ସ୍ୱାଧୀନତା ପରଠାରୁ କୌଣସି ମୁଖ୍ୟମନ୍ତ୍ରୀଙ୍କ ନାମରେ ଏପରି ଗୁରୁତର ଅଭିଯୋଗ କେବେବି ଆସି ନଥିଲା। ତେଣୁ ଏହି ବାଲିଚୋରି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆମେ ସ୍ପଷ୍ଟୀକରଣ ଦାବି କରୁଛୁ। ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ତାଙ୍କ ପରିବାରର ସଦସ୍ୟମାନେ ଜଣେ ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁ ଓରଫ ଲିକୁ ସାହୁଙ୍କ ସହିତ ବୁଲୁଛନ୍ତି, ଯିଏ ବାଲି ଓ ପଥର ଚୋରିରେ ସିଧାସଳଖ ସମ୍ପୃକ୍ତ ଅଛନ୍ତି ବୋଲି ରାଜ୍ୟବ୍ୟାପୀ ଚର୍ଚ୍ଚା ହେଉଛି। ଗଞ୍ଜାମରେ ବାଲି ଓ ପଥର ଚୋରିରେ ରାଜ୍ୟର ଖଣି ମନ୍ତ୍ରୀ ବିଭୁତି ଜେନାଙ୍କ ସମ୍ପୃକ୍ତି ନେଇ ଜିଲ୍ଲା ସାରା ଚର୍ଚ୍ଚା ଚାଲିଛି। ରାଜ୍ୟ ସରକାର ଏହି ଲଘୁ ଖଣିଜ ସମ୍ପଦ ଲୁଟ୍ ସମ୍ପର୍କରେ ରାଜ୍ୟବାସୀଙ୍କ ସମ୍ମୁଖରେ ଏହାର ଉତ୍ତର ରଖିବା ଦରକାର ବୋଲି ଡ. ମହାନ୍ତି କହିଥିଲେ।

- ଚୋରିରେ ଅଂଶୀଦାର ସାଜିଛନ୍ତି ବିଜେପିର ମନ୍ତ୍ରୀ, ବିଧାୟକ
- ରାଜ୍ୟବାସୀଙ୍କ ଆଗରେ ସ୍ପଷ୍ଟୀକରଣ ରଖନ୍ତୁ ମୁଖ୍ୟମନ୍ତ୍ରୀ


ଇପ୍ସିତା ସାହୁ କହିଥିଲେ ଯେ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ପ୍ରଦୀପ ବଳସାମନ୍ତ ତାଙ୍କ ପତ୍ନୀ ଓ ପୁଅଙ୍କ ନାମରେ ନୟାଗଡ ଜିଲ୍ଲାରେ ପଥରକଟା ସହ ବାଲିଘାଟ ନେଇଛନ୍ତି। ସେହିପରି ବଡମ୍ବା ନରସିଂହପୁର ବିଧାୟକ ବିଜୟ ଦଳବେହେରା ଏବେ ତାଙ୍କ ଅଞ୍ଚଳରେ ବାଲି ଓ ପଥର ମାଫିଆ ମାନଙ୍କ ସହିତ ଅଂଶୀଦାର ସାଜିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଆସ୍କା ବିଧାୟକ ସରୋଜ ପାଢ଼ୀ ବାଲି ଠିକାଦାରଙ୍କୁ ମାସିକିଆ ଚାନ୍ଦା ମାଗୁଥିବା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ରାଜ୍ୟବାସୀ ଭଲ ଭାବେ ଜାଣିଛନ୍ତି। ବାଲି ଓ ପଥର ଚୋରିକୁ ନେଇ ରାଜ୍ୟରେ ଏବେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ବିଜୁ ଜନତା ଦଳ ଏହି ପ୍ରସଙ୍ଗରେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

**ଜୋର୍ ଧରିଲା ବହଳଦା ବିଡିଓଙ୍କ ଦାବି**

# ବ୍ଲକ୍ ଅଫିସ୍‌ରେ ତାଲା ପକାଇ ସରପଞ୍ଚଙ୍କ ସମୂହ ଧାରଣା

ବହଳଦା, ୨୦।୧୧ (ସମିସ): ଅଭିଯୋଗ, ଚେତାବନୀ ପରେ ମଧ୍ୟ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବ୍ଲକ୍ ଅଫିସ୍ ଆଗରେ ତାଲା ପକାଇ ସମୂହ ଧାରଣାରେ ବସିଲେ ୧୧ ପଞ୍ଚାୟତର ସରପଞ୍ଚ। ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ୍‌ରେ ଆଜି ଏପରି ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି। ମନରେଗା ଯୋଜନାଠାରୁ ଆରମ୍ଭ କରି ବହଳଦା ବ୍ଲକ୍‌ରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବିଡିଓ ଶରତ କୁମାର ମଲ୍ଲିକ ଆଖିବୁଜା ପିସି ଆଦାୟ କରୁଛନ୍ତି ବୋଲି ଗତ ୧୭ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀରେ ସରପଞ୍ଚମାନେ ଅଭିଯୋଗ କରିଥିଲେ। ତେଣୁ, ସଂପୃକ୍ତ ବିଡିଓଙ୍କୁ ତୁରନ୍ତ ବଦଳି କରିବାକୁ ପ୍ରଶାସନକୁ ଚେତାବନୀ ଦେଇଥିଲ। କିନ୍ତୁ, ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ଏହାର ପ୍ରତିବାଦରେ ଆଜି ସରପଞ୍ଚମାନେ ଏକାଠି ହୋଇ ବ୍ଲକ୍ ଅଫିସ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି। ଏହାସହ ବ୍ଲକ୍ ଅଫିସ୍‌ରେ ମଧ୍ୟ ତାଲା ପକାଇ ଦେଇଛନ୍ତି। ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ସରପଞ୍ଚଙ୍କୁ ବୁଝାସୁଝା କରି ଧାରଣାରୁ ଓହରିବାକୁ ନିବେଦନ କରିଥିଲେ। ଏ ସଂପର୍କରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସହ ଆସନ୍ତା ୨୪ ତାରିଖରେ ଆଲୋଚନା କରିବେ ବୋଲି ମଧ୍ୟ ପ୍ରସ୍ତାବ ଦେଇଥିଲେ। ହେଲେ ଏହି ପ୍ରସ୍ତାବରେ ସରପଞ୍ଚମାନେ ରାଜି ହୋଇ ନଥିଲେ।

# ସମ୍ପାଦକୀୟ



ଶିକ୍ଷା ଯଦି ଚରିତ୍ର ନିର୍ମାଣରେ ସହାୟ ନହୁଏ, ତେବେ ତାହା ସମ୍ପୂର୍ଣ୍ଣ ବୃଥା !
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ତଥ୍ୟ ସୁରକ୍ଷା ସର୍ବୋପରି

ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ମଞ୍ଚ ହ୍ୱାଟ୍‌ସ୍‌ଆପ୍‌ରେ କେତେକ ବୈଷୟିକ ତ୍ରୁଟି ଯୋଗୁଁ ଏହାର ବ୍ୟବହାରକାରୀଙ୍କ ଗୋପନୀୟ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସମଗ୍ର ବିଶ୍ୱରେ ପ୍ରାୟ ୩୫୦ କୋଟି ହ୍ୱାଟ୍‌ସ୍‌ଆପ୍ ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ସର୍ବାଧିକ ୭୪.୯ କୋଟି ବା ୨୧% ଥିବାରୁ ହ୍ୟାକରଙ୍କ ହାତକୁ ଏହି ତଥ୍ୟ ଚାଲିଗଲେ ଭାରତୀୟ ଓ ଭାରତର ବଜାର ସର୍ବାଧିକ କ୍ଷତିଗ୍ରସ୍ତ ହୋଇପାରେ।

ଅଧୁନା ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ଉପରେ ଲୋକମାନଙ୍କର ନିର୍ଭରଶୀଳତା ବଢ଼ିବା ସହିତ ଗୋପନୀୟତାକୁ ନେଇ ବିପଦ ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି। ଏହା ସହିତ ଯୋଡ଼ି ହୋଇଯାଇଛି ଆଧାର। ଅତୀତରେ ଆଧାରରେ ଥିବା ଭାରତୀୟଙ୍କ ତଥ୍ୟ ବିଦେଶର ତୃତୀୟ ପକ୍ଷ ସଂସ୍ଥା ହାତରେ ପଡ଼ିଥିବା ଅଭିଯୋଗ ଆସିବା ପରେ ଏହା ଆଉ ସୁରକ୍ଷିତ ନୁହେଁ ବୋଲି ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ଭାରତୀୟ ନାଗରିକଙ୍କ ତଥ୍ୟ ସୁରକ୍ଷା ଏ ପର୍ଯ୍ୟନ୍ତ ଭରସାଯୋଗ୍ୟ ହୋଇପାରିନାହିଁ। ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣା ସତ୍ତ୍ୱେ ଆଧାରକୁ ବିଭିନ୍ନ ସେବା ପାଇଁ ଏକ ଅପରିହାର୍ଯ୍ୟ ଦସ୍ତାବେଜ୍ ଓ ପ୍ରମାଣପତ୍ର ରୂପେ ବ୍ୟବହାର କରାଯାଉଛି। ଯେମିତି ଏବେ ବିନା ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍‌ରେ ଜୀବନଯାତ୍ରା ଏକପ୍ରକାର ଅଚଳ, ଆଧାର ବିନା ସେବା ସେଭଳି ଅସମ୍ଭବ ଓ ଅସମ୍ପୂର୍ଣ୍ଣ। ଆଧାର ସଂଲଗ୍ନ ଇ-କେୱାଇସି ନଥିବାରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଖାଦ୍ୟ ନିରାପତ୍ତା ଆଇନରୁ ବାଦ୍ ପଡ଼ି ଜୀବନ ହାରିବା ଭଳି ଉଦାହରଣ ମଧ୍ୟ ଦେଖିବାକୁ ମିଳୁଛି। ବୋଧହୁଏ ଆଉ କିଛିଦିନ ପରେ ବିନା ଆଧାରରେ ହାଟ ବଜାରରୁ ପରିବା ମଧ୍ୟ ମିଳିବ ନାହିଁ। ଏଭଳି ପରିସ୍ଥିତିରେ ତଥ୍ୟ ଚୋରି ହେବା ସ୍ୱାଭାବିକ।

ବିଳମ୍ବରେ ହେଲେ ମଧ୍ୟ ସରକାର ଏ ଦିଗରେ ଚେତିଛନ୍ତି ଏବଂ ଆଧାର କାର୍ଡରୁ ନାମ, ଠିକଣା, ଫଟୋ ଆଦି ବାଦ୍ ଦେଇ କେବଳ କ୍ୟୁଆର କୋଡ୍ ପ୍ରଚଳନ ପାଇଁ ଯୋଜନା କରୁଛନ୍ତି। କିନ୍ତୁ ଏହା ଯଥେଷ୍ଟ ନୁହେଁ। ଆଧାର ନମ୍ବରର ଆବଶ୍ୟକତାକୁ କାଣ୍ଟଛାଣ୍ଟ, ବିଶେଷକରି ଘରୋଇ ସେବା କ୍ଷେତ୍ରରେ ନିଷିଦ୍ଧ ନ କରିବା ଯାଏଁ ନାଗରିକଙ୍କ ତଥ୍ୟ ଚୋରି ଆଶଙ୍କା ସବୁବେଳେ ଲାଗି ରହିଥିବ। ଦେଶର ପ୍ରତିରକ୍ଷା ସହିତ ଆଧାରକୁ ଯୋଡ଼ା ଯାଉଛି; କିନ୍ତୁ ନିକଟରେ କାର ବୋମା ବିସ୍ଫୋରଣରେ ଜଡ଼ିତ ଏବଂ ତା'ପୂର୍ବରୁ ଗିରଫ ଆତଙ୍କବାଦୀ ଡାକ୍ତରମାନେ ମଧ୍ୟ ଭାରତୀୟ ଆଧାର କାର୍ଡଧାରୀ ଥିଲେ। ଆତଙ୍କବାଦୀମାନେ ଏକାଧିକ ଆଧାର କାର୍ଡ ପ୍ରସ୍ତୁତି ଓ ବ୍ୟବହାର କରି ନିଶ୍ଚିନ୍ତରେ ରହିଆସୁଥିବା ବେଳେ ବିଚରା ଗରିବ ସାଧାସିଧା ଜନତା ଅଧିକ ହଇରାଣ ହରକତ ହେଉଛନ୍ତି। ତଥ୍ୟ ଚୋରିକୁ ପ୍ରତିହତ କରିବା ପାଇଁ ସରକାର ଯେଉଁକେତେକ ପଦକ୍ଷେପ ନେଉଛନ୍ତି ତାହା ପ୍ରଭାବଶାଳୀ କିମ୍ବା ସମୟୋପଯୋଗୀ ନ ହେବାରୁ ଦାନ୍ତ ଓ ନଖ ନଥିବା ବାଘ ଭଳି ହେଉଛି। କୋଟି କୋଟି ଭାରତୀୟଙ୍କ ଆଧାର କାର୍ଡ କିମ୍ବା ଅନ୍ୟ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେଲେ କେବଳ ସେହି ବ୍ୟକ୍ତିବିଶେଷ କ୍ଷତିଗ୍ରସ୍ତ ହେବେ ନାହିଁ, ସମଗ୍ର ଦେଶର ଅର୍ଥ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡ଼ିବ। ତେଣୁ ତଥ୍ୟ ସୁରକ୍ଷା ଆଇନ ଓ ନିୟମାବଳୀକୁ ଅଧିକ କଠୋର ଓ ପ୍ରଭାବଶାଳୀ କରିବା ଆଜିର ଆହ୍ୱାନ। ●

## ସମ୍ବିଧାନର ଗରିମାକୁ ସମ୍ମାନ

ରାଜ୍ୟ ବିଧାନସଭା ଦ୍ୱାରା ପାରିତ ଏବଂ ସମ୍ପୃକ୍ତ ରାଜ୍ୟପାଳମାନଙ୍କ ଦ୍ୱାରା ପ୍ରେରିତ ବିଧେୟକଗୁଡ଼ିକୁ ରାଷ୍ଟ୍ରପତି ନିର୍ଦ୍ଦିଷ୍ଟ କେତେ ଦିନ ମଧ୍ୟରେ ଅନୁମୋଦନ କରିବେ ସେଥିପାଇଁ କୌଣସି ସମୟସୀମା ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଏହା ସମ୍ପୂର୍ଣ୍ଣ ରୂପେ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ବ୍ୟାପାର। ସର୍ବୋଚ୍ଚ ନ୍ୟାୟାଳୟଙ୍କ ୫ ଜଣିଆ ସମ୍ବିଧାନ ଖଣ୍ଡପୀଠ ଉପରୋକ୍ତ ରାୟ ଦେବା ପରେ ଦୀର୍ଘଦିନ ଧରି ଲାଗି ରହିଥିବା ସାମ୍ବିଧାନିକ ସଙ୍କଟ ଓ ବିବାଦର ଅବସାନ ଘଟିଛି। ଏଥିସହିତ ସାମ୍ବିଧାନିକ ଗରିମା ଏବଂ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା ଅତୁଟ ରହିଛି। ଏକ ସାର୍ବଭୌମ ରାଷ୍ଟ୍ରରେ ରାଷ୍ଟ୍ରପତି ସର୍ବୋଚ୍ଚ ଶାସନକର୍ତ୍ତା ହୋଇଥିବାରୁ ତାଙ୍କ ଉପରେ ଶୃଙ୍ଖଳା ବା କଟକଣା ଲଦି ଦେବା ଅଶୋଭନୀୟ ଏବଂ ସମ୍ବିଧାନର ମୂଲ୍ୟବୋଧ ପ୍ରତି ଅସମ୍ମାନ ଭଳି। ଖଣ୍ଡପୀଠଙ୍କ ରାୟ ଏ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ।

ଭାରତୀୟ ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳମାନେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସେତୁ ସଦୃଶ। ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ହେଲେ ମଧ୍ୟ ରାଜ୍ୟ ଶାସନରେ ଅଯଥା ହସ୍ତକ୍ଷେପ କରିପାରିବେ ନାହିଁ। କେବଳ ପରାମର୍ଶ ଦେଇପାରିବେ। ରାଜ୍ୟ ବିଧାନସଭାରେ ପାରିତ ବିଧେୟକଗୁଡ଼ିକୁ ଅନୁମୋଦନ କରିପାରିବେ, ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଇପାରିବେ କିମ୍ବା ଅନୁପଯୁକ୍ତ ମନେ ହେଲେ ବିଧାନସଭାକୁ ଫେରାଇ ପାରିବେ। ଯଦି ଦ୍ୱିତୀୟ ବାର ସମାନ ବିଧେୟକ ପାରିତ ହୁଏ ତେବେ ରାଜ୍ୟପାଳ ତାହାକୁ ଅନୁମୋଦନ କରିବାକୁ କିମ୍ବା ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ ସାମ୍ବିଧାନିକ ବ୍ୟବସ୍ଥାରେ ବାଧ୍ୟ। କିନ୍ତୁ ରାଜନୈତିକ ଅସୂୟାର ବଶବର୍ତ୍ତୀ ହୋଇ କେତେକ ରଜ୍ୟର ରାଜ୍ୟପାଳ ଜାଣିଶୁଣି ବିଧେୟକଗୁଡ଼ିକୁ ପକେଇ ରଖୁଛନ୍ତି। ଏଥିରେ ରାଜ୍ୟ ଶାସନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି। ରାଜ୍ୟପାଳମାନଙ୍କର ଏଭଳି ଉଦ୍ଦେଶ୍ୟମୂଳକ ବାଛବିଚାର ନିଷ୍ପତ୍ତିର ସର୍ବାଧିକ କ୍ଷତିଗ୍ରସ୍ତ ରାଜ୍ୟ ମଧ୍ୟରେ ତାମିଲନାଡୁ, କେରଳ ଓ ପଞ୍ଜାବ ରହିଛନ୍ତି। ରାଜ୍ୟପାଳଙ୍କ ଏଭଳି ମନମୁଖି କାର୍ଯ୍ୟ ବିରୋଧରେ ତାମିଲ୍‌ନାଡୁ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ଦୁଇଜଣିଆ ଖଣ୍ଡପୀଠ ବିଧେୟକଗୁଡ଼ିକୁ ଅନୁମୋଦନ କରିବା ସହିତ ରାଜ୍ୟପାଳମାନେ ସର୍ବାଧିକ କେତେ ସମୟ ମଧ୍ୟରେ ନିଷ୍ପତ୍ତି ନେବେ ତାହା ଧାର୍ଯ୍ୟ କରିଥିଲେ। ଏଥିସହିତ ରାଷ୍ଟ୍ରପତିଙ୍କୁ ମଧ୍ୟ ପ୍ରସଙ୍ଗକୁ ଆଣି ସେ ସର୍ବାଧିକ ତିନିମାସ ଭିତରେ ବିଧେୟକଗୁଡ଼ିକୁ ଅନୁମୋଦନ କରିବାକୁ ବାଧ୍ୟ ବୋଲି ରାୟ ଦେଇଥିଲେ। ଏହା ସାମ୍ବିଧାନିକ ଅଧିକାରଗତ ଜଟିଳତା ସୃଷ୍ଟି କରିବାରୁ ମାମଲା ୫ ଜଣିଆ ସମ୍ବିଧାନ ଖଣ୍ଡପୀଠକୁ ଯାଇଥିଲା।

ମାମଲାର ବିଚାର କରି ଖଣ୍ଡପୀଠ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦୁଇଜଣିଆ ଖଣ୍ଡପୀଠ ଦେଇଥିବା ସମୟସୀମା ହଟାଇ ଦେବା ସହିତ ସାମ୍ବିଧାନିକ ପଦରେ ଅଧିଷ୍ଠିତ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟଧାରାରେ ସମୟସୀମା କିମ୍ବା ଶୃଙ୍ଖଳା ଲାଗୁ କରିବାର ଅଧିକାର ନ୍ୟାୟାଳୟଙ୍କର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏଥିସହିତ ରାଜ୍ୟପାଳମାନେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବିଧେୟକଗୁଡ଼ିକୁ ପକେଇ ରଖିବା ଅନୁଚିତ ବୋଲି ଯଥୋଚିତ ରାୟ ଦେଇଛନ୍ତି। ସାମ୍ବିଧାନିକ ଗରିମାର ସୁରକ୍ଷା ଓ ଲକ୍ଷ୍ମଣରେଖାର ମାନ୍ୟତା ବଜାୟ ରଖିବାକୁ ଯାଇ ଖଣ୍ଡପୀଠଙ୍କ ଏହି ସଂଶୋଧିତ ରାୟକୁ ଯଦି ସକାରାତ୍ମକ ରୂପେ ରାଜ୍ୟପାଳମାନେ ଗ୍ରହଣ କରନ୍ତି ତେବେ ଗଣତନ୍ତ୍ର ପାଇଁ ଶୁଭଙ୍କର ହେବ। ●

# ବୟୋବୃଦ୍ଧ: ଆଇନରେ ସୁରକ୍ଷିତ, ସମାଜରେ ଅବହେଳିତ

**ଡକ୍ଟର ଅବଶ ପରିଡ଼ା**

ବୟୋବୃଦ୍ଧଙ୍କ ଭରଣପୋଷଣ କରୁନାହାନ୍ତି, କିନ୍ତୁ ପିଲାମାନେ ସମ୍ପତ୍ତି ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେଉଛନ୍ତି। ପିଲାମାନଙ୍କ ଦ୍ୱାରା ବାପାଙ୍କ ସମ୍ପତ୍ତିରେ ଅଧିକାରୀ ଜାହିର କରିବା ପାଇଁ ମାମଲା କରିବା ବୟସ୍କଙ୍କ ପ୍ରତି ଏକ ଅତ୍ୟାଚାର। ଚଳିତ ମାସରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ ଏହି ଐତିହାସିକ ରାୟ ଦେଇଛନ୍ତି। ସେହିପରି ପିତାମାତାଙ୍କର ଭରଣପୋଷଣରେ ଅବହେଳା କରୁଥିବା ପିଲାଙ୍କୁ ସମ୍ପତ୍ତିରୁ ବେଦଖଲ ମାମଲାର ସଂଖ୍ୟା ଭାରତରେ ଏବେ ବୃଦ୍ଧି ପାଉଛି। ଉଭୟ ଭରଣପୋଷଣ ଏବଂ ତେଜ୍ୟ ପାଇଁ ହେଉଥିବା ଆବେଦନ କେବଳ ପିଲାମାନଙ୍କର ବ୍ୟକ୍ତିଗତ ଅବହେଳାର ପ୍ରତିଫଳନ ନୁହେଁ, ବରଂ ଏକ ସାମାଜିକ ପରିବର୍ତ୍ତନର ଆଭାସ। ବୟୋବୃଦ୍ଧ ପିତାମାତାଙ୍କ ସେବା ପିଲାମାନଙ୍କ ପାଇଁ ଏକଦା ନୈତିକ କର୍ତ୍ତବ୍ୟ ଥିଲା; କିନ୍ତୁ ତାହା ଏବେ ଆଇନଗତ ବାଧ୍ୟବାଧକତା ପାଲଟିଛି।

ରାଷ୍ଟ୍ରୀୟସ୍ତରର ଅନେକ ସମୀକ୍ଷା ଓ ତଥ୍ୟ ଅନୁଯାୟୀ ଭାରତର ଜନସଂଖ୍ୟାରେ ତିନୋଟି ପରିବର୍ତ୍ତନ ଦେଖାଯାଉଛି। ପ୍ରଥମ ଦୁଇଟି ହେଉଛି, ବୟୋବୃଦ୍ଧଙ୍କ ସଂଖ୍ୟା ଏବଂ ଯୁବବର୍ଗଙ୍କ ଭୌଗୋଳିକ ଗତିଶୀଳତା ବଢ଼ୁଛି। ଶେଷଟି ହେଉଛି ପିଲାମାନଙ୍କ ଉପରେ ଆର୍ଥିକ ଭାବରେ ନିର୍ଭର କରୁଥିବା ବୟସ୍କଙ୍କ ସଂଖ୍ୟା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି। 'ଇଣ୍ଡିଆ ଏଜିଂ ରିପୋର୍ଟ' ଏହାକୁ ନେଇ ଏକ ଆହ୍ୱାନ କଥା ଉଲ୍ଲେଖ କରିଛି। ତାହା ହେଉଛି, ନୂତନ ଜୀବନଶୈଳୀ ଏବଂ ସମ୍ବଳର ଅଭାବ ଯୋଗୁଁ ଆଧୁନିକ ପରିବାରଗୁଡ଼ିକ ନିଜ ଭାବପ୍ରବଣ ଦାୟିତ୍ୱ ମୁଖ୍ୟତଃ ବୃଦ୍ଧ ପିତାମାତାଙ୍କ ଭରଣପୋଷଣ, ଚିକିତ୍ସା ଓ ସେବାକୁ ନେଇ ଚାପରେ ଅଛନ୍ତି। ବୟସ୍କଙ୍କ ସେବା ଏକ ବୋଝ, ଏକ ଆଇନଗତ ଭୟ ଓ ଦାୟିତ୍ୱର ଚାପ ଭଳି ଧାରଣା ଏବେ ବିଶ୍ୱବ୍ୟାପୀ ବ୍ୟାପକ ହେବାରେ ଲାଗିଛି।

ପାରମ୍ପରିକ ଭାରତୀୟ ସମାଜରେ ପିତାମାତାଙ୍କ ଯତ୍ନ, ସେବା, ଶ୍ରଦ୍ଧା ଓ ସମ୍ମାନ ହେଉଛି ମୂଲ୍ୟବୋଧ ସନ୍ନିହିତ। କିନ୍ତୁ ଦ୍ରୁତ ସହରୀକରଣ, ପ୍ରବାସ ଏବଂ ଅଣୁ ପରିବାରର ଉତ୍ଥାନ ଇତ୍ୟାଦି ଆମ ନୈତିକ କର୍ତ୍ତବ୍ୟଗୁଡ଼ିକୁ ଏକପ୍ରକାରର ଅସ୍ପଷ୍ଟ ଦାୟିତ୍ୱରେ ପରିଣତ କରିଛି। ସମ୍ଭବତଃ, ସେଥିପାଇଁ ବୟୋବୃଦ୍ଧମାନେ ନିର୍ଯାତନା, ହିଂସା, ଅବହେଳାର ଶିକାର ହେଉଛନ୍ତି। ସମାଜଶାସ୍ତ୍ରରେ ଏହାକୁ 'ନୈତିକ ନିରନ୍ତରତାର ସଙ୍କଟ' ବୋଲି କୁହାଯାଏ। ସରଳରେ କହିଲେ, ବ୍ୟକ୍ତିଗତ କିମ୍ବା ସାମାଜିକ ନୈତିକ ଢାଞ୍ଚାର ଅଧୋପତନ ଏବଂ ଠିକ୍ କିମ୍ବା ଭୁଲକୁ ନେଇ ଆମ ଭିତରେ ବ୍ୟାପକ ଅନିଶ୍ଚିତତାର ଏହା ହେଉଛି ଏକ ପରିସ୍ଥିତି। କ୍ରମାଗତ ଭାବେ ଏହା ଯୋଗୁଁ ପରିବାର ଏକ ଆବେଗପୂର୍ଣ୍ଣ ଅନୁଷ୍ଠାନରୁ ପାରସ୍ପରିକ ଲାଭ ଚାଳିତ ପ୍ରତିଷ୍ଠାନ ଏବଂ ଆଇନଗତ ଚୁକ୍ତିରେ ପରିବର୍ତ୍ତନ ହୋଇସାରିଛି। ଅନେକ ପିଲାଙ୍କ ପାଇଁ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ଆଉ ଏକ ଆନ୍ତରିକ ଆଚରଣ ନୁହେଁ। ସମାଜବିଜ୍ଞାନୀ ୱେବରଙ୍କ ତତ୍ତ୍ୱ ଅନୁସାରେ ଆମର ସାମାଜିକ ଜୀବନ ଏକ ପ୍ରକ୍ରିୟାରେ ପାରମ୍ପରିକ ଢାଞ୍ଚାରୁ ଆଇନଗତ-ଯୌକ୍ତିକ କର୍ତ୍ତୃପକ୍ଷକୁ ଆଡ଼କୁ ଗତି କରେ। ଉଦାହରଣ ସ୍ୱରୂପ, ସନ୍ତାନର ଧର୍ମ, କର୍ତ୍ତବ୍ୟ ଏବଂ ନୈତିକ କ୍ରମକୁ ଅମଲାତାନ୍ତ୍ରିକ ପ୍ରକ୍ରିୟା, ଯେପରିକି ଆଧିକାରିକ ସୂଚନା, ଟ୍ରିବ୍ୟୁନାଲ୍ ଶୁଣାଣି, ବହିଷ୍କାର ଆଦେଶ ଦ୍ୱାରା ଆକାର ଦିଆଯାଉଛି। ତେଣୁ ଅବହେଳିତ ପିତାମାତାମାନେ ଆଉ ସ୍ନେହ ବନ୍ଧନ ଆଶା କରୁନାହାନ୍ତି। ପ୍ରତିବାଦରେ ଦୁଃଖ ଓ ନିର୍ଯାତନାର ଆଇନଗତ ସ୍ୱୀକୃତି ପାଇଁ ସେମାନେ ଅଦାଲତର ଆଶ୍ରୟ ନେଉଛନ୍ତି।

ବୃଦ୍ଧ ପିତାମାତାଙ୍କୁ ନିଃସହାୟ ନ କରିବା ପାଇଁ 'ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ'- ୨୦୦୭ ପ୍ରଣୟନ କରାଯାଇଥିଲା। ବୃଦ୍ଧ ପିତାମାତାଙ୍କ ମୌଳିକ ଆବଶ୍ୟକତା, ଆଶ୍ରୟ ଓ ମାସିକ ଭତ୍ତା ପ୍ରଦାନ କରିବାକୁ ଏହା ପିଲାମାନଙ୍କୁ କିମ୍ବା ଉତ୍ତରାଧିକାରୀମାନଙ୍କୁ ଆଦେଶ କରିଥାଏ। ଏଥିରେ ନିୟମ ଅଛି ଯେ ଯଦି ଅବହେଳିତ ହୁଅନ୍ତି ତେବେ ପିତାମାତାମାନେ ଏକ ଭରଣପୋଷଣ ଟ୍ରିବ୍ୟୁନାଲରେ ଏହା ବିରୁଦ୍ଧରେ ଆବେଦନ ଦାଖଲ କରିପାରିବେ। ଟ୍ରିବ୍ୟୁନାଲ ମାସିକ ଭରଣପୋଷଣ ୧୦, ୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ନିର୍ଦ୍ଦେଶ ଦେଇପାରିବେ କିମ୍ବା ପିଲାମାନଙ୍କୁ ପିତାମାତାଙ୍କ ସମ୍ପତ୍ତିର ଅଧିକାରରୁ ବାଦ୍ ଦେଇପାରିବେ।

ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ଭାରତୀୟ ବୟସ୍କମାନେ ନିଜ ଭରଣପୋଷଣ ପାଇଁ ପିଲାମାନଙ୍କ ମଧ୍ୟରେ ବାଣ୍ଟି ହୋଇଯାଇଛନ୍ତି। ପିତାମାତାଙ୍କୁ ପିଲାମାନେ ଭାଗରେ ରଖିବାକୁ କିଛି ଆଧାର ଅଛି। ଯଥା ପିଲାମାନଙ୍କ ରହୁଥିବା ସ୍ଥାନ, ଚାକିରି ଓ ଆର୍ଥିକ କ୍ଷମତା ଇତ୍ୟାଦି। ଏକ ଘରୋଇ ଗବେଷଣାର ତଥ୍ୟ ଅନୁଯାୟୀ ବୟସ୍କଙ୍କ ଦ୍ୱାରା ନ୍ୟାୟାଳୟରେ ଆବେଦନର ସଂଖ୍ୟା ବଢ଼ିବାର ଦୁଇଟି କାରଣ ଅଛି। ପ୍ରଥମଟି, କେଉଁ ପିଲା ସେମାନଙ୍କୁ କେତେଦିନ ଭାଗରେ ରଖିବେ ଏବଂ ଦ୍ୱିତୀୟ, ପିଲାମାନଙ୍କ ମଧ୍ୟରେ ଜରୁରିକାଳୀନ ଖର୍ଚ୍ଚ ବହନର ଦ୍ୱନ୍ଦ୍ୱ। ଦିଲ୍ଲୀ ବରିଷ୍ଠ ନାଗରିକ ଟ୍ରିବ୍ୟୁନାଲ୍‌ର ଏକ ଆବେଦନର ଉଦାହରଣ ଏଠାରେ ନେବା। ୮୨ ବର୍ଷୀୟ ଦମ୍ପତି ତାଙ୍କ ପୁଅ ଓ ବୋହୂଙ୍କୁ ସମ୍ପତ୍ତିରୁ ବାସନ୍ଦ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ। ଯୁକ୍ତି ଥିଲା ଯେ ପୁଅ-ବୋହୂ ରକ୍ଷଣାବେକ୍ଷଣ ଓ ଭରଣପୋଷଣ କରୁନାହାନ୍ତି, ବରଂ ସମ୍ପତ୍ତି ଉପଭୋଗ ଓ ଦଖଲ କରି ରଖିଛନ୍ତି। ଦିଲ୍ଲୀ ଟ୍ରିବ୍ୟୁନାଲ୍ ଏମ୍‌ଡବ୍ଲୁପିଏସ୍‌ସି ଆଇନ ଅନୁଯାୟୀ ପୁଅକୁ ସମ୍ପତ୍ତିରୁ ବେଦଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ପୁଅର ଯୁକ୍ତି ଥିଲା ଯେ ତାଙ୍କ ଭାଇ ମଧ୍ୟ ସମାନ ଦାୟିତ୍ୱ ବାଣ୍ଟିବା ଉଚିତ। ବିଡ଼ମ୍ବନା ଯେ ଦୁଇ ଭାଇ ମିଳିତ ଯତ୍ନ ଗ୍ରହଣ କରିବାକୁ ମନା କରିଥିଲେ। ସୂଚାଇ ଦେବାକୁ ଚାହେଁ ଯେ ପିଲାମାନଙ୍କ ଏହି ନିଷ୍ପତ୍ତିରେ ଟ୍ରିବ୍ୟୁନାଲ୍ ବିଶେଷ କିଛି ସାହାଯ୍ୟ କରିପାରିବେ ନାହିଁ।

ଟ୍ରିବ୍ୟୁନାଲ୍ ଦେଉଥିବା ରାୟ ମଧ୍ୟ ସମାନ ପ୍ରକାରର ନୁହେଁ। ବୟସ୍କଙ୍କ ଭରଣପୋଷଣ ଆଇନର ନ୍ୟାୟିକ ବ୍ୟାଖ୍ୟା ବିବାଦୀୟ ବୋଲି ସଦ୍ୟ ପ୍ରକାଶିତ ଏକ ଅଧ୍ୟୟନ ପ୍ରକାଶ କରିଛି। ଏହା ଅନୁଯାୟୀ ପିତାମାତାଙ୍କ ସମ୍ପତ୍ତିରୁ ପିଲାଙ୍କୁ ବେଦଖଲ କରିବାର ପ୍ରଶାସନିକ କର୍ତ୍ତୃପକ୍ଷଙ୍କ କ୍ଷମତାକୁ କିଛି ଖଣ୍ଡପୀଠ ସୀମିତ ରଖିଛନ୍ତି। କେଉଁଠି ବେଦଖଲ ମଧ୍ୟ କରିଛନ୍ତି। ଅନ୍ୟ କିଛି ପରିସ୍ଥିତିରେ ଟ୍ରିବ୍ୟୁନାଲ୍ ବେଦଖଲ ନିର୍ଦ୍ଦେଶ ଜାରି କରିଛନ୍ତି କିନ୍ତୁ ଅପବ୍ୟବହାର କିମ୍ବା ଦଖଲ ପ୍ରମାଣିତ ହୋଇନାହିଁ। ତେଣୁ ଏହା ଦର୍ଶାଉଛି ଯେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଆଇନକୁ ଉଭୟ ଢାଲ ଭାବରେ ଏବଂ ପରିବାର ମଧ୍ୟରେ ଦ୍ୱନ୍ଦ୍ୱର ଏକ ବିବାଦୀୟ ଉପକରଣ ଭାବରେ ବ୍ୟବହାର କରାଯିବାର ସମ୍ଭବନା ଅଛି। କିଛିଦିନ ତଳେ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠ କହିଛନ୍ତି ଯେ ଭରଣପୋଷଣ ଟ୍ରିବ୍ୟୁନାଲ୍, ଆପିଲେଟ୍ ଟ୍ରିବ୍ୟୁନାଲ୍ କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କର ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ ୨୦୦୭ ଅନୁଯାୟୀ ଆବେଦନ ଉପରେ କୌଣସି ସନ୍ତାନ କିମ୍ବା ସମ୍ପର୍କୀୟଙ୍କୁ ବାହାର କରିବା ପାଇଁ କୌଣସି ବହିଷ୍କାର ଆଦେଶ ପ୍ରଦାନ କରିବାର କ୍ଷମତା ନାହିଁ। ସେହିପରି ଚଳିତ ବର୍ଷର ଏକ ମିଡିଆ ରିପୋର୍ଟ କୁହେ ଯେ ବୃଦ୍ଧ ପିତାମାତା ଉପହାର କିମ୍ବା ଉତ୍ତରାଧିକାର ପ୍ରତିଶ୍ରୁତି ମାଧ୍ୟମରେ ସମ୍ପତ୍ତି ହସ୍ତାନ୍ତର ପରେ ମଧ୍ୟ ସେମାନେ ଅବହେଳାର ଶିକାର ହେଉଛନ୍ତି। ତେଣୁ ମାସିକ ଅନେକ ଆବେଦନ ଆସୁଛି। ବିହାର, ଛତିଶଗଡ଼ର ଟ୍ରିବ୍ୟୁନାଲ୍ ଏବଂ କିଛି ପ୍ରଶାସନିକ ନିର୍ଦ୍ଦେଶ ଦ୍ୱାରା ବହୁତ ସମ୍ପତ୍ତି ସ୍ଥାନାନ୍ତରକୁ ବାତିଲ କରାଯାଇଛି।

ତେଣୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଆଇନ କିମ୍ବା ସ୍ୱେଚ୍ଛାକୃତ ସମ୍ପତ୍ତି ସ୍ଥାନାନ୍ତର ବୟସ୍କମାନଙ୍କୁ ଆଶ୍ୱସ୍ତି ଦେଇପାରିବ ନାହିଁ। ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ଏହି ଆଇନ ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବାରେ ଅସମର୍ଥ ବୋଲି ଅନେକ ଯୁକ୍ତି ବାଢ଼ୁଛନ୍ତି। ପ୍ରଥମ କାରଣ ହେଉଛି ଏହା କଲ୍ୟାଣ ଉପରେ ନୁହେଁ, ଭରଣପୋଷଣ ଉପରେ ଧ୍ୟାନ ଦେଉଛି। ଚିକିତ୍ସା ଖର୍ଚ୍ଚ, ଔଷଧ, ସହାୟକ ଉପକରଣ, ପରିବହନ ଓ ବର୍ଦ୍ଧିତ ସହରାଞ୍ଚଳ ଜୀବନଯାପନ ଖର୍ଚ୍ଚ ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ। ଦ୍ୱିତୀୟଟି ହେଉଛି ଆଦେଶ କାର୍ଯ୍ୟକାରିତା କରିବାରେ ସମସ୍ୟା। ଯଦି ପିଲାମାନେ ଦେୟ ଦେବାକୁ ମନା କରନ୍ତି, ତେବେ ଟ୍ରିବ୍ୟୁନାଲ୍‌ର ଅନୁପାଳନକୁ ବଳବତ୍ତର କରିବା ପାଇଁ ସେମିତି କିଛି ଶକ୍ତ ଉପାୟ ନାହିଁ। ଅବଶ୍ୟ ଏକମାତ୍ର ଯତ୍ନ ନେଉଥିବା ପିଲା ବା ଆର୍ଥିକ ଦୁର୍ବଳ ପିଲାମାନଙ୍କ ଉପରେ ଚାପ ହ୍ରାସ କରିବା ପାଇଁ ରାଷ୍ଟ୍ର ଦ୍ୱାରା ପେନସନ, ସମ୍ପ୍ରଦାୟ-ଭିତ୍ତିକ ବୃଦ୍ଧାଶ୍ରମ ଏବଂ ସୁଲଭ ବାର୍ଦ୍ଧକ୍ୟ ସେବାକୁ ବିସ୍ତାର କରାଯାଉଛି।

ପିଲାମାନଙ୍କ ଦ୍ୱାରା ଅବହେଳିତ କିମ୍ବା କୌଣସି ଭରଣପୋଷଣ ପାଉ ନଥିବା ବୃଦ୍ଧମାନଙ୍କ ଉପରେ ଆର୍ଥିକ ଚାପ ପର୍ଯ୍ୟବସିତ ନିଜସ୍ୱ ଗବେଷଣାରୁ ଜଣାପଡ଼ିଛି ଯେ ବୟୋବୃଦ୍ଧମାନେ ଆର୍ଥିକ ସାହାଯ୍ୟ ବିନା ଆଶ୍ରୟ, ସ୍ୱାସ୍ଥ୍ୟସେବା ଓ ଦୈନନ୍ଦିନ ଖର୍ଚ୍ଚ ଭଳି ମୌଳିକ ଆବଶ୍ୟକତା ଠାରୁ ଖୁବ ଦୂରରେ। ଯାହା ଫଳରେ ତୀବ୍ର ଦାରିଦ୍ର୍ୟ ଓ ସ୍ୱାସ୍ଥ୍ୟର ଅବନତି ଘଟୁଛି। ପୁରୁଷଙ୍କ ଅପେକ୍ଷା ଭାରତୀୟ ବୃଦ୍ଧା ମହିଳା, ମୁଖ୍ୟତଃ ବୃଦ୍ଧା ବିଧବା ମହିଳାମାନେ ଆର୍ଥିକ ଚାପ ଓ କମ୍ ଆର୍ଥିକ ସୁରକ୍ଷା ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ରାଷ୍ଟ୍ର କିମ୍ବା ଆଇନ ଦ୍ୱାରା ଶ୍ରଦ୍ଧା, ସେବା ଓ ସମ୍ମାନ ଥିବା ସମ୍ପର୍କକୁ ପୁନଃ ସୃଷ୍ଟି କରିବା ଅସମ୍ଭବ। ତେଣୁ ଏକ ସ୍ଥାୟୀ ଆଇନଗତ ସୁରକ୍ଷା ଓ ସୁସ୍ଥ ସାମାଜିକ ନୀତି ସହିତ ଆନ୍ତଃପିଢ଼ିଗତ ଦାୟିତ୍ୱକୁ ପୁନଃପରିଭାଷିତ କରିବାର ଆବଶ୍ୟକତା ଅଛି। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବିଜ୍ଞାନ ଅଧ୍ୟୟନ ଓ ବୈଜ୍ଞାନିକ ମନୋଭାବ

**ପ୍ରଶାନ୍ତ ମିଶ୍ର**

ମଣିଷ ଚିରକାଳ ଏକ ଜିଜ୍ଞାସୁ, କୌତୂହଳୀ ଓ ଅନୁସନ୍ଧିତ୍ସୁ ସତ୍ତା। ଅନ୍ଧ ଭାବେ ସେ କୌଣସି କଥାକୁ ମାନି ନିଏ ନାହିଁ। ପ୍ରଶ୍ନ କରେ, ତର୍କ ରଖେ, ପ୍ରମାଣ ଲୋଡ଼େ ଓ ଯଥାର୍ଥତା ଉପରେ ଗୁରୁତ୍ୱ ଦିଏ। ମହାଜନମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ପନ୍ଥାରେ ନିରପେକ୍ଷତାର ଉପାଦାନ ଖୋଜେ। ନୋବେଲ ବିଜେତା ଅମର୍ତ୍ତ୍ୟ ସେନଙ୍କ 'ଯୁକ୍ତିପ୍ରିୟ ଭାରତୀୟ' ଅନୁଯାୟୀ ବୈଜ୍ଞାନିକ ମନୋଭାବ (ସାଇଣ୍ଟିଫିକ୍ ଟେମ୍ପର) ଆମ ଆଦର୍ଶବାଦର ଏକ ଅବିଚ୍ଛେଦ୍ୟ ଅଂଶ। ଉପନିଷଦ ରଚନା କାଳରୁ ଏହା ଭାରତରେ ରହି ଆସିଛି। ବୌଦ୍ଧ ସୂତ୍ରସାହିତ୍ୟରୁ ବି ଜଣାପଡ଼େ ଯେ ବୁଦ୍ଧ କୌଣସି କଥାକୁ ଅନ୍ଧ ଭାବେ ମାନିନେବା ସପକ୍ଷରେ ନଥିଲେ। କେବଳ ଗୁରୁଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଗୁରୁ ଯାହା କହିଛନ୍ତି, ତାହା ସତ୍ୟ ଓ ଅକାଟ୍ୟ ବୋଲି ବିଶ୍ୱାସ କରିଯିବା ତାଙ୍କ ପାଇଁ ଗ୍ରହଣୀୟ ନଥିଲା।

ପାଶ୍ଚାତ୍ୟରେ ଊନବିଂଶ ଶତାବ୍ଦୀର ପ୍ରାୟ ମଧ୍ୟଭାଗରୁ 'ବୈଜ୍ଞାନିକ ମନୋଭାବ' ବାକ୍ୟାଂଶଟିର ବ୍ୟବହାର ବଢ଼ିଥିବା ଜଣାପଡ଼େ। ଏକଦା ଜଣେ ଖ୍ରୀଷ୍ଟୀୟ କ୍ୟାଥୋଲିକ୍ ବିଦ୍ୱାନ ଥୋମାସ୍ ଏ ହଗ୍ସ ଏହାର ବିଶ୍ଳେଷଣ କରି କହିଥିଲେ - ବୈଜ୍ଞାନିକ ମନୋଭାବ ଏକ ତ୍ରୁଟି-ବିରୋଧୀ ଯତ୍ନଶୀଳତା ଓ ଅନମନୀୟ ସଠିକତା। ବର୍ଟାଣ୍ଡ ରସେଲ୍ 'ଫ୍ରି ଥଟ୍ ଆଣ୍ଡ ଅଫିସିଆଲ୍ ପ୍ରୋପାଗଣ୍ଡା' ଶୀର୍ଷକ 'କନୱେ ମେମୋରିଆଲ୍ ଲେକ୍‌ଚର୍' ଅବସରରେ ଆଇନଷ୍ଟାଇନଙ୍କ 'ଥିଓରି ଅଫ୍ ରିଲେଟିଭିଟି' ବିଶ୍ୱସ୍ତରରେ ଗୃହୀତ ହେବା ବୈଜ୍ଞାନିକ ମନୋଭାବର ଏକ ଉଜ୍ଜ୍ୱଳ ଉଦାହରଣ ବୋଲି ମତ ଦେଇଥିଲେ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁଙ୍କ ବୈଜ୍ଞାନିକ ମନୋଭାବ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଥିଲା। ତାଙ୍କ 'ଭାରତ ଆବିଷ୍କାର' (ଡିସ୍କଭରି ଅଫ୍ ଇଣ୍ଡିଆ) ଜରିଆରେ ସେ ବୈଜ୍ଞାନିକ ମନୋଭାବକୁ ଜନପ୍ରିୟ କରାଇବା ପାଇଁ ଉଦ୍ୟମ କରିଥିଲେ।

ଧର୍ମ ସ୍ୱତଃପ୍ରବୃତ୍ତ ଆବେଗ, ଉତ୍କଣ୍ଠା ଓ ସ୍ୱତଃସ୍ଫୂର୍ତ୍ତ ଅବବୋଧ ଉପରେ ଆସ୍ଥା ରଖେ ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ର ସକାଶେ ଏହାର ବ୍ୟବହାରଯୋଗ୍ୟତା ରହିଛି ବୋଲି ନିଶ୍ଚିତ ଥାଏ। ଏପରିକି ବୌଦ୍ଧିକ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ ପାଇଁ ଯେଉଁ କ୍ଷେତ୍ରଗୁଡ଼ିକ ଅନୁକୂଳ, ସେହି କ୍ଷେତ୍ରଗୁଡ଼ିକୁ ବି ବାଦ ଦେବାକୁ ଚାହେଁନାହିଁ। ମନ ମସ୍ତିଷ୍କର ବାତାୟନକୁ ବନ୍ଦ ରଖି ଅନ୍ଧତ୍ୱ, ଅସହନଶୀଳତା, ଅସଙ୍ଗତି ଓ ଅଯୌକ୍ତିକତା ପ୍ରଭୃତିକୁ ଉତ୍ସାହିତ କରେ। ତେଣୁ କୁହାଯାଇପାରେ ଧର୍ମ ନିର୍ଭରଶୀଳ ଓ ଅମୁକ୍ତ ମଣିଷର ବିଶ୍ୱାସପ୍ରବଣତା-ଆଧାରିତ ଏକ ମନୋଭାବ। ଅନ୍ୟପକ୍ଷରେ ବିଜ୍ଞାନ ଓ ବୈଜ୍ଞାନିକ ମନୋଭାବ କ୍ଷୁଧା, ଦାରିଦ୍ର୍ୟ, ଅସ୍ୱାସ୍ଥ୍ୟକର ପରିବେଶ ଓ ନିରକ୍ଷରତା, ଅନ୍ଧବିଶ୍ୱାସ ଓ ନିଶ୍ଚେତକ ପ୍ରଥା ପରମ୍ପରା ଏବଂ ଅଯଥାର୍ଥ ସମ୍ବଳକ୍ଷୟ ଜନିତ ସମସ୍ୟାସବୁର ସମାଧାନ ପାଇଁ ସାମର୍ଥ୍ୟ ରଖେ। ଆମ ସମ୍ବିଧାନ ଅନୁଯାୟୀ ବି ବୈଜ୍ଞାନିକ ମନୋଭାବ, ମାନବତାବାଦ ଓ ଅନିସନ୍ଧିତ୍ସୁ ଚିତ୍ତବୃତ୍ତିର ବିକାଶ ଘଟାଇବା ନାଗରିକର ଅନ୍ୟତମ ମୌଳିକ କର୍ତ୍ତବ୍ୟ।

ତୃଣମୂଳ ସ୍ତରରେ ବୈଜ୍ଞାନିକ ମନୋଭାବକୁ ଆଦୃତ କରାଇବା ପାଇଁ ୧୯୫୨ -୫୩ ରେ ଭାରତ ସରକାରଙ୍କ ଦ୍ୱାରା ପ୍ରଥମ ବଳିଷ୍ଠ ପଦକ୍ଷେପ ନିଆ ଯାଇଥିଲା। ତତ୍କାଳୀନ 'କାଉନ୍‌ସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ'(ସିଏସ୍‌ଆଇଆର୍) ମୁଖ୍ୟ ତଥା 'ଫାଦର୍ ଅଫ୍ ରିସର୍ଚ୍ଚ ଲାବୋରଟାରିଜ୍' ନାମରେ ପରିଚିତ ଶାନ୍ତି ସ୍ୱରୂପ ଭଟ୍ଟନାଗର ଏହାର ନେତୃତ୍ୱ ନେବା ସହ ବିଜ୍ଞାନ, ଟେକ୍ନୋଲୋଜି ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ହୋମି ଜାହାଙ୍ଗୀର ଭାବା, ବିକ୍ରମ ସରାଭାଇ ଓ ସମଶ୍ରେଣୀୟ ଅନ୍ୟ ବୈଜ୍ଞାନିକମାନଙ୍କର ବି ସ୍ୱାଧୀନତାପ୍ରାପ୍ତି ପରବର୍ତ୍ତୀ ଭାରତର ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ରହିଥିଲା।

ଅନ୍ୟପକ୍ଷରେ ବୈଜ୍ଞାନିକ ମନୋଭାବର ବିକାଶକୁ ପ୍ରତିହତ କରିବା ପାଇଁ ସେତେବେଳେ ଉଦ୍ୟମ ଚାଲିଥିଲା ଏବଂ ଏବେ ବି ଉଦ୍ୟମ ଜାରି ରହିଛି। ନିଜକୁ ସ୍ୱାମୀ, ବାବା, ମାତା, ଗୁରୁ, ତାନ୍ତ୍ରିକ, ଫକୀର ପ୍ରଭୃତି ରୂପେ ପରିଚିତ କରାଇ ବହୁ ଭଣ୍ଡ ଏ ଦିଗରେ କାର୍ଯ୍ୟ କରିଚାଲିଛନ୍ତି। ବିଜ୍ଞାପନ ଜରିଆରେ ଲୋକଙ୍କୁ ଆକର୍ଷିତ କରି ବିଭିନ୍ନ ବ୍ୟକ୍ତିଗତ ସମସ୍ୟାର ସମାଧାନ ଓ ବ୍ୟାଧି ନିବାରଣ ପାଇଁ କର୍ମକାଣ୍ଡୀୟ ଉପଦେଶ ଦେଉଛନ୍ତି ଓ ଉତ୍ପାଦ ବିକ୍ରି କରୁଛନ୍ତି। ସେମାନଙ୍କ ଜାଲରେ ଧରା ଦେବାକୁ ଦୌଡ଼ୁଛନ୍ତି ତଥାକଥିତ ଶିକ୍ଷିତ ଓ ପ୍ରଭାବଶାଳୀ ଲୋକ। ରାଜନୈତିକ ପୃଷ୍ଠପୋଷକତା ବି ସେମାନଙ୍କୁ ମିଳୁଛି।

ବିଜ୍ଞାନ ଅଧ୍ୟୟନ ସହିତ ବୈଜ୍ଞାନିକ ମନୋଭାବର ବିଶେଷ ସମ୍ପର୍କ ନାହିଁ। ଯଦି ଥା'ନ୍ତା, ତେବେ ବୈଜ୍ଞାନିକ ମହାକାଶକୁ ଯାନ ପଠାଇବା ପୂର୍ବରୁ ସଫଳତା ପାଇବା ଆଶାରେ ଉପାସନା ସ୍ଥଳକୁ ଯାଇ ପୂଜାର୍ଚ୍ଚନା କରନ୍ତେ ନାହିଁ କି ଧର୍ମଗୁରୁମାନଙ୍କ ଆଶୀର୍ବାଦ ଲୋଡ଼ନ୍ତେ ନାହିଁ। ବୈଜ୍ଞାନିକ ମନୋଭାବର ଅଗ୍ରଗାମୀତ୍ୱକୁ ବଜାୟ ରଖିବା ପାଇଁ ତେଣୁ ବିଜ୍ଞାନ ପଢ଼ିବା ଅପେକ୍ଷା ଅଧିକ ଜରୁରୀ, ହେଲା ନିଷ୍କପଟ ସନ୍ଦେହ ପୋଷଣ, ପକ୍ଷପାତିତା ଓ ଘୃଣା ବିଦ୍ୱେଷରୁ ମୁକ୍ତି, ବାସ୍ତବତା ଉପରେ ଗୁରୁତ୍ୱ ଆରୋପ, ଅପ୍ରମାଣ-ଆଧାରିତ ନିଷ୍ପତ୍ତି ବା ସିଦ୍ଧାନ୍ତକୁ ନାକଚ କରିବାର ସାମର୍ଥ୍ୟ। ●

କାଶୀନଗର(ଗଜପତି), ମୋ: ୭୮୭୩୫୭୩୫୬୯

## ଶକୁନି ମନ୍ଦିର

### ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ମହାଭାରତର ମୁଖ୍ୟ ଖଳନାୟକ ଶକୁନିଙ୍କ ଚତୁରତା ଓ ଚକ୍ରାନ୍ତ ଅତୁଳନୀୟ। ଆଜି ମଧ୍ୟ କୌଣସି କୁବୁଦ୍ଧି ବା କୁଚକ୍ରାନ୍ତକାରୀଙ୍କୁ ଶକୁନିଙ୍କ ସହ ତୁଳନା ଓ ଭର୍ତ୍ସନା କରାଯାଏ। ଶକୁନି ଖଳ ଓ ଦୁରାଚାରୀ ଚରିତ୍ରଯୁକ୍ତ ହୋଇଥିଲେ ମଧ୍ୟ ଦକ୍ଷିଣ ଭାରତରେ ତାଙ୍କର ଏକ ମନ୍ଦିର ଅଛି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କେତେକ ପୌରାଣିକ କଥାବସ୍ତୁକୁ ଆଧାର କରି ଶକୁନିଙ୍କୁ ଦେବତୁଲ୍ୟ ବିଚାର କରାଯାଇଛି। ଯଥା - ଅଧର୍ମର ବିନାଶ ଓ ଧର୍ମର ସଂସ୍ଥାପନ ପାଇଁ ଦେବତାଙ୍କ କ୍ରୋଧରୁ ସୃଷ୍ଟି ଶକୁନି ଦ୍ୱାପର ଯୁଗରେ ଧରାପୃଷ୍ଠରେ ଜନ୍ମ ନେଇଥିଲେ। କାଳକ୍ରମେ ସେ ପାଣ୍ଡବ ଓ କୌରବଙ୍କ ମଧ୍ୟରେ ବିଭାଜନ କରାଇ ଯୁଦ୍ଧର ତାଣ୍ଡବ ରଚନା କଲେ। ମହାଭାରତ ଯୁଦ୍ଧ ଦ୍ୱାରା ଅଧର୍ମର ବିନାଶ ଓ ଧର୍ମର ଜୟଗାନ ହେଲା।

କେରଳର କୋଲ୍ଲମ ଜିଲ୍ଲାରେ ଶକୁନିଙ୍କୁ ସମର୍ପିତ ଏହି ମନ୍ଦିରକୁ 'ମଲନାଡ ମନ୍ଦିର' କୁହାଯାଉଛି। ଏହି ମନ୍ଦିର 'ମାୟମକୋଟ୍ଟୁ ମଳଂଚାରୁବୁ ମଲନାଡ ମନ୍ଦିର' ଭାବେ ମଧ୍ୟ ଜଣାଶୁଣା। ଯେଉଁଠାରେ ଶକୁନି ମହାଦେବଙ୍କୁ ତପସ୍ୟା କରି ପ୍ରସନ୍ନ କରିଥିଲେ ସେଠାରେ ଏହି ମନ୍ଦିର ନିର୍ମାଣ କରାଯାଇଛି। ସ୍ଥାନୀୟ ଜନଶ୍ରୁତି ଅନୁସାରେ ଏଠାରେ ମହାଦେବ ଶକୁନିଙ୍କୁ ସାକ୍ଷାତ ଦର୍ଶନ ଦେଇ ମୁକ୍ତି ପ୍ରଦାନ କରିଥିଲେ। ଯେଉଁ ଶିଳା ଉପରେ ଶକୁନି ତପସ୍ୟାରତ ଥିଲେ, ତାହା ଆଜି ମଧ୍ୟ ବିଦ୍ୟମାନ ଅଛି, ଯାହା 'ପବିତ୍ରେଶ୍ୱରମ୍' ଭାବେ ପରିଚିତ। ତେଣୁ ଏହି ମନ୍ଦିର ଶକୁନିଙ୍କର ପଶ୍ଚାତାପ ଏବଂ ମହାଦେବଙ୍କ ଆଶୀର୍ବାଦର ପ୍ରତୀକ ଭାବେ ରହିଛି। ଭକ୍ତମାନଙ୍କର ଅତୁଟ ବିଶ୍ୱାସ ରହିଆସିଛି ଯେ, ଏହି ମନ୍ଦିରରେ ବିଧିବିଧାନର ସହ ଶକୁନିଙ୍କ ପୂଜା କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏହି ମନ୍ଦିରକୁ ଗୋଟିଏ ତନ୍ତ୍ରପୀଠ ଭାବରେ ମଧ୍ୟ ଖ୍ୟାତି ମିଳିଛି। ଗୁପ୍ତ ସିଦ୍ଧି ପ୍ରାପ୍ତ କରିବା ପାଇଁ ଏଠାରେ ତାନ୍ତ୍ରିକମାନଙ୍କର ଭିଡ଼ ଅନେକ ସମୟରେ ଦେଖିବାକୁ ମିଳେ। ଏଠାରେ ଶକୁନିଙ୍କ ସହିତ ମା' ନାଗଦେବୀ, କିରାତମୂର୍ତ୍ତି ଓ ନାଗରାଜଙ୍କୁ ମଧ୍ୟ ପୂଜା କରାଯାଉଛି। ପ୍ରତିବର୍ଷ ଏଠାରେ 'ମଲକୁଡ୍ଡା ମହୋଲସବମ୍' ନାମକ ଉତ୍ସବ ପାଳନ କରାଯାଏ। ଏହି ଉତ୍ସବରେ ପାରମ୍ପରିକ ରୀତିନୀତି ଅନୁସାରେ ଶକୁନିଙ୍କର ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ ଏବଂ ହଜାର ହଜାର ଶ୍ରଦ୍ଧାଳୁ ଉକ୍ତ ପୂଜାରେ ଯୋଗ ଦେଇଥା'ନ୍ତି। ସ୍ଥାନୀୟ ଲୋକଙ୍କ ବ୍ୟତୀତ ଭାରତର ଅନେକ ସ୍ଥାନରୁ ମଧ୍ୟ ଭକ୍ତମାନେ ଏହି ଭବ୍ୟ ଉତ୍ସବରେ ଯୋଗ ଦେଇ ଶକୁନିଙ୍କ ସହିତ ମା' ନାଗଦେବୀ, କିରାତମୂର୍ତ୍ତି ଓ ନାଗରାଜଙ୍କୁ ପୂଜା କରି ଆଶିଷ ଭିକ୍ଷା କରିଥା'ନ୍ତି।

କେବଳ କେରଳରେ ଶକୁନି ମନ୍ଦିର କାହିଁକି ପ୍ରତିଷ୍ଠା ହେଲା, ସେ ସମ୍ପର୍କରେ ଗୋଟିଏ ଲୋକକଥା ଅଛି। କଥା ଅନୁସାରେ, ଯୁଦ୍ଧଭୂମିରେ ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ, ଅଗଣିତ ସୈନିକଙ୍କର ରକ୍ତରଞ୍ଜିତ ମୃତ ଶରୀର, ରାଜ୍ୟଗୁଡ଼ିକର ବିଭାଜନ, ହାହାକାର ଓ ଶିଶୁଙ୍କ ଆର୍ତ୍ତନାଦ ଦେଖିବା ପରେ ଶକୁନି ପଶ୍ଚାତାପର ଅଗ୍ନିରେ ଜଳିବାକୁ ଲାଗିଲେ। ନିଜକୁ ବହୁବାର ଧିକ୍କାର କରିବା ପରେ ସେ ପଶ୍ଚାତାପ ମନସ୍କ ହୋଇ ବାନପ୍ରସ୍ଥରେ ବାହାରିଲେ। ତପସ୍ୟା କରିବା ପାଇଁ ଶାନ୍ତିର ସନ୍ଧାନରେ ସେ ଆସି ପହଞ୍ଚିଲେ କେରଳର କୋଲ୍ଲମଠାରେ। ଏଠାରେ ସେ ମହାଦେବଙ୍କୁ ତପସ୍ୟା କରି ପ୍ରାୟଶ୍ଚିତ କରିବା ପାଇଁ ସ୍ଥିର କଲେ ଏବଂ ଶତାଧିକ ବର୍ଷ ତପସ୍ୟା କରିବା ପରେ ମହାଦେବ ସ୍ୱୟଂ ଶକୁନିଙ୍କୁ ଦର୍ଶନ ଦେଇ ତାଙ୍କର ମନସ୍କାମନା ପୂର୍ଣ୍ଣ କରିବା ସହ ତାଙ୍କୁ ମୁକ୍ତି ପ୍ରଦାନ କଲେ। ତେଣୁ ସମୟକ୍ରମେ ଏହି ସ୍ଥାନରେ ଶକୁନିଙ୍କ ମନ୍ଦିର ନିର୍ମାଣ ହେଲା ଏବଂ ଉକ୍ତ ତପସ୍ୟା ଶିଳା ମହାଦେବଙ୍କ ଆଶିଷପ୍ରାପ୍ତ ହୋଇ 'ପବିତ୍ରେଶ୍ୱରମ୍' ନାମରେ ଖ୍ୟାତ ହେଲା।

କୋଲ୍ଲମଠାରେ କେବଳ ଶକୁନିଙ୍କ ମନ୍ଦିର ସହିତ ଦୁର୍ଯ୍ୟୋଧନ ଓ କୌରବ ୧୦୦ ଭାଇ ଓ ଭଗ୍ନୀ ଦୁଶଳାଙ୍କ ମନ୍ଦିର ମଧ୍ୟ ୫୦ ମିଟର ବ୍ୟବଧାନ ଭିତରେ ରହିଛି। କେରଳର ରହୁଥିବା 'କୁରାଭାର' ନାମକ ପ୍ରାଚୀନ ସମୁଦାୟର ଲୋକମାନେ ନିଜକୁ କୌରବଙ୍କ ବଂଶଧର ବୋଲି କହିଥା'ନ୍ତି। ତେଣୁ ଏହି ସମୁଦାୟର ଲୋକମାନେ ଶକୁନି ମନ୍ଦିର, ଦୁର୍ଯ୍ୟୋଧନ ମନ୍ଦିର ଓ ଅନ୍ୟ କୌରବ ମନ୍ଦିରଗୁଡ଼ିକରେ ପୂଜାର୍ଚ୍ଚନା କରିଥା'ନ୍ତି। ଏହି ମନ୍ଦିରଗୁଡ଼ିକରେ ବୈଦିକ ପୂଜାର୍ଚ୍ଚନା ପରିବର୍ତ୍ତେ ଲୋକଗୀତ, ଲୋକପ୍ରଥା, ଆଦିବାସୀ ପରମ୍ପରାର ଝଲକ ଅଧିକ ଦେଖିବାକୁ ମିଳେ। ତଥାପି ଶକୁନି ମନ୍ଦିରରେ ହେଉଥିବା ବାର୍ଷିକ ମେଳାରେ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଲୋକମାନେ ଅଂଶଗ୍ରହଣ କରିଥା'ନ୍ତି। ଶ୍ରଦ୍ଧାଳୁଙ୍କର ଅତୁଟ ବିଶ୍ୱାସ ଏହିସବୁ ମନ୍ଦିର ସହିତ ଜଡ଼ିତ ହୋଇ ରହିଛି ଏବଂ ଏହି ବିଶ୍ୱାସ ଯୋଗୁଁ ସେମାନଙ୍କ ମନୋସ୍କାମନା ଅବିଳମ୍ବେ ପୂର୍ଣ୍ଣ ହୋଇଛି ବୋଲି ଶୁଣିବାକୁ ମିଳେ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଳମ୍ବ ହେଲେ...

ହେବ । ଏଭଳି କ୍ଷେତ୍ରରେ ଅଦାଲତ ହସ୍ତକ୍ଷେପ କରିପାରିବେ ଏବଂ ଯୁକ୍ତିଯୁକ୍ତ ସମୟମଧ୍ୟରେ ନିଷ୍ପତ୍ତି ନେବା ନିମନ୍ତେ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇପାରିବେ । କୋର୍ଟ କହିଲେ ଯେ ରାଷ୍ଟ୍ରପତି/ରାଜ୍ୟପାଳଙ୍କ କ୍ଷମତାକୁ ସଙ୍କୁଚିତ କରାଯିବା ହେଉଛି ସମ୍ବିଧାନ-ବିରୋଧୀ । ତେବେ ବିନା କାରଣରେ ବିଲ୍ ଉପରେ ନିଷ୍ପତ୍ତିରେ ଅହେତୁକ ବିଳମ୍ବ ହେଲେ କୋର୍ଟ ହସ୍ତକ୍ଷେପ କରିପାରିବେ । ସେହିଭଳି ଆଉ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସୁପ୍ରିମ କୋର୍ଟ କହିଛନ୍ତି ଯେ ରାଷ୍ଟ୍ରପତି/ରାଜ୍ୟପାଳଙ୍କ ଅନୁମୋଦନ ନଦେଲେ ବିଧାନସଭା ଦ୍ୱାରା ପାରିତ ବିଲ୍ ଅନୁମୋଦିତ ହେଲା ବୋଲି ଧରି ନିଆଯିବା ଭଳି ସମ୍ବିଧାନରେ ବ୍ୟବସ୍ଥା ନାହିଁ କି ସମ୍ବିଧାନ ଏଥିପାଇଁ ଅନୁମତି ମଧ୍ୟ ଦେଉନାହିଁ ।

ସୂଚନାଯୋଗ୍ୟ ଗତ ଏପ୍ରିଲ ମାସରେ ସୁପ୍ରିମ କୋର୍ଟଙ୍କ ଦୁଇ ଜଣିଆ ବେଞ୍ଚ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ବନାମ ତାମିଲନାଡୁ ସରକାର ମାମଲାରେ ଐତିହାସିକ ରାୟ ଦେଇ ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ୬ ମାସର ସମୟସୀମା ଧାର୍ଯ୍ୟ କରିଥିଲେ । ଏହି ପ୍ରଶ୍ନ ଉପରେ ଗତ ମେ ମାସରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରେସିଡେନସିଆଲ ରେଫରେନ୍ସ ଜରିଆରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିଥିଲେ । ତେବେ ମାମଲାର ଶୁଣାଣି ଚାଲିଥିବା ବେଳେ ସମ୍ବିଧାନ ବେଞ୍ଚ ସ୍ପଷ୍ଟ କରିଦେଇଥିଲେ ଯେ ଏହି ମାମଲାରେ କୋର୍ଟ କେବଳ ତାଙ୍କର ମତାମତ ଦେବେ । ଏପ୍ରିଲ ମାସରେ ସୁପ୍ରିମ କୋର୍ଟ ଦେଇଥିବା ରାୟ ଉପରେ ଏହାକୁ ପୁନର୍ବିଚାର ବୋଲି କୁହାଯାଇପାରିବ ନାହିଁ । ସେହିପରି ଯାହାକୁ ରଦ୍ଦ କରିବା ଲାଗି ବେଞ୍ଚ ମନା କରିଦେଇଥିଲେ । ଶୁଣାଣି ବେଳେ ମଧ୍ୟ ପ୍ରଧାନ ବିଚାରପତି ଅହୁରି ସ୍ପଷ୍ଟ କରିଦେଇଥିଲେ ଯେ ସାମ୍ବିଧାନିକ କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହେଲେ ସୁପ୍ରିମ କୋର୍ଟ ଚୁପ ହୋଇ ବସିପାରିବେ ନାହିଁ ।

### ହିତାଧିକାରୀଙ୍କୁ ରାସନ...

ବିଏମ୍‌ସି ଅଞ୍ଚଳ ପାଇଁ ୩୬ ହଜାର ହିତାଧିକାରୀଙ୍କ ନାମରେ ଥିବା ରାସନ କାର୍ଡ କଟାଯିବା ଲକ୍ଷ୍ୟ ରଖାଯାଇଛି । ସେହିପରି ଆଠଗଡ଼ ବ୍ଲକ୍ ପାଇଁ ପ୍ରାୟ ୫ ହଜାରରୁ ଅଧିକ, ଉଦ୍ଗ୍ର ବ୍ଲକରେ ୨୭ ହଜାର ୯୫୦ ଟି କାର୍ଡ କଟାଯିବ । ସେହିପରି ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୪୨ ହଜାର, ନୟାଗଡ଼ ଜିଲ୍ଲାରୁ ୩୫ ହଜାର, ସମ୍ବଲପୁର ଜିଲ୍ଲାରୁ ୫୧ ହଜାର ହିତାଧିକାରୀଙ୍କ ନାମ ସନ୍ଦିଗ୍ଧ ସୂଚୀରେ ରହିଛି ଏବଂ ଏମାନଙ୍କ ରାସନ କାର୍ଡ ରଦ୍ଦ ହୋଇପାରେ ବୋଲି କୁହାଯାଉଛି । ଯଦିଓ ରାଜ୍ୟସ୍ତରରେ ଯୋଗାଣ ବିଭାଗ ଏସମ୍ପର୍କରେ ମୁହଁ ବନ୍ଦ ରଖିଛି, ତଥାପି ସାରା ରାଜ୍ୟରେ ରାସନ କାର୍ଡ କଟିବାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି । ଅନ୍ୟପକ୍ଷରେ ଯେଉଁମାନେ ଅନେକ ଦିନ ପର୍ଯ୍ୟନ୍ତ କାର୍ଡରେ ଚାଉଳ ନେଇ ନାହାନ୍ତି ସେମାନଙ୍କ ନାମ ମଧ୍ୟ ଖାରଜ କାର୍ଡ ସୂଚୀରେ ରହି ପାରିବ । ରାଜ୍ୟରେ ଜାରି ରହିଥିବା ଇ-କେୱାଇସି ପ୍ରକ୍ରିୟାରେ ପ୍ରାୟ ୧୫ ଲକ୍ଷ ହିତାଧିକାରୀ ଏଯାଏଁ କେୱାଇସି କରି ନାହାନ୍ତି । ଏମାନଙ୍କ ମଧ୍ୟରେ ଅନେକ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରି ପାରି ନ ଥିବା ଅଭିଯୋଗ ହୋଇ ଆସୁଛି । ଏମିତି କି ଇ କେୱାଇସି ଯୋଗୁଁ ଯାଜପୁରରେ ଜଣେ ମାଙ୍କିଡିଆ ସମ୍ପ୍ରଦାୟ ଲୋକଙ୍କୁ ଚାଉଳ ନ ମିଳିବା ହେତୁ ଅନାହାରରେ ତାଙ୍କର ମୃତ୍ୟୁ ହୋଇଥିବା ଭଳି ଘଟଣା ମଧ୍ୟ ଘଟିଛି । ଏହି ସ୍ଥିତିରେ ପୁଣି ରାସନ କାର୍ଡ କାଟିବାକୁ ନେଇ ଯୋଜନା ହେବା ପରେ ରାଜ୍ୟରେ ଥିବା ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପାଇଁ ଚିନ୍ତା ବଢ଼ିଛି । ଜିଲ୍ଲା ଓ ବ୍ଲକ ସ୍ତରରେ ଯୋଗାଣ ବିଭାଗ ଅଧିକାରୀମାନେ ଏବେ ଡାଟାରେ ସନ୍ଦିଗ୍ଧ (ସସ୍ପେକ୍ଟ) ତାଲିକା ଧରି କ୍ଷେତ୍ରସ୍ତରରେ ଯାଞ୍ଚ ଆରମ୍ଭ କରିଛନ୍ତି । ଇ-କେୱାଇସି ପରେ ପରେ ଏଭଳି ଯାଞ୍ଚ ଆରମ୍ଭ ହୋଇଥିବାରୁ ଅନେକ ହିତାଧିକାରୀଙ୍କୁ କାର୍ଡ କଟିଯିବାର ଭୟ ରହିଛି ।

### ବିହାର ମୁଖ୍ୟମନ୍ତ୍ରୀ...

ଶପଥ ଗ୍ରହଣ ପରେ ପ୍ରଧାନମନ୍ତ୍ରୀ ମୋଦୀ ଗାମୁଛା ହଲାଇ ଲୋକଙ୍କୁ ଅଭିବାଦନ ଜଣାଇଥିଲେ । ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ ଅନେକ ବଡ଼ ନେତା ସାମିଲ ହୋଇଥିଲେ । ସମାରୋହରେ ହରିୟାଣା, ଆସାମ, ଗୁଜରାଟ, ମେଘାଳୟ, ଉତ୍ତର ପ୍ରଦେଶ, ନାଗାଲାଣ୍ଡ, ଓଡ଼ିଶା, ଦିଲ୍ଲୀ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ ।

### ସରକାରଙ୍କୁ ଘେରିବାକୁ...

ବିଜେଡିର ହଟ୍ଟଗୋଳ କାରଣରୁ ଅଧିବେଶନଟି ଏକପ୍ରକାର ଧୋଇ ହୋଇଯାଇଥିଲା । କଂଗ୍ରେସର ଅନାସ୍ଥା ପ୍ରସ୍ତାବ ସେତେବେଳେ ରାଜନୀତିକୁ ସରଗରମ କରିଥିବାବେଳେ ଏକାଧିକ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଅଡୁଆରେ ପକାଇଥିଲା ବିଜେଡି । ଆସନ୍ତା ଅଧିବେଶନରେ ସମାନ ଢଙ୍ଗରେ ସରକାରଙ୍କୁ ଘେରଉଥିବା ରାଜନୀତି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସୂଚନା ଦେଇଛନ୍ତି । ରାଜ୍ୟ ସରକାରଙ୍କ ବିରୋଧରେ ପୁନର୍ବାର ପ୍ରସଙ୍ଗ ରହିଛି । ଆସନ୍ତା ୨୭ ତାରିଖରେ ଆମର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ । ବୈଠକରେ ବିଧାନସଭାରେ କେଉଁ ପ୍ରସଙ୍ଗ ଉତ୍ଥାପନ କରାଯିବ, ତାହା ସ୍ଥିର କରାଯିବ ବୋଲି ସେ କହିଛନ୍ତି ।

ସେହିପରି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଲୋକଙ୍କ ମତକୁ ଯେ କୌଣସି ଉପାୟରେ ବିଜେପି ଯେମିତି ନେଉଯାଉଛି, ସେହିପରି ଭାବେ ପ୍ରତିଦାନ କିନ୍ତୁ ଦେଉପାରୁ ନାହିଁ । ଯାହାଫଳରେ ରାଜ୍ୟରେ ବେକାରୀ, ଦରଦାମ, ଦାଦନ, ମହିଳା ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି । ଚାଷୀକୁଳ ହତାଦାର, ପ୍ରତାରିତ ହେଉଥିବା ବେଳେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ରମାଗତ ଭାବେ ଅବନତି ଦେଖା ଦେଇଛି । ଯେଉଁ ପ୍ରସଙ୍ଗ ଛୁଇଁବ, ସେହି ପ୍ରସଙ୍ଗରେ ସରକାର ବିଫଳ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଅରୁଣ । ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ନେଇ ଆମେ ସରକାରଙ୍କୁ ଜବାବ୍ ମାଗିବୁ ବୋଲି ସେ କହିଛନ୍ତି । ଏତଦ୍ ବ୍ୟତୀତ ମହାନଦୀଠାରୁ ଆରମ୍ଭ କରି ପୋଲାଭରମ୍ ପର୍ଯ୍ୟନ୍ତ ସମସ୍ତ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ବିଜେଡି ଦୃଢ଼ଭାବେ ବିଧାନସଭାରେ ଉତ୍ଥାପନ କରିବ ବୋଲି ସେ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବାକୁ ସ୍ଥିର ହୋଇଛି ଏବଂ ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟ ଦିବସ ରହିଛି । ପ୍ରମୁଖ କାର୍ଯ୍ୟଦିବସ ମଧ୍ୟରେ ପ୍ରଥମ ଦିନରେ ଅପରାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବୋଧନ ସହ ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବାକୁ କାର୍ଯ୍ୟ ଧାର୍ଯ୍ୟ କରାଯାଇଛି । ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବୀ ଆଲୋଚନା ହେବା ପରେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ ।

### ୨୨ରେ ଲଘୁଚାପ...

ବାତ୍ୟାରେ ପରିଣତ ହୁଏ, ତେବେ ପବନର ବେଗ ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହି ଘୂର୍ଣ୍ଣିବଳୟ ଓ ଲଘୁଚାପ ଯୋଗୁଁ ରାଜ୍ୟରେ ବର୍ଷା ପରିମାଣ କେତେ ରହିବ ସେ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୌଣସି ସୂଚନା ଜାରି କରାଯାଇନାହିଁ । ତେବେ ଲଘୁଚାପ ପ୍ରଭାବରେ ଉପକୂଳ ଓଡ଼ିଶା ସହ ଏହାର ଆଖପାଖ ଜିଲ୍ଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ରହିଛି । ସମ୍ଭବତଃ ୨୨ ତାରିଖରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷାର ପରିମାଣ ବଢ଼ିବାର ଆଶଙ୍କା କରାଯାଉଛି । ବର୍ଷାକୁ ପ୍ରାଥମିକ ଭାବେ ଆଇଏମ୍‌ଡି ବିସ୍ତାରିତ ପରିସର ଆକଳନ ଜାରି କରିଛି । ଏଥିରେ ୨୮ ତାରିଖରୁ ଡିସେମ୍ବର ୪ ତାରିଖ ମଧ୍ୟରେ ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାରେ ସର୍ବାଧିକ ପରିମାଣରେ ବର୍ଷା ହୋଇପାରେ ବୋଲି ବିଭାଗ ଆକଳନ କରିଛି । ଅନ୍ୟପଟେ ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟରେ ଶୀତର ପରିମାଣ କମିବାରେ ଲାଗିଛି । ସାରା ରାଜ୍ୟରେ ତାପମାତ୍ରା ରାତିର ତାପମାତ୍ରାରେ କିଛି କିଛି ବଢ଼ୁଛି । ଗତ ୨୪ ଘଣ୍ଟାରେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୧.୫ ଡିଗ୍ରୀ ରେକର୍ଡ ହୋଇଛି । ଏହା ସହିତ ଦାରିଙ୍ଗିବାଡ଼ିରେ ମଧ୍ୟ ତାପମାତ୍ରା ୧୧.୫ ଡିଗ୍ରୀ ସେଲ୍‌ସିୟସ୍ ରହିଛି । ୧୨ ଡିଗ୍ରୀ କିମ୍ବା ଏହାଠାରୁ କମ୍ ତାପମାତ୍ରା ଓଡ଼ିଶାର ୪ଟି ଜାଗାରେ ରେକର୍ଡ କରାଯାଇଥିବା ବେଳେ ୧୫ ଡିଗ୍ରୀ କିମ୍ବା ଏହାଠାରୁ କମ୍ ତାପମାତ୍ରା ୧୫ଟି ଜାଗାରେ ରେକର୍ଡ କରାଯାଇଛି । ବର୍ତ୍ତମାନ ପବନ ପ୍ରବାହର ଦିଗ ବଦଳିଛି । ରାଜ୍ୟରେ ଏବେ ବଙ୍ଗୋପସାଗରରୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି । ଫଳରେ ରାଜ୍ୟରେ ତାପମାତ୍ରା ବଢ଼ିବାରେ ଲାଗିଛି । ଆଗକୁ ତାପମାତ୍ରାରେ ବୃଦ୍ଧି ଯୋଗୁଁ ଶୀତର ମାତ୍ରା କମିବା ନେଇ ସମ୍ଭାବନା ରହିଛି ।

### ଗୋଟିଏ କ୍ଲାସ୍ ପରେ...

ପଢ଼ିଛନ୍ତି । ସେ କହିଛନ୍ତି, ଯଦି ପୁଅର ର୍‍ୟାଙ୍କ ନଥିଲା, ନିଟ୍ ସେଲ୍ କାହିଁକି ଓ କେମିତି କଲେଜ ଲିଙ୍ଗ ସାର୍ଟିଫିକେଟ୍ (ସିଏଲ୍‌ସି) ରଖିବା ସହ ଆଡମିସନ୍ ବାବଦକୁ ୩୭, ୯୪୦ ଟଙ୍କା ନେଇ ଭିମସାର୍‌ରେ କ୍ଲାସ୍ କରିବାକୁ ଅନୁମତି ଦେଲା ?

ସୂଚନାନୁଯାୟୀ, ମୁକେଶଙ୍କ ଘର ବରଗଡ଼ ଜିଲ୍ଲା ବିଜେପୁର ରଙ୍ଗମଟିଆରେ । ଗତ ନିଟ୍ ପରୀକ୍ଷାରେ ସେ ସର୍ବଭାରତୀୟସ୍ତରରେ ସାଧାରଣ ବର୍ଗରେ ୨୬୪୫୯ ରାଙ୍କ ପାଇଥିଲେ । ସେ ନିଟ୍ ପରୀକ୍ଷାରେ ୫୨୯ ମାର୍କ ରଖିଥିବା ବେଳେ ଷ୍ଟେଟ୍ ରାଙ୍କ ତାଙ୍କର ୯୧୧ ରହିଥିଲା । ତାଙ୍କୁ ଗତ ୨୧ ଅଗଷ୍ଟରେ ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ମେଡିକାଲ କଲେଜ ଓ ହସପିଟାଲ (ଭିମସାର୍)ରେ ସିଟ୍ ଆଲଟ୍ କରାଯାଇଥିଲା । ଆଡମିସନ୍ ଫି’ ବାବଦକୁ ସେ ୩୭ ୯୪୦ ଟଙ୍କା ଅନ୍‌ଲାଇନ୍‌ରେ ଜମା କରିଥିଲେ । ସେହିମାସ ୨୪ ତାରିଖରେ ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ଓଜେଇଇ କାର୍ଯ୍ୟାଳୟରେ ଧାର୍ଯ୍ୟ ସମୟରେ ତାଙ୍କର ଭିମସାରରେ ଏମ୍‌ବିବିଏସ୍ ଆଡମିସନ୍ ବି ହୋଇଥିଲା । କିନ୍ତୁ ଭିମସାରରେ ଗୋଟିଏ କ୍ଲାସ କଲା ପରେ ରାତାରାତି କିପରି ତାଙ୍କର ନିଟ୍ ରାଙ୍କ ବଦଳିଗଲା, ତାହା କେହି ବୁଝିପାରୁନାହାନ୍ତି । ତାଙ୍କ ରାଙ୍କ ଏବେ ୨୬୪୫୯ରୁ ସିଧା ୧୭ ଲକ୍ଷ ରାଙ୍କକୁ ଖସି ଆସିଛି ।

ମୁକେଶ ଓ ତାଙ୍କ ବାପା ସୁଦାମ ଏ ସଂପର୍କରେ ଭିମସାର ସହକାରୀ ପ୍ରଫେସର ଡା. ଶଙ୍କର ରାମଚନ୍ଦାନୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଡା. ରାମଚନ୍ଦାନୀ ସେମାନଙ୍କ କାଗଜପତ୍ର ଦେଖିବା ପରେ ଏପରି ଏକ ଠକେଇ ଘଟଣା ଘଟିଛି ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ଡା. ରାମଚନ୍ଦାନୀଙ୍କ କହିବା ଅନୁଯାୟୀ, ଯେହେତୁ ମୁକେଶ କହୁଛନ୍ତି, ଏହା ଠକେଇ ଭଳି ଲାଗୁଛି । ସବିଶେଷ ତଦନ୍ତ ହେବା ଆବଶ୍ୟକ । ସେପଟେ, ଘଟଣାକୁ ନେଇ ଭିମସାର ଡିନ୍ କହିଛନ୍ତି, ଆମ ପାଖକୁ ଓଜେଇଇର ଯେଉଁ ଲିଷ୍ଟ ଆସେ, ସେହି ଅନୁସାରେ ଆମେ ଆଡମିଶନ୍ ଦେଉ । ଯେଉଁ ୧୭୦ଜଣଙ୍କ ଲିଷ୍ଟ ଆସିଛି, ସେଥିରେ ମୁକେଶ ପୁରୋହିତ ବୋଲି ଗୋଟିଏ ନାଁ ଅଛି । କିନ୍ତୁ, ମୁକେଶ ସାହୁ ବୋଲି କେହିନାହାନ୍ତି । ଓଜେଇଇର ଯେଉଁ ଲିଷ୍ଟ ଆସିଛି ସେହିମାନଙ୍କୁ ଆମେ ଆଡମିଶନ ଦେଇପାରିବୁ, ଅନ୍ୟମାନଙ୍କୁ ଦେଇପାରିବୁନି ବୋଲି କହିଛନ୍ତି ।

### ଶଙ୍କର, ସୁରେଶ...

ଅଭିଯୁକ୍ତ ଶଙ୍କର, ସୁରେଶ ଓ ସାଗରଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିବା ଗଞ୍ଜାମ ଜିଲ୍ଲା ପିପି ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ, ଗିରଫ ଅଭିଯୁକ୍ତ ଅରବିନ୍ଦ ଦାସଙ୍କ ଜାମିନ ଆବେଦନକୁ ତାଙ୍କ ଓକିଲ ପ୍ରତ୍ୟାହାର କରିନେଇଥିବା ଜଣାପଡ଼ିଛି ।

ଅଭିଯୁକ୍ତମାନେ ବାହାରକୁ ଆସିଲେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଓ ପ୍ରମାଣ ନଷ୍ଟ କରିବାର ଆଶଙ୍କା ଥିବା ସିବିଆଇ ପକ୍ଷରୁ ଦର୍ଶାଯାଇଥିଲା । ଅଢ଼େଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ଯୁକ୍ତି ହୋଇଥିଲା । ପରେ ଅଦାଲତ ମାମଲାର ଶୁଣାଣି କରି ଶଙ୍କର, ସୁରେଶ ଓ ସାଗରଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ ।


**AFFIDAVIT**

I, **Basanti Majhi,** W/o.: Bulu Majhi, Permanent resident of At/PO.: Nuahata, P.S.: Banarpal, Dist.: Angul, Odisha-759128 declare by this Affidavit No.: 6060, sworn before Executive Magistrate, Angul on Dt.19.11.2025 that from now onwards my name Basnti Majhi will be known as **Basanti Majhi** for all future legal purposes.

**LOST**

By Virtue of an Affidavit sworn before the Executive Magistrate, Bhubaneswar **Dtd. 15/11/2025**, I, **Sitaram Satapathy** S/o: Santanu Kumar Satapathy, have lost my Matric Certificate and Mark sheet (Roll No. 17PB328), +2 Certificate and Mark sheet (Roll No. 321EA265), B.Tech Certificate and Grade sheet (Regd. No. 1101109050), and M.Tech Certificate and Grade sheet (Regd. No. 1607106100) somewhere near Tamando on **17th August 2025**. If found, kindly Contact: **7381654085**.

**AFFIDAVIT**

By virtue of an affidavit sworn before the Executive Magistrate Jharbandh of District Bargarh dated 17th November 2025, CF No.- 01, I Hitanjali Kushal aged about 27 years, W/o- Abhilas Kushal, resident of Village-Loharsingh, Po.- Bhainsadarha PS./Block- Jharbandh, Dist.-Bargarh, Pin-768042 hereby declares that, for myself I have changed my name from **Hitanjali Luhar** to **Hitanjali Kushal**. Hence I will be known as **Hitanjali Kushal** for all future purposes.

**AFFIDAVIT**

By virtue of an affidavit before the Tahasildar & Executive Magistrate, Boudh, on 19th November 2025, I, Shobhagini Padhi, Vill- Sanabutupali, PO- Butupali, PS/Dist.: Boudh-762014 have changed my name from Sobhagini Padhi to Shobhagini Padhi. Henceforth I shall be known as **Shobhagini Padhi** for all purposes.
Sd/- Shobhagini Padhi

**AFFIDAVIT**

I, Ambika Malla, aged about 44 years, W/o- Bipin Bihari Bhuyan, resident of At- Nahan, Po- Haripur, Ps- Bari Ramachandrapur, Dist- Jajpur, Odisha, PIN-755005 declare by this affidavit No. 2353, dtd-20/11/2025, that now onwards I shall be known as **AMBIKA BHUYAN** for all future purposes.

**NOTICE**
**(above 18 years of age)**

By virtue of an affidavit sworn before Executive Magistrate, Garadpur, dated 17th November 2025. I, Shrabani Mohanty, Village- Solpat, PO–Bedari, PS-Patkora, Dist.- Kendrapara, Pin-754233, declare that I have changed my name from Shrabani Ray to Shrabani Mohanty. Henceforth, I shall be known as **Shrabani Mohanty** for all purposes.
Sd/- Shrabani Mohanty

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 17.11.2025, I Mini Parida W/o- Sudarsan Parida, resident at/ po- Siruli, Sub-Dist- Chandanpur, Dist- Puri, Odisha, PIN- 752012, declare that I have changed my son's name from Bishal Nayak to Bishal Parida. Henceforth, He shall be known as BISHAL PARIDA for all future purposes.



**GOVERNMENT OF ODISHA**
**PANCHAYAT SAMITI: NARAYANPATNA**
**PR & DW DEPARTMENT, ODISHA**
EMAIL ID- ori-narayanpatna@nic.in
Letter No. 3938 / 2025/TCN.08/2025-26, Dated 18.11.2025
**NOTICE INVITING TENDER**
**Bid Identification No. 08 of 2025-26 of B.D.O , Narayanpatna**

1. Bid documents consisting of specification the Bill of Quality and the Tender Call Notice can be seen in the Govt. website http://tendersorissa.gov.in/nicgep/app.

| Sl. No | Name of the Work | Amount put to Tender (Approx. In Lakhs) | Class of Contractor | Cost of Tender Paper | E.M.D. (Bid Security) in Rs | Period of completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional Classroom at Bari PS | 7,88,971.00 | "C" & "D" | 6000/- | 7900/- | 06 Months |
| 2 | Construction of Additional Classroom at Kondaborigi PS | 8,91,723.00 | "C" & "D" | 6000/- | 9000/- | 06 Months |

**03 (Three) No. of works only**

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | From **24.11.2025** at 11.00 Hours to **08.12.2025** up to 17.30 Hours |
| Bid clarification start date & closing date | **24.11.2025 to 08.12.2025** during office hours |
| Offline documents received through Speed Post/ Registered Post | **From 24.11.2025 at 17.30Hours to 12.12.2025 at 11.00 Hours** |
| Date, time and venue of opening of bid online | **(12.12.2025 at 11.00 Hours)**, Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participate, bidders in chamber of BDO Narayanpatna | **12.12.2025 at 11.00** Hours onwords. |
| If stipulation arises the tender will be decided through Lottery System | **(12.12.2025 at 02.30 Hours)** Office of the Block Development Officer, Panchayat Samiti, Narayanpatna |

**Block Development Officer**
**Narayanpatna**



**NAME CHANGE**

By virtue of an affidavit sworn before Notary Public, Bhubaneswar on 22/09/2025, it is declared and informed that my name has been changed from 'SANJAY KUMAR MOHAPATRA' to "DEVETANANDA" as I voluntarily renounced to the mundane world to join Ramakrishna Mission Sevashrama as a brahmachari. After rigorous test and training ordained as sanyasi (monk) I have been christened as "Swami Devetananda" son of Swami Gahanananda and henceforth known as "SWAMI DEVETANANDA" Furthermore, it declared that Sri Sanjay Kumar Mohapatra and Devetananda is one and same person.

**AFFIDAVIT**

By virtue of an affidavit sworn before The Executive Magistrate, Kendrapara on Dt.24.10.2025 I Dhruba Charan Das, S/o-Gangadhar Das of Vill-Artamul, P.O.-Chandol, P.S./ Dist-Kendrapara declare that my actual name is Dhruba Charan Das mentioned in my Adhar and Voter ID. But my name has been entered in my Driving License as Ramesh Das. Both the names Dhruba Charan Das and Ramesh Das one and same person. Hence forth I shall be known as Dhruba Charan Das for all purpose.

**AFFIDAVIT**

By virtue of an affidavit (CF No. 3217) sworn before The Executive Magistrate, Sambalpur on dated-06/11/2025. I, **Kshirodra Suna,** S/o Late Parsuram Suna, permanent resident of At/Po/Ps- Baraipali, Dist-Sambalpur, PIN- 768006, Odisha declare that I have changed my minor daughter's name from **Sukruti Suna** to **C S Sukriti.** Henceforth, she shall be known as **C S Sukriti** (new name) for all purposes.
**Kshirodra Suna**

**AFFIDAVIT**

I, Rajanikanta Paramanik, Age-55, S/o- Gouranga Paramanik, of permanent resident ,vill/Post-Chandakusumi Ps-Kamarda, Dist-Balasore, Odisha, declared by affidavit before In the Court of Executive Magistrate , Bhograi No.5699, dtd-14/11/2025. That, all the valuable records of my self Aadhar card No-6015xxx5740 & qualification certificate, Bank a/c, etc prepare my surname as Paramanik but in SBI, Dehurda vide a/c No-35866285673 prepared my surname as Barik . Hence this affidavit I shall be known as Rajanikanta Paramanik S/o-Gouranga Paramanik & Rajanikanta Barik ,S/o- Gouranga Barik same and one person for all future purposes.



**" ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର"**
**ସଚେତନତା ଶିବିର**

କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗର ନିର୍ଦ୍ଦେଶ କ୍ରମେ ଲିଡ଼ ବ୍ୟାଙ୍କ ବଲାଙ୍ଗୀର ଆନୁକୂଲ୍ୟରେ " ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର" ଶୀର୍ଷକ ଏକ ସଚେତନତା ଶିବିର ଆଜି ୨୧ ନଭେମ୍ବର ୨୦୨୫ ପୂର୍ବାହ୍ନ ୧୦.୩୦ ସମୟରେ ଅନୁଷ୍ଠିତ ହେବ । ଏହି ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡିକରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଜନସାଧାରଣଙ୍କୁ ପ୍ରଦାନ କରାଯିବ । ଏଥିରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଲିଡ଼ ବ୍ୟାଙ୍କ ବଲାଙ୍ଗୀର ତରଫରୁ ଅନୁରୋଧ କରାଯାଇଛି ।

**ସ୍ଥାନ: ପ୍ରତିମା ମଣ୍ଡପ, ପ୍ୟାଲେସ ଲାଇନ, ବଲାଙ୍ଗୀର**



**PUBLIC NOTICE**

This notice is hereby given that my client Mr. Balakrushna Paikaray, S/O Brundaban Paikaray has Original ROR bearing Khata No-81, Mouza-Ranasinghpur, Tahsil-Chilika, Dist-Khurda, State-Odisha in favour of Brundaban Paikaray and an FIR (Complaint No-24483001072500020) for the same has been lodged at Balugaon Police Station on 16th Nov. 2025. All person/persons are hereby informed to put their claims or interest of objection about the said property or any part thereof, within a period of 15 days along with the sufficient evidence from appearance of this notice. If ROR not found within 15 days, then certified copy of the document obtained from the registry office will be considered as the original document.
Samir Kumar Paikaray (Advocate)
Bhubanrswar Court, Mob:7008005419

**AFFIDAVIT**

By virtue of an affidavit before the Executive Magistrate : Sambalpur, I, Dipti Nanda, resident of Nandapada, Baulunkeswar Lane, Near Bariha Temple, PO Jharupada, PS Town, Dist. Sambalpur – 768001, do hereby state My maiden name was Sunanda Panda, as recorded in my HSE Certificate. After my marriage on 09-03-1985, I have been known as Dipti Nanda. My correct date of birth is 04-06-1964 as per HSE Certificate and PPO records. In my Aadhaar (No. 4532 6471 2582), my date of birth has been wrongly mentioned as 04-06-1959. I declare that both names refer to me.
Sd/- Dipti Nanda



Leadership and beyond
ଦି ନ୍ୟୁ ଇଣ୍ଡିଆ ଏସ୍ୟୁରାନ୍ସ କମ୍ପାନୀ ଲିମିଟେଡ
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍: ୦୬୭୪-୨୫୪୫୪୬୭

**ଲିଜ୍ ସୂତ୍ରରେ ବ୍ୟବସାୟିକ ଗୃହ ଆବଶ୍ୟକ**

ଟେଣ୍ଡର ରେଫ. ନଂ: ବିବିଏସ୍‌ଆରଓ/କଟକ ଡିଓ୨ ସ୍ଥାନାନ୍ତର/ସ୍ଥାନ/ଚୟନ/୫୫୦୪୦୦/୦୦୧

ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍, କ୍ଷେତ୍ରୀୟ କାର୍ଯ୍ୟାଳୟ, ଏହାର କଟକ ଡିଓ ୨ ଅପରେଟିଂ କାର୍ଯ୍ୟାଳୟ ନିମନ୍ତେ ନିମ୍ନଲିଖିତ ସ୍ଥାନରେ **୧୦୦୦-୧୩୦୦ ବର୍ଗଫୁଟ** କାର୍ପେଟ ଏରିଆ ବିଶିଷ୍ଟ ତଳ କିମ୍ବା ପ୍ରଥମ ମହଲାରେ ଥିବା ବ୍ୟବସାୟିକ ଗୃହ ଲିଜ୍ ଭିତ୍ତିରେ ଉଠାଇବା ଲାଗି ମୁଦ୍ରାବନ୍ଦ (ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ନିମନ୍ତେ ପୃଥକ) ପ୍ରସ୍ତାବମାନ ଆମନ୍ତ୍ରିତ କରୁଛି ।

ଅବସ୍ଥିତି: ଆବଶ୍ୟକୀୟ ପାର୍କିଂ ଏରିଆ ସହିତ ଏହି ଗୃହ ମୁଖ୍ୟତଃ ସିଡିଏ ସେକ୍ଟର-୫ ରୁ ସିଡିଏ ସେକ୍ଟର-୮, କଟକରେ ହୋଇଥିବା ଆବଶ୍ୟକ ।

ଟେଣ୍ଡର କାଗଜପତ୍ର (କଟକ ଡିଓ୨ ଅପରେଟିଂ କାର୍ଯ୍ୟାଳୟ, ୧ମ ମହଲା, ମହାଶ୍ରମଣ, କ୍ୟାଣ୍ଟନମେଣ୍ଟ ରୋଡ, କଟକ) କାର୍ଯ୍ୟାଳୟରୁ ପୂର୍ବାହ୍ନ **୧୦.୦୦** ରୁ ଅପରାହ୍ନ **୫.୩୦** ମଧ୍ୟରେ ସୋମବାରରୁ ଶୁକ୍ରବାର ସମସ୍ତ କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ । ଏହି ଟେଣ୍ଡର ସୂଚନା କଂପାନୀର ୱେବସାଇଟ୍: **www.newindia.co.in (public notice section)**ରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ ।

ଟେଣ୍ଡର ଦାଖଲ କରିବାର ଅନ୍ତିମ ତାରିଖ: **୧୦.୧୨.୨୦୨୫ ଅପରାହ୍ନ ୫.୦୦ ଘଟିକା** ପର୍ଯ୍ୟନ୍ତ ।
ସ୍ୱା/- ଉପ ମହା-ପ୍ରବନ୍ଧକ



**ମା’ ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ**
ସା/ପୋ.: ଘଟଗାଁ, ଜିଲ୍ଲା- କେନ୍ଦୁଝର-୭୫୮୦୨୭ (ଓଡ଼ିଶା)

ନୋଟିସ୍ ନଂ. ୩୧୩ ତା. ୧୯.୧୧.୨୦୨୫

**ଟେଣ୍ଡର ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୨୫-୨୬ ବର୍ଷ (ତା.୨୧.୧୨.୨୦୨୫ରିଖ ଠାରୁ ତା. ୨୦.୧୨.୨୦୨୬ରିଖ ପର୍ଯ୍ୟନ୍ତ) ପାଇଁ ନିମ୍ନଲିଖିତ ଲଇମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି, ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ.୧୫୦୦/- (ଏକ ହଜାର ପାଞ୍ଚ ଶହ) ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ସମସ୍ତ କାର୍ଯ୍ୟଦିବସରେ ପ୍ରଥମ ପର୍ଯ୍ୟାୟ ପାଇଁ ଦିବା ୧୧ ଘ. ଠାରୁ ଦିବା ୧ଘ. ଓ ଦିବା ୫ଘ. ଠାରୁ ସନ୍ଧ୍ୟା ୬ଘ. ମଧ୍ୟରେ ତା.୧୩.୧୧.୨୦୨୫ରିଖ ଠାରୁ ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ । ହେବାକୁ ଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ ହୋଇଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ପରିଚାଳନା କମିଟି ଚାହିଁଲେ ବିନା କାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ । ପ୍ରଥମ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ତୃତୀୟ ପର୍ଯ୍ୟାୟରେ ଗ୍ରହଣ ଯୋଗ୍ୟ ନୁହେଁ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବସାଇଟରେ ଦେଖିପାରିବେ ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ତା.୦୧.୧୨.୨୦୨୫ରିଖ ୧୧ ଘଟିକା | ତା.୦୧.୧୨.୨୦୨୫ରିଖ ୧୨.୦୦ ଘଟିକା |
| ଦ୍ୱିତୀୟ ପର୍ଯ୍ୟାୟ | ତା.୦୮.୧୨.୨୦୨୫ରିଖ ୧୧ ଘଟିକା | ତା.୦୮.୧୨.୨୦୨୫ରିଖ ୧୨.୦୦ ଘଟିକା |
| ତୃତୀୟ ପର୍ଯ୍ୟାୟ | ତା.୧୫.୧୨.୨୦୨୫ରିଖ ୧୧ ଘଟିକା | ତା.୧୫.୧୨.୨୦୨୫ରିଖ ୧୨.୦୦ ଘଟିକା |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧ | ପୂଜା ସାମଗ୍ରୀ ଦୋକାନ ନଂ.୧ (ସ୍ଥାନ- ମୁଖଶାଳା ଡାହାଣ ପାର୍ଶ୍ୱ) | ଟ.୨୯,୨୫,୫୫୪/- | ଟ.୨,୯୨,୫୫୫/- |
| ୨ | ପୂଜା ସାମଗ୍ରୀ ଦୋକାନ ନଂ.୨ (ସ୍ଥାନ- ବୁଢ଼ ପଣା ମଣ୍ଡପ ପାର୍ଶ୍ୱ) | ଟ.୨୨,୫୬,୬୧୦/- | ଟ.୨,୨୫,୬୬୧/- |
| ୩ | ପୂଜା ସାମଗ୍ରୀ ଦୋକାନ ନଂ.୩ (ସ୍ଥାନ- ଗାଡି ପୂଜା) | ଟ.୨୫,୯୪,୮୮୮/- | ଟ.୨,୫୯,୪୮୮/- |
| ୪ | ବୁଢ଼ ପଣା | ଟ.୪୮,୬୮,୧୪୩/- | ଟ.୪,୮୬,୮୧୪/- |
| ୫ | ତେଜରାତି ସାମଗ୍ରୀ ଯୋଗାଇବା | | ଟ.୧,୯୯,୬୫୦/- |
| ୬ | ସିକ୍ୟୁରିଟି ଗାର୍ଡ ଯୋଗାଇବା | | ଟ.୧,୭୬,୦୦୦/- |

ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ମା’ ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର



**ODISHA CONSTRUCTION CORPORATION LTD.** CAD-2393
(A Govt. of Odisha Undertaking)
**CENTRAL WORKSHOP, RASULGARH,**
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-17(V-II)/60/2025-26 dtd.20.11.2025.**

Type of work : Supply of labour for assembly of fabricated Hoist bridge of 130T rope drum hoist of Kanupur Irrigation Project at Kanupur site.
Total No. of work : 01(One).
Period of supply : 1 (One) month.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/KIP-17(V-II) /60 / 2025-26 dtd.20.11.2025 | Rs.4720/- (Non-refundable) | 20.11.2025 10.00AM to 01.12.2025 1.00 PM | 20.11.2025 10.00AM to 01.12.2025 3.30 PM |

Date of opening of the Tender : 01.12.2025 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).
Sd/-
Senior Manager (Mech.)-I
OCC Ltd., Bhubaneswar
OIPR-



ୟୁନିୟନ ବ୍ୟାଙ୍କ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ, ଓଟି ରୋଡ୍, ପୋଲିସ୍ ଲାଇନ, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୮.୧୧.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କରୁ ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| ଉଦଳା ଶାଖା, ୱାର୍ଡ ନଂ. ୫, ସିନେମା ହଲ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୮୮୪୪ | | | | |
| ୧. | ଶ୍ରୀ କୃଷ୍ଣ ଚନ୍ଦ୍ର ମହାନ୍ତ, ଦୁଗୁଧା, ଉଦଳା, ମୟୂରଭଞ୍ଜ-୭୫୭୦୪୧ / ୨୫୫୪୧୬୬୩୦୦୦୦୨୦୪ | ଟ.୧,୨୫,୬୪୭.୦୦ | ୨୧.୭ | ୨୨.୪୬ |
| ୨. | ଶ୍ରୀ ସଞ୍ଜୟ ଦେହୁରୀ, କାଲାଡାହି, ଭାଲୁବସା, ଉଦଳା, ମୟୂରଭଞ୍ଜ-୭୫୭୦୪୦ / ୨୫୫୪୧୬୫୪୦୦୦୦୫୫୭ | ଟ.୨୩,୦୨୨.୧୬ | ୪.୯୬ | ୨.୮୫ |
| ୩. | ଶ୍ରୀ ସଞ୍ଜୟ ଦେହୁରୀ, କାଲାଡାହି, ଭାଲୁବସା, ଉଦଳା, ମୟୂରଭଞ୍ଜ-୭୫୭୦୪୦ / ୨୫୫୪୧୬୫୪୦୦୦୦୬୮୧ | ଟ.୩୪,୦୭୫.୦୦ | ୬.୦୭ | ୨.୪୩ |
| ୪. | ଶ୍ରୀ ପୁରୁଷୋତ୍ତମ ମାଝୀ, ମାର୍ଫତ: ରମେଶ ଚନ୍ଦ୍ର ମାଝୀ, ସା: ବଡ଼ବିଶୋଳ, ପୋ: ସାନବିଶୋଳ, ଥାନା: ଜଶିପୁର, ମୟୂରଭଞ୍ଜ-୭୫୭୦୪୦ / ୨୫୫୪୧୬୫୪୦୦୦୦୨୫୬ | ଟ.୫୯,୯୬୩.୦୦ | ୧୨.୮ | ୧୩.୯୮ |
| ଯାଜପୁର ମୁଖ୍ୟ ଶାଖା, ସା: ୟୁନିଟ୍ ନଂ. ୮, ୧ମ ମହଲା, ଯଯାତିନଗର, ଯାଜପୁର ଟାଉନ, ଯାଜପୁର-୭୫୫୦୦୧, ମୋ.: ୯୮୫୧୩୦୧୬୬୧ | | | | |
| ୧. | ଶ୍ରୀ ରାକେଶ କୁମାର ଓଝା, ସା: ଇଞ୍ଜନପୁର, ପୋ: ଗୁହାଳି, ଯାଜପୁର, ପିନ୍-୭୫୫୦୨୭/ ୩୭୦୮୦୬୫୪୦୦୦୦୮୧୬ | ଟ.୧୮,୫୫୧.୦୦ | ୩.୪ | ୩.୯ |
| ୨. | ଶ୍ରୀ ରାକେଶ କୁମାର ଓଝା, ସା: ଇଞ୍ଜନପୁର, ପୋ: ଗୁହାଳି, ଯାଜପୁର, ପିନ୍-୭୫୫୦୨୭/ ୩୭୦୮୦୬୫୪୦୦୦୦୮୧୭ | ଟ.୫୧,୬୭୨.୬୬ | ୯.୯୯ | ୧୧.୧ |
| ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ପ୍ଲଟ୍ ନଂ.: ୧୯୧/୩୭୮୬ ଏବଂ ୧୯୨, ମୌଜା: କୁଆଁଶ, ଭଦ୍ରକ ବାଏପାସ୍ ରୋଡ୍, ଭଦ୍ରକ, ପିନ୍-୭୫୬୧୦୦, ମୋ.: ୯୯୧୦୧୧୦୬୯୬ | | | | |
| ୧. | ଶ୍ରୀମତୀ ଅରୁଣା ରାଣୀ ବେହେରା, ସ୍ୱାମୀ: ରତନ କୁମାର ବେହେରା, ସା: ସାଳନ୍ଦୀ କଲୋନୀ ବାଏପାସ୍, ଭଦ୍ରକ-୭୫୬୧୦୦ / ୩୩୫୬୨୬୫୪୦୦୦୧୧୧୧ | ଟ.୨,୯୮,୯୯୪୨ | ୪୦.୪ | ୮୩.୧ |
| ରଙ୍କି ରୋଡ୍ ଶାଖା, ହୋଲ୍ଡିଂ ନଂ. ୫୩୩, ରଙ୍କି ମେନ୍ ରୋଡ୍, ବାରିପଦା-୭୫୭୦୦୧, ମୋ.: ୭୦୦୪୮୭୯୦୯୩ | | | | |
| ୧. | ଶ୍ରୀ ସିଦ୍ଧାର୍ଥ କୁମାର ନାଏକ, ମାର୍ଫତ: ଶୁକଦେବ ନାଏକ, ପ୍ଲଟ୍ ନଂ.: ୪୫୯/୩୭୨୬, ନୂଆସାହି, ବରକୁପୁର, ମୟୂରଭଞ୍ଜ-୭୫୭୦୩୩ / ୩୪୭୯୨୬୫୪୦୦୦୦୩୯୯ | ଟ.୧,୪୬,୨୦୧.୬୬ | ୨୭.୭୨ | ୨୯.୧୮ |
| ବଡବିଲ-୧ ଶାଖା, ଷ୍ଟେସନ୍ ରୋଡ୍, ବଡବିଲ, କେନ୍ଦୁଝର, ପିନ୍-୭୫୮୦୩୫, ମୋ.: ୯୧୭୮୬୫୪୮୭୪ | | | | |
| ୧. | ଶ୍ରୀ ଶ୍ରୀବତ୍ସ କୁମାର ବିଦ୍ୟାଧର, ସା/ପୋ: ବଡ଼ନୂଆଗାଁ, ଥାନା: ହରିଚନ୍ଦନପୁର, ବଡବିଲ-୭୫୮୦୨୮ / ୫୫୪୧୦୬୫୪୦୦୦୦୧୮୦ | ଟ.୧,୦୭,୧୦୦.୮୯ | ୧୯.୮୨ | ୨୨.୭୮ |
| ଦାମୋଦରପୁର ଶାଖା, ସା/ପୋ: ଦାମୋଦରପୁର, ମେନ୍ ରୋଡ୍, ମୟୂରଭଞ୍ଜ, ପିନ୍-୭୫୭୦୦୩, ମୋ.: ୯୯୮୭୧୯୩୮୪୬ | | | | |
| ୧. | ଶ୍ରୀ ଟୁଲୁ ଦିଗାର, ବିପିଡ଼ି, ଇନ୍ଦପାହି, ଦାମୋଦରପୁର-୭୫୭୧୦୭ / ୬୫୩୨୦୬୫୪୦୦୦୦୧୮୧ | ଟ.୭୩,୩୬୬.୦୦ | ୧୪.୨ | ୧୫.୪୭ |
| ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩ | | | | |
| ୧. | ଶ୍ରୀ ପ୍ରକାଶ ସାହୁ, ପିତା: ହରେକୃଷ୍ଣ ସାହୁ, ଜାନୁଗଞ୍ଜ, ରେମୁଣା, ଗୋଲେଇ ରେମୁଣା, ବାଲେଶ୍ୱର-୭୫୬୦୧୯ / ୭୨୩୭୦୬୫୪୦୦୦୦୭୩୨ | ଟ.୭୨,୬୨୦.୦୦ | ୧୨.୭୮ | ୧୪.୨ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ ।

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତ ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍, ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତ ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି / ସ୍ଥଗିତ ରଖନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତ କରିବ ।

ସ୍ଥାନ : ବାଲେଶ୍ୱର, ତାରିଖ : ୨୦.୧୧.୨୦୨୫ ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଶିଶୁଙ୍କୁ ଶୀତ ପୋଷାକ ବଣ୍ଟନ



**ଚୌଦ୍ୱାର,୨୦।୧୧(ସମିସ):** ଚୌଦ୍ୱାର ପୌରପାଳିକା ୧୭ ନଂ ୱାର୍ଡ ନୂଆସାହି ଅଙ୍ଗନବାଡି କେନ୍ଦ୍ରର ଶିଶୁଙ୍କୁ ନୂତନ ଶୀତ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହିଳା ସମିତି ଆରୋଗ୍ୟ ସେବା ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଉନସିଲର ଆଶୁତୋଷ ଦାସ ଅତିଥିଭାବେ ଯୋଗଦେଇ ଛୋଟ ଛୋଟ ପିଲାଙ୍କୁ ଶୀତ ପୋଷାକ ବଣ୍ଟନ କରିଥିଲେ। କେନ୍ଦ୍ରର ସ୍ୱର୍ଣ୍ଣଲତା ଦାସ, ଦୀପିକା ଭୂୟାଁ, ଲୋପାମୁଦ୍ରା ମଲ୍ଲିକ, ଅପର୍ଣ୍ଣାରାଣୀ ବେହେରା, ପୁଷ୍ପଲତା ମନ୍ତ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବହୁ ଅଭିଭାବକ ଉପସ୍ଥିତ ଥିଲେ।

## ଗୋବିନ୍ଦପୁରରେ ମାଗଣା ସ୍ୱାସ୍ଥ୍ୟ ଶିବିର



**କଣ୍ଟାପଡ଼ା,୨୦।୧୧(ସମିସ):** କଣ୍ଟାପଡ଼ା ବ୍ଲକ ଗୋବିନ୍ଦପୁରରେ ହରପ୍ରିୟା ମେଡ଼ିସିନ୍ ଷ୍ଟୋର ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ସ୍ଥାନୀୟ ଅଞ୍ଚଳର ୨୭୦ଜଣ ରୋଗୀ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଅରୁଣାପ୍ରଭା ପଟ୍ଟନାୟକ ରୋଗୀଙ୍କ ପରୀକ୍ଷା ନିରୀକ୍ଷା କରିଥିଲେ। ଔଷଧ ଦୋକାନ ତତ୍ତ୍ୱାବଧାରକ ଆଲୋକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମାଗଣା ସ୍ୱାସ୍ଥ୍ୟ ଶିବିରକୁ ସମାଜସେବୀ ଅଭିମନ୍ୟୁ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜେନିକ୍ସ ଫର୍ଟିଲିଟି କେୟାର ପକ୍ଷରୁ ରୋଗୀଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଯାଇଥିଲା। ଯୁବ ସଂଗଠକ ବିନୋଦ ସ୍ୱାଇଁ, ସଞ୍ଜୟପାତ୍ର, ବରିଷ୍ଠ ପରିଚାଳକ କପିଳେନ୍ଦ୍ର ମୁଖୀ, ବିଜୟଲକ୍ଷ୍ମୀ ବେହେରା, ସନ୍ତୋଷ ସ୍ୱାଇଁ, ବିଶ୍ୱ ରଞ୍ଜନ ସେନାପତି ଓ ଆଶୁତୋଷ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା



**ନିଶ୍ଚିନ୍ତକୋଇଲି,୨୦।୧୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ସାମ୍ବାଦିକ ଜଗବନ୍ଧୁ ପଣ୍ଡାଙ୍କ ମାତା ସ୍ୱର୍ଗତା ସତ୍ୟଭାମା ପଣ୍ଡାଙ୍କ ଦ୍ୱାଦଶାହ ଦିବସ ଅବସରରେ ବଡକ୍ଷୀରସ୍ଥିତ ତାରିଣୀ ଛକ ନିକଟ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସଂଯୋଜନାରେ ଏଥିରେ ମାହାଙ୍ଗା କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, ପ୍ରାକ୍ତନ ବ୍ଲକ କଂଗ୍ରେସ କମିଟି ସଭାପତି ରମାକାନ୍ତ ବେହେରା, ସରପଂଚ ହିମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ ସାହୁ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ବିନୋଦ ସାମଲ, ଯୁବନେତା ଜ୍ୟୋତିପ୍ରକାଶ ସ୍ୱାଇଁ, ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ, କ୍ଷୀରୋଦ ପଣ୍ଡାଙ୍କ ସମେତ ଏହି ବ୍ଲକ ଅଞ୍ଚଳର ବହୁ ସାମ୍ବାଦିକ, ବହୁ ରାଜନୈତିକ ନେତୃବୃନ୍ଦ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। କନିଷ୍ଠ ପୁତ୍ର ରଘୁନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ନରସିଂହପୁର ବ୍ଲକ ବିଜେପି ପକ୍ଷରୁ ବୈଠକ

**ନରସିଂହପୁର,୨୦।୧୧(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ୧୮ ନଂ ଜୋନର ପତଣ୍ଡା ଗ୍ରାମରେ ବ୍ଲକ ବିଜେପି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ସଦସ୍ୟ ସରୋଜ ରଣା ଅଧ୍ୟକ୍ଷତା କରିଥିଲେ। ଏଥିରେ ଗତ ବିହାର ବିଧାନସଭା ଓ ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବିପୁଳ ବିଜୟଲାଭକୁ ନେଇ ଏକ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବରିଷ୍ଠ ବିଜେପି ନେତା ନୀଳାମ୍ବର ବାରିକ, ସନତ ମିଶ୍ର, ପ୍ରଦୀପ ମହାନ୍ତି, ଦିଲ୍ଲୀପ ପଣ୍ଡା, ସୁବାଷ ଚନ୍ଦ୍ର ସାମଲ, ରଜନୀକାନ୍ତ ପଣ୍ଡା, କିଶୋର ଜେନା, ସୁନୀଲ ପାଣି, ଶବର ଦାସ, ମାର୍ଶଲ ମିଶ୍ର, ପ୍ରଦୀପ ସ୍ୱାଇଁ, ପ୍ରମୋଦ ପାତ୍ର, ଅରୁଣ ମହାପାତ୍ର, ବିଭୁତି ନାୟକ, ସଞ୍ଜୟ ରାଉତ, ଚନ୍ଦ୍ରମଣି ସାହୁ, ସନ୍ତୋଷ ରାଉତ, ସଞ୍ଜୟ ରାଉଳ, ହେମନ୍ତ ବେହେରା, ସତ୍ୟବାଦୀ ନାୟକ, ବିଜୟ ନାୟକ, ଅନ୍ନପୂର୍ଣ୍ଣା ବେହେରା, ଇନ୍ଦିରା ଭୋଇଙ୍କ ସମେତ ବହୁ ଗ୍ରାମର କର୍ମୀ ଉପସ୍ଥିତ ଥିଲେ।

## ଶ୍ରେଣୀଗୃହରେ ପଶି ଛାତ୍ରୀଙ୍କୁ ମାଡ଼ ଘଟଣା

# ସ୍କୁଲରେ ପହଞ୍ଚି ତଦନ୍ତ କଲେ ଶିକ୍ଷାଧିକାରୀ

**ତିଗିରିଆ,୨୦।୧୧(ସମିସ):**



ତିଗିରିଆ ଥାନା ଅନ୍ତର୍ଗତ ମରିଚିଆ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଅପରାହ୍ନରେ ବିଦ୍ୟାଳୟର ତିନିଜଣ ଛାତ୍ରୀଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ମଦ୍ୟପ ଯୁବକ ଶ୍ରେଣୀଗୃହକୁ ଯାଇ ପଢ଼ାଇବା ଆଳରେ ବେତରେ ମାଡ଼ ମାରିବା ଘଟଣାରେ ମାଡ଼ ଖାଇଥିବା ତିନିଜଣ ଛାତ୍ରୀଙ୍କ ମଧ୍ୟରୁ ଦୁଇଜଣ ଛାତ୍ରୀ ଆଜି ଭୟରେ ବିଦ୍ୟାଳୟକୁ ଆସି ନ ଥିବାର ସୂଚନା ମିଳିଛି। ଜଣେ ଛାତ୍ରୀଙ୍କର ଗତକାଲି ରାତିରୁ ପ୍ରବଳ ଜ୍ୱର ହେଉଥିବା ବିଦ୍ୟାଳୟକୁ ଆସି ତାଙ୍କର ବାପା ବାବୁଲା ନାୟକ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଘଟଣାର ପ୍ରତିବାଦରେ ଆଜି ବିଦ୍ୟାଳୟକୁ ମରିଚିଆ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଅଭିଭାବକ ନିଜ ପିଲାଙ୍କୁ ବିଦ୍ୟାଳୟକୁ ପାଠ ପଢିବା ପାଇଁ ପଠାଇ ନ ଥିବା ପ୍ରକାଶ କରିଛନ୍ତି। ସକାଳେ ସହଶିକ୍ଷାଧିକାରୀ ମାଧବଚନ୍ଦ୍ର ଦେହୁରୀ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ ଓ ଅଭିଭାବକଙ୍କ ସହ ଆଲୋଚନା କରିବା ସହ ବିଦ୍ୟାଳୟରେ ଘଟିଥିବା ଘଟଣାକୁ ଲେଖିକି ଦେବା ପାଇଁ କହିଥିଲେ। ପରେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ପ୍ରଧାନଶିକ୍ଷକଙ୍କୁ ଘଟଣା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ।

ସୂଚନା ଅନୁଯାୟୀ, ବିଦ୍ୟାଳୟର ଖେଳ ଛୁଟି ସମୟରେ ଖଜୁରୀପଦା ନୂଆସାହି ପ୍ରଶାନ୍ତ ଦେହୁରୀ ମଦ୍ୟପାନ କରି ବିଦ୍ୟାଳୟକୁ ଆସି ବିଦ୍ୟାଳୟର ଶ୍ରେଣୀଗୃହକୁ ଯାଇଥିଲେ। ସେଠାରେ ଉପସ୍ଥିତ ଶିକ୍ଷକ ମଦ୍ୟପାନ କରିଥିବା ଯୁବକଙ୍କୁ ଦେଖି ଶ୍ରେଣୀଗୃହ ବାହାରକୁ ଚାଲିଯାଇଥିଲେ। ଯୁବକଜଣକ ଶ୍ରେଣୀଗୃହରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ଚତୁର୍ଥ ଶ୍ରେଣୀର ଦୁଇଜଣ ଛାତ୍ରୀ ଓ

### ମାଡ଼ ଖାଇଥିବା ପିଲାଙ୍କୁ ଜ୍ୱର

### ଅଭିଭାବକ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିବାକୁ ନାରାଜ


ପଞ୍ଚମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ବାଡ଼ିରେ ମାଡ଼ ମାରିଥିଲେ। ଏହି ଘଟଣାରେ ଦୁଇଜଣ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କର ହାତ ଓ ପିଠିରେ ନୋଳା ଫାଟି ଯାଇଥିଲା। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ନିଜର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରିବର୍ତ୍ତେ ଛାତ୍ରୀଙ୍କୁ ଘରକୁ ପଠାଇ ଦେଇଥିଲେ। ମାଡ଼ ଖାଇଥିବା ଛାତ୍ରୀମାନେ ଘରେ ପହଞ୍ଚି ଭୟଭୀତ ଅବସ୍ଥାରେ ସମସ୍ତ ଘଟଣା ପିତାମାତାଙ୍କୁ ଜଣାଇଥିବା ସୂଚନା ମିଳିଛି। ଆଜି ବ୍ଲକ ଶିକ୍ଷାଧିକାରୀ ଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କୁ ଶ୍ରେଣୀଗୃହରେ ଭେଟିବା ସହ ବିଦ୍ୟାଳୟକୁ ଆସି ନ ଥିବା ଛାତ୍ରୀଙ୍କୁ ତାଙ୍କ ଘରେ ଭେଟିଥିବା ଜଣାପଡିଛି। ବିଦ୍ୟାଳୟରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ମହାରଣା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ବିଭିନ୍ନ କାଗଜପତ୍ର ଯାଞ୍ଚ ପାଇଁ ମାଗିଥିଲେ ମଧ୍ୟ କୌଣସି କାଗଜପତ୍ର ଦେଖାଇବାରେ ପ୍ରଧାନଶିକ୍ଷକ ଅସମର୍ଥ ହୋଇଥିଲେ। ବିଦ୍ୟାଳୟର ପରିବେଶ ଦେଖି ଶିକ୍ଷାଧିକାରୀ ଶ୍ରୀ ମହାରଣା ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଘଟଣାରେ ପ୍ରଧାନଶିକ୍ଷକ ଘଣ୍ଟି ଘୋଡ଼ାଇଥିବା ଅଭିଯୋଗ ହୋଇଛି।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



**କିଶନନଗର,୨୦।୧୧(ସମିସ):** କଟକ ସଦର ଅନ୍ତର୍ଗତ କିଶନନଗରଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ଓଡିଶା ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡ଼ା ଗିରିଧାରୀ ଭୋଇ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲ୍ଲା ପରିଷଦ ସଭ୍ୟା ତଥା କଟକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଆତ୍ମା ଅଧ୍ୟକ୍ଷ ରମାପ୍ରସାଦ ବିଶ୍ୱାଳ, କଟକ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ ନାୟକ, କଟକ ଜୋନ୍, କଟକ ଉପ ମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହନ୍ତି, କଟକ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଭିମନ୍ୟୁ ସାହୁ, କିଶନନଗର ତହସିଲଦାର କ୍ଷୀରୋଦ ଦାଶ, କଟକ ସଦର ବିଡିଓ ପ୍ରତିକ ସାହୁ, କଟକ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ଉପନିର୍ଦ୍ଦେଶକ ଡା ଦେବଦତ୍ତ ପାଢ଼ୀ ପ୍ରମୁଖ ଅଭିଭାଷଣ ରଖିଥିଲେ। କେତେକ ସଫଳ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ସହ ସମ୍ବର୍ଦ୍ଧିତ କରାଯାଇଥିଲା।

## ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ତିଗିରିଆ,୨୦।୧୧(ସମିସ):** ତିଗିରିଆ ନିଜିଗଡ଼ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର +୩ ପ୍ରଥମ ବର୍ଷ ଇତିହାସ ବିଭାଗ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ବିଜୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ବେହେରା ଯୋଗଦେଇଥିଲେ। +୩ ତୃତୀୟ ବର୍ଷର ଛାତ୍ର ଅଜୟ ପରିଡା, ଛାତ୍ରୀ ଭାର୍ଗବୀ ଖଟୁଆ, +୩ ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରୀତିମଞ୍ଜରୀ ଦାସ, ରାକ୍ଷୀ ରାଉତ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀ, ଯୁକ୍ତ ତିନି ତୃତୀୟ, ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ସମେତ ନବାଗତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ନିତ୍ୟାଶ୍ରୀ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

**ନିଶ୍ଚିନ୍ତକୋଇଲି,୨୦।୧୧(ସମିସ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ପାଟପୁର ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀମାନେ ମୋଟ ୩୨ଟି ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରାଇଥିଲେ। ଏହି ବିଜ୍ଞାନ ମେଳାକୁ ସ୍କୁଲ ପରିଚାଳନା କମିଟି ସଭାପତି ସତ୍ୟରଞ୍ଜନ ମଲିକ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଶିକ୍ଷକ ଦେବପ୍ରସାଦ ଦାସଙ୍କ ତତ୍ତ୍ୱାବଧାନାରେ ଛାତ୍ରଛାତ୍ରୀମାନେ ପ୍ରକଳ୍ପଗୁଡିକୁ ପ୍ରସ୍ତୁତ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଡେମୋନଷ୍ଟ୍ରେଟର ରସାନନ୍ଦ ସାମଲ ପ୍ରକଳ୍ପଗୁଡିକୁ ମୂଲ୍ୟାୟନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ଚାନ୍ଦଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଦୀପ୍ତିମୟୀ ବରାଳ, ଶିକ୍ଷକ ସୀତାକାନ୍ତ ସାମଲ, ସ୍ନେହଲତା ଦାସ, ମଧୁସ୍ମିତା ସାହୁ, ରାଜଶ୍ରୀ ଜେନା, ଭାନୁପ୍ରିୟା ବେହେରା, ମନସ୍ୱିନୀ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ।



## ହ୍ୟୁମାନ ସାଗରଙ୍କ ବିୟୋଗରେ ଶୋକସଭା

**ତିଗିରିଆ,୨୦।୧୧(ସମିସ):** ଡିଏମ ମ୍ୟୁଜିକ୍, ତିଗିରିଆ ପରିସରରେ ଦିବଂଗତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଅକାଳ ବିୟୋଗ ନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା, ସଙ୍ଗୀତ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଦିବଙ୍ଗତ ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଗଲା। ଏଥିରେ ଡିଏମ ମ୍ୟୁଜିକ୍‌ର ଉପଦେଷ୍ଟା ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ବିକ୍ରମ କେଶରୀ ଦାଶ, ଗିରିଜା ପ୍ରସାଦ ପଟ୍ଟନାୟକ, ଉପଦେଷ୍ଟା ଅର୍ଚ୍ଚନା ସିଂହ ସାମନ୍ତ ପ୍ରମୁଖ ହ୍ୟୁମାନ ସାଗରଙ୍କ ବିୟୋଗ ଓଡ଼ିଶାର ସଂଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଥିଲେ। ଶୋକସଭା ଗୀତିକାର ମାନସ ରଣା, ମଧୁସ୍ମିତା ରଥ, ଶିକ୍ଷାବିତ୍ ଜୟନ୍ତ ସାହୁ, ତବଲା ବାଦକ ମାନସ ମହାନ୍ତି, ଅଭିନେତା ନେତ୍ରାନନ୍ଦ ମହାନ୍ତି, ସଂଯୋଜକ ମାନସ ରଞ୍ଜନ ବେହେରା, କଣ୍ଠଶିଳ୍ପୀ ସତ୍ୟଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ଛାତ୍ରସାଥୀ ଯୁବକ ସଂଘର ବାର୍ଷିକ ଉତ୍ସବ

**ଫୁଲନଖରା,୨୦।୧୧(ସମିସ):** କଟକ ସଦର ଥାନା ଅନ୍ତର୍ଗତ ନଛିପୁରସ୍ଥିତ ଛାତ୍ରସାଥୀ ଯୁବକ ସଂଘ ପକ୍ଷରୁ ୫୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ. ଶରତ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଇଣ୍ଡିଆନ୍ ବ୍ୟାଙ୍କ ଜେନେରାଲ ମ୍ୟାନେଜର ଶ୍ରୀକୃଷ୍ଣ ଚୈତନ୍ୟ ହୋତା, ଶାଖା ପରିଚାଳିକା ସ୍ୱାଗତିକା ଦାସ ଏବଂ ପରିବେଶବିତ୍ ପ୍ରଦୀପ ରଥ ଅତିଥିଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସଭାପତି ପଦ୍ମନାଗ ସାହୁ, ସଂପାଦକ କାର୍ତ୍ତିକ ଚନ୍ଦ୍ର ସାହୁ, ସଭ୍ୟ କାଳନ୍ଦୀ ସ୍ୱାଇଁ, ବାଉରୀବନ୍ଧୁ ସାହୁ, କେଦାର ନାଥ ସାହୁ, ସଚ୍ଚିଦାନନ୍ଦ ସାହୁ, ସୁକାନ୍ତ କିଶୋର କର, ମାନସ ନାୟକ, କାଳନ୍ଦୀ ପଣ୍ଡା, ପ୍ରେମାନନ୍ଦ ସାହୁ ଓ ଚାରୁଚନ୍ଦ୍ର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ଏକ ଗ୍ରାହକ ସଚେତନତା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବହୁ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ। କ୍ଷୀରୋଦ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

## ବଡ଼ମ୍ବା ବ୍ଲକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମେଳା



**ବଡମ୍ବା,୨୦।୧୧(ସମିସ):** ବଡମ୍ବା ଗାନ୍ଧୀ ଛକ ଟେନିସ ପଡିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ଚିତ୍ତରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ୩୦ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ୩୧ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ନୟନା ସାହୁ, ପୂର୍ବତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ଆତ୍ମାର ଅଧ୍ୟକ୍ଷ ମହେନ୍ଦ୍ର ପଡିଆରୀ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟ ବିକ୍ରମ ତରାଇ, ସହକାରୀ ମତ୍ସ୍ୟ ଅଧିକାରିଣୀ ଲିପ୍ସାମୟୀ ସେଠୀ, ମତ୍ସ୍ୟ ନିର୍ଦ୍ଦେଶାଳୟ ଅଧିକାରୀ, କଟକ ସୁଶାନ୍ତ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରିଣୀ ବବିତା ମହାନ୍ତ, ବଡ଼ମ୍ବା ତହସିଲଦାର ପ୍ରମୋଦ କୁମାର ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକଙ୍କ ହସ୍ତରେ ଗୋ ପୂଜନ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଅତିଥିମାନେ ମେଳାର ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ।

## ୧୭ ଦଫା ଦାବି

# ସିମେଣ୍ଟ କମ୍ପାନୀର ମନମାନୀକୁ ବିରୋଧ

**ଟାଙ୍ଗୀ,୨୦।୧୧(ସମିସ):**



ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳୀସ୍ଥିତ ସିମେଣ୍ଟ କମ୍ପାନୀ ଡାଲମିଆଁ ଭାରତ ଅଧୀକୃତ କପିଳାସ ସିମେଣ୍ଟ ମାନୁଫାକ୍ଚରିଂ ୱାର୍କ୍ସର ମନମାନୀକୁ ନେଇ ଆଞ୍ଚଳିକ ଟ୍ରକ ମାଲିକ ମହାସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ସିମେଣ୍ଟ ପରିବହନ କ୍ଷେତ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମାଧାନ ଦିଗରେ କମ୍ପାନୀ କର୍ତ୍ତୃପକ୍ଷ ପ୍ରିୟାପ୍ରୀତି ତଥା ଟାଳଟୁଳ ନୀତି ଅବଲମ୍ବନ କରିବା ସଂକ୍ରାନ୍ତ ଅଭିଯୋଗକୁ ପ୍ରଶାସନ ଅଣଦେଖା କରିବା ଫଳରେ ଦୀର୍ଘଦିନ ଧରି କ୍ଷତିର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଟ୍ରକ ମାଲିକମାନେ ରାସ୍ତାକୁ ଓହ୍ଲାଇବା ସମ୍ଭାବନା ସୃଷ୍ଟି ହୋଇଛି। ସରକାରୀ ଧାର୍ଯ୍ୟ ମୂଲ୍ୟ ନୋଟିସ ବୋର୍ଡରେ ପ୍ରଦର୍ଶିତ କରିବା, ଜମି ହରାଇଥିବା ଟ୍ରକମାଲିକଙ୍କୁ ଅଗ୍ରାଧିକାର ଦେବା, ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା ଲାଗୁ କରିବା, ସିମେଣ୍ଟ ପରିବହନରେ ବିଡିଂ ବ୍ୟବସ୍ଥା ଲାଗୁ ନ କରିବା, ଗାଡ଼ି ଗୁଡିକର ପାର୍କିଂ ବ୍ୟବସ୍ଥା ଓ ଚାଳକଙ୍କ ବିଶ୍ରାମ ଗୃହ ଆଦି ୧୭ଟି ସମସ୍ୟାକୁ ନେଇ ମହାସଂଘ ପକ୍ଷରୁ ଅମରାବତୀ ମଠରେ ଶୁକ୍ରବାର ଏକ ବୈଠକ ଆହ୍ୱାନ କରାଯାଇଥିବାବେଳେ ପରବର୍ତ୍ତୀ କାର୍ଯ୍ୟପନ୍ଥା ବିଷୟରେ ନିଷ୍ପତ୍ତି ନିଆଯିବ ବୋଲି ସଭାପତି ଅମୂଲ୍ୟ କୁମାର ସାହୁ ସୂଚନା ଦେଇଛନ୍ତି।

## ଗ୍ରାମସାଥୀ ଭଗବାନ ପଣ୍ଡାଙ୍କ ସ୍ମୃତିସଭା

**ନିଶ୍ଚିନ୍ତକୋଇଲି,୨୦।୧୧(ସମିସ):** ଅସୁରେଶ୍ୱର ପଞ୍ଚାୟତ କୁଳଗାଁ ଇସାଳୋ ଗ୍ରାମର କାର୍ଯ୍ୟରତ ଗ୍ରାମସାଥୀ ତଥା ଲାଲବାବା ପୀଠ ଶ୍ରୀ ହନୁମାନଜୀଉ ମନ୍ଦିର ସଦସ୍ୟ ଭଗବାନ ପଣ୍ଡାଙ୍କର ବିୟୋଗରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ସାମ୍ବାଦିକ ଆଶିଷ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଏଥିରେ ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ ଦାସ, ଯୋଗାଣ ବିଭାଗର ପ୍ରାକ୍ତନ ଯୁଗ୍ମ ସଚିବ ଶରତ ଚନ୍ଦ୍ର ଦାଶ, କୈଳାସଚନ୍ଦ୍ର ପଣ୍ଡା, ପ୍ରାକ୍ତନ ଜିଲ୍ଲା ଶିକ୍ଷାଅଧିକାରୀ ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନା କମିଟିର ସଭାପତି ଗୋପୀନାଥ ପଣ୍ଡା, ସଂପାଦକ ଅନୁପ ରଥ, ସହ ସଂପାଦକ ଦୀପକ ପଣ୍ଡା, ନୀତି ପ୍ରଶାସକ ଶିବପ୍ରସାଦ ପଣ୍ଡା, ଆଇନଜୀବୀ ରଞ୍ଜନ ପଣ୍ଡା, ଦିଲ୍ଲୀପ ଘଡେଇ, ପ୍ରଣବ ବେହେରା, ଅରୁଣ ପଣ୍ଡା, ଗୋବିନ୍ଦ ମଲ୍ଲିକ, ସନ୍ତୋଷ ମଲ୍ଲିକ, ଅନୁରୁଦ୍ଧ ପଣ୍ଡା, ସାଗର ଭୂୟାଁ, ଅଶୋକ ରଥ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ସାନ ଭାଇ ଭାରତୀୟ ସେନାର ଯବାନ ରମାକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଆନ୍ତଃ କଲେଜ ଖେଳକୁଦ ପ୍ରତିଯୋଗିତା




**ଭଦ୍ରେଶ୍ୱର,୨୦।୧୧(ସମିସ):** ମାହାଙ୍ଗା ବ୍ଲକ ପଲ୍ଲିସାହିସ୍ଥିତ ମାହାଙ୍ଗା ମହାବିଦ୍ୟାଳୟ ପରିସରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଷ୍ଟମ ଆନ୍ତଃ କଲେଜ ଖେଳକୁଦ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିରୂପେ ମାହାଙ୍ଗା ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ, ସମ୍ମାନିତ ଅତିଥିଭାବେ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ଚଣ୍ଡିଚରଣ ରଥ ଯୋଗଦାନ କରିଥିଲେ। ଅଧ୍ୟାପିକା ପୁଷ୍ପାଞ୍ଜଳି ଶତପଥି ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପ୍ରମିଳା ରାଉତ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ ୯ଟି ଜିଲ୍ଲାର ୧୯ଟି ମହାବିଦ୍ୟାଳୟର ୧୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି। ଅଧ୍ୟାପକ ଭାଗ୍ୟଧର ଘଡେଇ, ବୀରବର ଖଟୁଆ, ଶରତ ବେହେରା, ଅଧ୍ୟାପିକା କବିତା ସାମନ୍ତରାୟ, ମମତା ନାୟକ, ଇତିଶ୍ରୀ ସାମଲ, ପ୍ରଶାନ୍ତ ସିଂ, ମାମାଲି ମୋନାଲିସା ଦାସ, ସୋନାଲି ପ୍ରିୟଦର୍ଶିନୀ, ବନିତା ବରାଳଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ଚୋରା ବାଲି ମାଫିଆଙ୍କ କାରନାମା

# ନଈ ଭିତରେ ଖୋଳିଦେଲେଣି ପୋଖରୀ

**କଣ୍ଟାପଡ଼ା, ୨୦।୧୧(ସମିସ)**



କଣ୍ଟାପଡ଼ା ତହସିଲ ଅଞ୍ଚଳରେ ପ୍ରବାହିତ ଦେବୀ ଓ କନ୍ଦଳ ନଦୀରୁ ସନ୍ଧ୍ୟା ପରେ ଭୋର ପର୍ଯ୍ୟନ୍ତ ପୁଲିସ, ରାଜସ୍ୱ ଓ ଖଣି ବିଭାଗ ଜାଣତରେ ରାତିକେ କୋଟି କୋଟି ଟଙ୍କାର ବାଲି ଏକାଧିକ ବେଆଇନ ବାଲି ଘାଟରୁ ଚୋରା ଚାଲାଣ କରି ବାଲି ମାଫିଆମାନେ ମାଲେ ମାଲ୍ ହେଉଥିବା ବେଳେ କେତେଜଣ ସରକାରୀ କର୍ମଚାରୀ ଓ ରାଜନେତାଙ୍କ ଯୋଗୁଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ତଥାକଥିତ ରାଜନେତା ଓ କେତେଜଣ ସରକାରୀ କର୍ମଚାରୀଙ୍କୁ ମାସିକିଆ ଦେଇ ବାଲି ମାଫିଆମାନେ ନଦୀରୁ ବାଲି ତାଡି ନଦୀରେ ପୋଖରୀ ସୃଷ୍ଟି କରିଦେବା ସହ ବଡ ବଡ ହାଇୱା ଯୋଗେ ଓଭରଲୋଡ ଚୋରାବାଲି ପରିବହନ କରି ଅଞ୍ଚଳର ରାସ୍ତାଘାଟ, ନଦୀବନ୍ଧ ଓ ପୋଲ ପ୍ରତି ବିପଦ ସୃଷ୍ଟି କରିଛନ୍ତି। ଯାହାର ଏକ ନିଛକ ଉଦାହରଣ ହେଉଛି ବଡବିଲ ନିକଟରେ ପ୍ରବାହିତ କନ୍ଦଳ ନଦୀର ବେଆଇନ୍ ଶନି ଘାଟ। ଏହି ବେଆଇନ ବାଲି ଘାଟରୁ ସନ୍ଧ୍ୟା ପରେ ବଡବଡ ହାଇୱାରେ ବାଲି ପରିବହନ ଦ୍ୱାରା ନଦୀ ବନ୍ଧ ରାସ୍ତା ଶୋଚନୀୟ ହୋଇପଡ଼ିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅତିତରେ ଚୋରା ବାଲି ବୋଝେଇ ହାଇୱା ଆଗରେ ବସି ରହି ନଦୀବନ୍ଧ ରାସ୍ତାକୁ ଅବରୋଧ କରିଥିଲେ। ପରେ ସବୁ ଜାଣି ନ ଜାଣିଲା ପରି ଉପରୋକ୍ତ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ପରେ କିଛି ହାଇୱାକୁ ଜବତ କରି ସ୍ୱଳ୍ପ ପରିମାଣର ଫାଇନ କାଟି ଛାଡ଼ି ଦେଇଥିଲେ। ଏହି ଘଟଣାର କିଛି ଦିନ ପର୍ଯ୍ୟନ୍ତ ଉକ୍ତ ନଦୀ ବନ୍ଧ ରାସ୍ତାରେ ଚୋରା ବାଲି ବୋଝେଇ ହାଇୱା ଦେଖିବାକୁ ମିଳୁ ନ ଥିବା ବେଳେ ବର୍ତ୍ତମାନ ସେହି ରାଜସ୍ୱ ବିଭାଗ ଅଧିକାରୀ ଓ କର୍ମଚାରୀ, ସେହି ଥାନା ଅଧିକାରୀ ଓ ସେହି ଖଣି ଅଧିକାରୀ ଥିଲେ ମଧ୍ୟ ପରିସ୍ଥିତି ଯଥା ପୂର୍ବଂ ତଥା ପରଂ ହୋଇପଡ଼ିଛି। ଏହି ଚୋରା ଏବଂ ଓଭରଲୋଡ ବାଲି ପରିବହନ ଯୋଗୁଁ ଦୀର୍ଘ ୫୦ ବର୍ଷ ତଳେ ଅଞ୍ଚଳର କୃଷି କାର୍ଯ୍ୟ ପାଇଁ କନ୍ଦଳ ନଦୀରେ ନିର୍ମିତ ପୁରୁଣା ସାଇଫନ ପ୍ରତି ବିପଦ ସୃଷ୍ଟି ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିଲାଣି। ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ ରାଉତରାୟ ତୁରନ୍ତ ଏପରି ବେଆଇନ୍ ଭାବେ ବାଲି ପରିବହନ କରିବା ସହ ନଦୀବନ୍ଧ ଓ ସାଇଫନର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ, ପୁଲିସ ମହାନିର୍ଦ୍ଦେଶକ, ଜିଲ୍ଲାପାଳ ଓ ଜଳସମ୍ପଦ ବିଭାଗ ମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। ହେଲେ

**ପୁଲିସ, ରାଜସ୍ୱ ଓ ଖଣି ବିଭାଗ ସବୁ ଜାଣି ଅଜଣା**

ଫଳ ଶୂନ। ସେହିପରି ଦେବୀ ନଦୀର ବିଭିନ୍ନ ବାଲିଘାଟରୁ ବେଆଇନ୍ ଭାବେ ଚୋରା ବାଲି ମେସିନ ଲଗାଇ ଉତ୍ତୋଳନ ହେଉଥିଲେ ମଧ୍ୟ ସବୁ ବିଭାଗ ଚୁପ। ଦୁଇ ଦିନ ତଳେ ଦେବୀ ନଦୀର ଝାରପଡ଼ା ବେଆଇନ୍ ବାଲି ଘାଟରୁ ବାଲି ବୋଝେଇ କରି ପରିବହନ କରୁଥିବା ହାଇୱାକୁ ସ୍ଥାନୀୟ ଯୁବକ ଅଟକାଇବାରୁ ସେଠାରେ ଚାପା ଉତ୍ତେଜନା ସୃଷ୍ଟି ହେବାରୁ ଜିଲ୍ଲା ଖଣି ଅଧିକାରୀ ଘଟଣାସ୍ଥଳକୁ ଆସି ଫାଇନ କାଟି ଚାଲି ଯାଇଥିଲେ ମଧ୍ୟ କେତେ ଟଙ୍କାର ଫାଇନ୍ କାଟିଲେ ତାହା ଅସ୍ପଷ୍ଟ ରହିଛି।

## ଚୌଦ୍ୱାରରେ ଅଜଣା ଜନ୍ତୁ ଆତଙ୍କ

**ଚୌଦ୍ୱାର, ୨୦।୧୧(ସମିସ):** ଚୌଦ୍ୱାର ଅଞ୍ଚଳରେ ଏକ ଅଜଣା ଜନ୍ତୁ ବୁଲୁଥିବା ଦେଖିଥିବା ସ୍ଥାନୀୟ କିଛି ଲୋକ ପ୍ରକାଶ କରି ଏହା ଏକ ବାଘ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ୯ ନମ୍ବର ୱାର୍ଡ ଅନ୍ତର୍ଗତ କପାଳେଶ୍ୱର ଅଞ୍ଚଳରେ ନୂଆକରି ଗଢ଼ି ଉଠିଥିବା ୧୦୮ ଗଳି ନିକଟ କଲୋନୀରେ ଗୁରୁବାର ବାଘଭଳି ଦିଶୁଥିବା ଏକ ଅଜଣା ଜନ୍ତୁ ବୁଲୁଥିବା ସ୍ଥାନୀୟ ଜଣେ ବାସିନ୍ଦା ଦେଖିଥିଲେ। ଅଜଣା ଜନ୍ତୁଟି ଚିତା ବାଘ ସଦୃଶ ଓ ତାହାର ଲାଞ୍ଜଟି ବଡ ହୋଇଥିବା ବେଳେ ଦେହର ରଙ୍ଗ ହଳଦିଆ ଓ କଳାଛିଟ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଚୌଦ୍ୱାର ବନପାଳ ଭଗବାନ ପଲେଇ ଓ ବନ କର୍ମଚାରୀ ଛାନଭିନ କରିଥିଲେ। ଅନୁଧ୍ୟାନ କରିବା ପରେ ଉକ୍ତ ଅଞ୍ଚଳରେ ବାଘ ଥାଇ ନ ପାରେ ବୋଲି ବନପାଳ ପଲେଇ ସୂଚନା ଦେଇ ଉକ୍ତ ଏରିଆରେ ଟ୍ରାପ କ୍ୟାମେରା ଲଗାଯାଇ ପରିସ୍ଥିତି ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି। ଏଥିପ୍ରତି ସ୍ଥାନୀୟ ଲୋକେ ଭୟଭୀତ ନ ହେବା ପାଇଁ ବନପାଳ ପରାମର୍ଶ ଦେଇଛନ୍ତି। ବଲ୍ଲାରପୁର କାଗଜକଳ ବହୁ ବର୍ଷ ଧରି ବନ୍ଦ ପଡ଼ିଥିବାରୁ କମ୍ପାନୀ ପରିସର ଓ ଏହା ଆଖପାଖ ଅଞ୍ଚଳ ବୁଦୁବୁଦିଆ ଜଙ୍ଗଲରେ ପରିପୂର୍ଣ୍ଣ ହୋଇରହିଛି। ଶୀତଦିନେ ଜଙ୍ଗଲୀ ହାତୀପଲ ଏହି କମ୍ପାନୀ ପରିସରକୁ ପଶି ଆସୁଥିବା ଭଳି ଘଟଣା ଅନେକ ବାର ଘଟିଥିବାରୁ ଉକ୍ତ କମ୍ପାନୀ ପରିସରରେ ବାଘ ଥାଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି।

**ବାଘ ସନ୍ଦେହରେ ଲୋକେ ଭୟଭୀତ**

## ବିପୁଳ ଦେଶୀ ମଦ ଜବତ



**ଆଠଗଡ଼, ୨୦।୧୧(ସମିସ):** ଗୁରୁବାର କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ, ଖଣ୍ଡୁଆଳୀ, ପଟିଆସାହି, ସଡକସାହି, କୃଷ୍ଣପୁର, ମଗଧ, କଂସରା ଗ୍ରାମରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ଥାନା, ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ, ଖୁଣ୍ଟୁଣୀ ଥାନା ଓ ବନବିଭାଗ ସହିତ ଏକ ମିଳିତ ଚଢ଼ଉ କରାଯାଇଥିଲା। ଉକ୍ତ ଚଢ଼ଉରେ ସର୍ବମୋଟ ୧୯୬୦ ଲିଟର ଦେଶୀ ମଦ ସହ ୧୫୬୪୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି ଏବଂ ୬ଟି ମାମଲା ରୁଜୁ କରାଯାଇଛି।

## କଂଗ୍ରେସରୁ ନିଲମ୍ବିତ ହେଲେ ପ୍ରାକ୍ତନ ବ୍ଲକ୍ ସଭାପତି

**ନିଶ୍ଚିନ୍ତକୋଇଲି, ୨୦।୧୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ରମାକାନ୍ତ ବେହେରାଙ୍କୁ କଂଗ୍ରେସ ଦଳରୁ ନିଲମ୍ବିତ କରାଯାଇଥିବା ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ଦାସ ସୂଚନା ଦେଇଛନ୍ତି। ଶ୍ରୀ ବେହେରା ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ବିନା ଅଗୋଚରରେ କିଭଳି ବିଭିନ୍ନ ପଞ୍ଚାୟତର ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି କଲେ ଏବଂ ତାହା ଗଣମାଧ୍ୟମରେ ପ୍ରକାଶ କଲେ ସେନେଇ ତାଙ୍କୁ କମିଟି ପକ୍ଷରୁ ୧୨.୦୮.୨୦୨୫ରେ ପତ୍ରସଂଖ୍ୟା ୦୦୨ ମାଧ୍ୟମରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଧାର୍ଯ୍ୟ ସମୟସୀମା ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଶ୍ରୀ ବେହେରା ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କୁ କୌଣସି ମତାମତ ଦେଇ ନ ଥିବାରୁ ତାଙ୍କର ଏଭଳି ବିଶୃଙ୍ଖଳିତ ଆଚରଣ ପାଇଁ ପିସିସି ସଭାପତିଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ଦଳରୁ ତାଙ୍କୁ ନିଲମ୍ବନ କରାଯାଇଛି। ପତ୍ର ସଂଖ୍ୟା ୦୦୧୨, ତା.୨୦.୧୧.୨୦୨୫ ଅନୁଯାୟୀ ନିଲମ୍ବନ କରାଯାଇଥିବା ଜଣାଯାଇଛି। ଏ ସଂକ୍ରାନ୍ତରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଏବଂ ପିସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷଙ୍କୁ ପ୍ରେରଣ କରାଯାଇଛି। ଉକ୍ତ ଘଟଣା ସମ୍ପର୍କରେ ଶ୍ରୀ ବେହେରାଙ୍କୁ ପଚାରିବାରୁ ସେ କୌଣସି ଆଦେଶ ପାଇ ନ ଥିବା ପ୍ରକାଶ କରିଛନ୍ତି।

## ହ୍ୟୁମାନ ସାଗରଙ୍କ ବିୟୋଗରେ ଶୋକସଭା

**ସାଲେପୁର, ୨୦।୧୧(ସମିସ):** ଆମେ ସବୁ ସାଲେପୁର ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ତଥା ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ପୁଣ୍ୟତିଥି ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଏଲ୍.ଏନ୍. ପାଠଶାଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥି ସହ ଖୁବ୍ କମ୍ ଦିନରେ ନିଜର କଣ୍ଠସ୍ୱର ଯାଦୁରେ ଓଡ଼ିଶାର ପୁରପଲ୍ଲୀରେ ପରିଚିତ ଥିବା ହ୍ୟୁମାନ ସାଗରଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସଂଗଠକ ସମ୍ବିତ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାରସ୍ୱତ ସମାରୋହ ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦାଶ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ ପ୍ରାଧ୍ୟାପକ ଡଃ ନିଖିଳେଶ ମହାନ୍ତି, ପ୍ରାକ୍ତନ ଶିକ୍ଷକ ବିଷ୍ଣୁଚରଣ ମିଶ୍ର, ସାଲେପୁର ଥାନା ଏଏସ୍ଆଇ ନୀଳମାଧବ ପଣ୍ଡା, ମାଛୁଆତି ବଜାର କମିଟି ସଭାପତି ଅଶ୍ୱିନୀ ଦାସ, ସାମ୍ବାଦିକ ସୁଧିର ଶତପଥି, ହେମନ୍ତ ନନ୍ଦ, ଦିଲ୍ଲୀପ ବରାଳ, ଅଧ୍ୟାପକ ପଦାରବିନ୍ଦ ବିଶ୍ୱାଳ, ଅମୀୟ ଧଳ, ବିଜୟ ବରାଳ, ପାଠଶାଳାର ପ୍ରତିଷ୍ଠାତା ନମିତା ଷଡ଼ଙ୍ଗୀଙ୍କ ସମେତ ବହୁ କର୍ମକର୍ତ୍ତା ଓ ଏଲ୍ଏନ୍ ପାଠଶାଳାର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



## ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତିର ସାଧାରଣ ସମ୍ପାଦକ ଦଳରୁ ବହିଷ୍କୃତ

**ସାଲେପୁର, ୨୦।୧୧(ସମିସ):** କଂଗ୍ରେସ ନେତୃମଣ୍ଡଳୀଙ୍କ ବିରୁଦ୍ଧରେ ମନ୍ତବ୍ୟ ଦେବା ଓ ବିଭିନ୍ନ ସମୟରେ କଂଗ୍ରେସ ସଂଗଠନକୁ ଦୁର୍ବଳ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ମନ୍ତବ୍ୟ ଦେବା ଓ ସାଲେପୁର ଅଞ୍ଚଳରେ ସମାନ୍ତରାଳ କଂଗ୍ରେସ ସଂଗଠନ ଚଳାଇ ସଂଗଠନକୁ ଦୁର୍ବଳ କରୁଥିବାରୁ ରାଜ୍ୟ ଅନୁସୂଚିତ ଜାତି ସାଧାରଣ ସମ୍ପାଦକ ତଥା ବାରିଗୋଳ ପଞ୍ଚାୟତର କଂଗ୍ରେସ ସମର୍ଥିତ ସରପଞ୍ଚ ଶିବୁ ବେହେରାଙ୍କୁ ଆଜି କଂଗ୍ରେସ ଦଳରୁ ବହିଷ୍କାର କରାଯାଇଥିବା କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ ଲିଖିତ ଭାବେ ଜଣାଇଛନ୍ତି। ଏନେଇ କଂଗ୍ରେସ କମିଟି ପକ୍ଷରୁ ଶିବୁ ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଶ୍ରୀ ବେହେରା ନୋଟିସର କୌଣସି ଉତ୍ତର ନ ଦେବାରୁ ଆଜି ବିଧିବଦ୍ଧ ଭାବେ ରାଜ୍ୟ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ଦଳରୁ ବହିଷ୍କାର କରାଯାଇଥିବା କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ ଦାସ ଲିଖିତ ଭାବେ ଜଣାଇଛନ୍ତି।



## ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ପୁନରୁଦ୍ଧାର

**ତିଗିରିଆ, ୨୦।୧୧(ସମିସ):** ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତ ଅଧୀନ ମଙ୍ଗଳପୁର ଗ୍ରାମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ୧୯୮୮ରେ ସ୍ଥାପିତ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଥିଲା। ଯାହାର ପୁନରୁଦ୍ଧାର ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ କର୍ମୀଙ୍କ ଦ୍ୱାରା କରାଯାଇଛି। ସୂଚନାଯୋଗ୍ୟ ଯେ ଗତକାଲି ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ଅବସରରେ ଶ୍ରୀ ପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସମୟରେ ଏହି ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଥିବା ଦେଖିଥିଲେ। ଏହାକୁ ନେଇ ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିବା ସହ ଆଜି ଯୁବନେତା ଶୁଭାଶିଷ ମିଶ୍ର, ବରିଷ୍ଠ ନେତା ସାଇରାମ ମହାନ୍ତି, ପ୍ରଶାନ୍ତ ବେହେରା, ଶୁଭେନ୍ଦୁ ବେହେରା, ସମ୍ବିତ ଦଳେଇଙ୍କ ସମେତ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଉକ୍ତ ପ୍ରତିମୂର୍ତ୍ତିକୁ ମରାମତି ସହ ନୂତନ ରଙ୍ଗ ଦିଆଯାଇଥିଲା।



## ଅଢ଼ାଳିଆ ଗ୍ରାମ୍ୟ ଉନ୍ନୟନ କମିଟି ଗଠନ



**ଫୁଲନଖରା, ୨୦।୧୧(ସମିସ):** କଟକ ସଦର ଥାନା ଅନ୍ତର୍ଗତ ଅଢ଼ାଳିଆରେ ନୂତନ ଭାବରେ ଗ୍ରାମ୍ୟ ଉନ୍ନୟନ କମିଟି ଗଠନ ହେବା ସହ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜ୍ୟୋତିର୍ମୟ ବେଉରାଙ୍କ ପ୍ରଚେଷ୍ଟାରେ ପଡୋଶୀ ଗ୍ରାମର ମୁରବୀ ପୀତବାସ ମହାପାତ୍ର, ପ୍ରମୋଦ ସ୍ୱାଇଁ, ଦିଲ୍ଲୀପ ସ୍ୱାଇଁ, ଶିକ୍ଷାବିତ୍ ଗୁଣନିଧି ପଟ୍ଟନାୟକ, ନଳିନୀ ସ୍ୱାଇଁ ଓ ପ୍ରକାଶ ନାୟକଙ୍କ ଦିଗ୍‌ଦର୍ଶନ ଗ୍ରାମବାସୀଙ୍କୁ ଦୀର୍ଘବର୍ଷ ପରେ ଏକାଠି କରିବା ସହିତ ଗ୍ରାମର ଐକ୍ୟ ଭାବକୁ ଫେରାଇ ଆଣିବାର ପ୍ରୟାସକୁ ଗ୍ରାମର ବରିଷ୍ଠ ମୁରବୀମାନେ ସାଧୁବାଦ ଜଣାଇଥିଲେ। ଯୁବ ଓ ବରିଷ୍ଠଙ୍କୁ ନେଇ ଏକ ୧୫ଜଣିଆ କର୍ମକର୍ତ୍ତା ମଣ୍ଡଳୀ ଗଠନ ହେବା ସହ ୯ ଜଣିଆ ଉପଦେଷ୍ଟାମଣ୍ଡଳୀ ଗଠନ କରାଯାଇଛି। ସଭାପତି ସନ୍ନ୍ୟାସୀ ପୃଷ୍ଟି, କାର୍ଯ୍ୟକାରୀ ସଭାପତି ସନ୍ତୋଷ ସେଠୀ, ଉପସଭାପତି ବଳରାମ ସାହୁ, ସମ୍ପାଦକ ବସନ୍ତ ପୃଷ୍ଟି, ସହସମ୍ପାଦକ ଜଟାଧାରୀ ବେହେରା, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପୃଷ୍ଟି ଓ କୋଷାଧ୍ୟକ୍ଷ ଭାବରେ ପ୍ରଭାକର ସେଠୀ, କମିଟିର ସଭ୍ୟ ଭାବରେ ଶତ୍ରୁଘ୍ନ ପୃଷ୍ଟି, ନିରଞ୍ଜନ ସାହୁ, ସୁବଳ ସାହୁ, ନିରଞ୍ଜନ ବେହେରା, ଗଣେଶ୍ୱର ପ୍ରଧାନ, ଜିତେନ୍ଦ୍ର ସାହୁ, ଗଗନି ବେହେରା ଓ କୁନିଆ ବେହେରା ଏବଂ ଉପଦେଷ୍ଟା ମଣ୍ଡଳୀର କୃଷ୍ଣ ଚନ୍ଦ୍ର ସାହୁ, ସୁକାନ୍ତ ଚରଣ ପୃଷ୍ଟି, ଜନାର୍ଦ୍ଦନ ପୃଷ୍ଟି, ବନମାଳୀ ବେହେରା, ମାଗୁଣି ନାୟକ, ନବ କିଶୋର ପୃଷ୍ଟି, ଶିବ ବେହେରା, ସର୍ବେଶ୍ୱର ସେଠୀ, ନନ୍ଦ କିଶୋର ବେହେରା ପ୍ରମୁଖଙ୍କୁ ଅଞ୍ଚଳର ଆଧ୍ୟାତ୍ମିକ ପ୍ରବକ୍ତା ଶ୍ରୀ ସନ୍ନ୍ୟାସୀ ଜୀ ଗ୍ରାମର ଇଷ୍ଟଦେବୀ ମା' ବେଲଦେବୀଙ୍କ ନାମରେ ଶପଥ ପାଠ କରାଇଥିଲେ।

## ଜାତୀୟ ଫାର୍ମାସୀ ସପ୍ତାହ ଅବସରରେ ରକ୍ତଦାନ



**ସାଲେପୁର, ୨୦।୧୧(ସମିସ):** ଜାତୀୟ ଫାର୍ମାସୀ ସପ୍ତାହ ପାଳନ ଅବସରରେ ବାହାଦୁଲାପାଟଣାଠାରେ ଥିବା ଫାର୍ମାସୀ କଲେଜ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ଅଫ୍ କଟକ, ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପା ଓ ଫାର୍ମାସି କଲେଜର ମିଳିତ ଆନୁକୂଲ୍ୟରେ କମିଶନରେଟ୍ ପୁଲିସ୍, ଭୁବନେଶ୍ୱର-କଟକ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍, ଜଗତସିଂହପୁର ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବ୍ ଅଫ୍ କଟକର ପ୍ରାକ୍ତନ ସଭାପତି ଇଂ. ଧୀରେନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ସମ୍ପାଦକ ସୁନେଶ୍ୱର ସ୍ୱାଇଁ, ସଭ୍ୟ ପ୍ରଶାନ୍ତ ମହାନ୍ତି, ଫାର୍ମାସୀ କଲେଜର ସମ୍ପାଦକ ବିଭୁ ପ୍ରସାଦ ବିଶ୍ୱାଳ, ଫାର୍ମାସୀ କଲେଜର ସଭାପତି ରବୀନ୍ଦ୍ରନାଥ ସ୍ୱାଇଁ, ଫାର୍ମାସୀ କଲେଜର ଅଧ୍ୟକ୍ଷ ଡ ସୁନୀଲ କାନୁନ୍‌ଗୋ, କଲେଜ ପରିଚାଳନା କମିଟି ସଭ୍ୟ ପ୍ରଶାନ୍ତ ମହାନ୍ତି, ଉତ୍କଳ ଗୌରବ ମଧୁସୂଦନ ନାଗରିକ ମଞ୍ଚର ସଭାପତି ସୁରେନ୍ଦ୍ର ମହାରଣା ଓ କମିସନରେଟ୍ ପୁଲିସ ରକ୍ତଦାନ ଶିବିର ସଂଯୋଜକ ଦିଲ୍ଲୀପ ଭୂପତି ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପାର ଉପଦେଷ୍ଟା ବିଶ୍ୱରଞ୍ଜନ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କେନ୍ଦ୍ରୀୟ ରେଡକ୍ରସ୍ ରକ୍ତ କେନ୍ଦ୍ର ତରଫରୁ ଡା ବିନାୟକ ପୃଷ୍ଟି, ତାପସ ମହନ୍ତ, ବିଜୟ ସ୍ୱାଇଁ, ସରୋଜ ମହାନ୍ତି, କୀର୍ତ୍ତନ ବହିଦାର, ସୁଜିତ ରାଉତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶିବିରକୁ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପାର ସମ୍ପାଦିକା ସୁନିତା ସାମଲ, ମୋନାଲିସା ସ୍ୱାଇଁ, ଶୁଭମ ଶେଖର ପରିଡ଼ା, ନଗେନ୍ଦ୍ର ପ୍ରଧାନ, ରୀତିକ ରାଉତ, କଲେଜ ତରଫରୁ ଓମ୍ ପ୍ରକାଶ ଚକ୍ରବର୍ତ୍ତୀ ପରିଚାଳନା କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ତିଗିରିଆ, ୨୦।୧୧(ସମିସ):** ତିଗିରିଆ ବ୍ଲକ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ଚଳିତ ଶିକ୍ଷାବର୍ଷର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଦୁଇଦିନ ଧରି ମହାବିଦ୍ୟାଳୟର କ୍ରୀଡା ଅଧ୍ୟାପକ ଶୁଭେନ୍ଦୁ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାର ଉଦଯାପନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗବନ୍ଧୁ ଦାସ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ ମିଶ୍ର, ଦେବରାଜ ପଣ୍ଡା, ସୁରେଶ ପଣ୍ଡା, ସୁଧାକର ମୁଦୁଲି, ବିନାୟକ ପଣ୍ଡା, ଜଗତ ପାଣିଗ୍ରାହୀ, ପ୍ରକାଶ ତୋଷ ଏବଂ ଅଧ୍ୟାପିକା ସିପ୍ରା ମହାପାତ୍ର, ବିଦ୍ୟୁଲତା ବାରିକ, ଅନୁପମା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କ୍ରୀଡା ପ୍ରତିଯୋଗିତା ପରିଚାଳନାରେ ମହାବିଦ୍ୟାଳୟର କର୍ମଚାରୀ ସରୋଜ ପାଣିଗ୍ରାହୀ, ହୃଦାନନ୍ଦ ରାଉତ, ମିଳନ ସାହୁ, ସରୋଜ ଧଳ, ଅରବିନ୍ଦ ଖୁଣ୍ଟିଆ, ଲକ୍ଷ୍ମୀଧର ସାହୁ, ଜମ୍ବେଶ୍ୱର ବେହେରା, ବିଦ୍ୟାଧର ସାହୁ, ବିଜୟ ସାହୁ, ରମେଶ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ରବୀନ୍ଦ୍ର ସାମନ୍ତରା, ଲକ୍ଷ୍ମୀଧର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଖବର ପ୍ରକାଶ ପରେ ତତ୍ପରତା

# ୩ଟି ପଞ୍ଚାୟତରେ ମିଳିଲା ପାନୀୟଜଳ

**ଭଦ୍ରେଶ୍ୱର, ୨୦।୧୧(ସମିସ)**

ଦୀର୍ଘ ୫ ଦିନ ପରେ ମାହାଙ୍ଗା ବ୍ଲକର ୩ଟି ଗ୍ରାମପଞ୍ଚାୟତର ଲୋକଙ୍କୁ ଅବଶେଷରେ ପ୍ରଶାସନ ତରଫରୁ ପାନୀୟ ଜଳ ଯୋଗାଇ ଦିଆଯାଇଛି। ମାହାଙ୍ଗା ବ୍ଲକର ହଳଦିଆ ଗ୍ରାମପଞ୍ଚାୟତ ଲକ୍ଷ୍ମୀନାରାଣପୁରଠାରେ ବସୁଧା ପାନୀୟ ଜଳ ପ୍ରକଳ୍ପ ରହିଛି। ଦୀର୍ଘ ୩୦ ବର୍ଷ ଧରି ଏହି ପାନୀୟ ଜଳ ପ୍ରକଳ୍ପରୁ ସ୍ଥାନୀୟ ହଳଦିଆ, ପାଇକରାପୁର ଓ ପୋଡାମରାଇ ଗ୍ରାମପଞ୍ଚାୟତର ଲୋକେ ପାନୀୟ ଜଳ ପାଇ ଆସୁଥିଲେ। ତେବେ ଗତ ପ୍ରଶାସନିକ ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଏହି ୩ଟି ପଞ୍ଚାୟତ ତରଫରୁ ଟାଟା ପାୱାର ବକେୟା ବିଦ୍ୟୁତ ଦେୟ ପୈଠ କରାଯାଇ ନ ଥିଲା। ଦେୟ ପୈଠ କରାଯାଇ ନ ଥିବା କାରଣରୁ ଟାଟା ପାୱାର ତରଫରୁ ଅତ୍ୟନ୍ତ ଅନ୍ୟାୟ ଭାବେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଥିଲା। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ଯୋଗୁଁ ଏହି ୩ଟି ପଞ୍ଚାୟତର ଲୋକମାନେ ଟୋପାଏ ପାନୀୟ ଜଳ ପାଇବା ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଏ ସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା। ତେବେ ହଳଦିଆ ଗ୍ରାମପଞ୍ଚାୟତ ତରଫରୁ ୫୦ ହଜାର ଟଙ୍କାର ବକେୟା ଦେୟ ପ୍ରଦାନ କରାଯିବା ପରେ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। ତେବେ ଖୋଦ ମାହାଙ୍ଗା ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ପୋଡାମରାଇ ଓ ପାଇକରାପୁର ପଞ୍ଚାୟତ ତରଫରୁ ଏ ପର୍ଯ୍ୟନ୍ତ ବିଦ୍ୟୁତ ଦେୟ ପୈଠ କରାଯାଇନାହିଁ। ତେବେ ୩ଟି ପଞ୍ଚାୟତର ଅର୍ଥରେ ଚାଲୁଥିବା ବସୁଧା ପାନୀୟ ଜଳ ପ୍ରକଳ୍ପ ଏବେ ଗୋଟିଏ ପଞ୍ଚାୟତର ଅନୁଦାନରେ କାର୍ଯ୍ୟକ୍ଷମ ହୋଇଥିଲା ବେଳେ ଅନ୍ୟ ୨ଟି ପଞ୍ଚାୟତ ବକେୟା ବିଦ୍ୟୁତ ଦେୟ ନ ଦେବା ପାନୀୟ ଜଳ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ତେବେ ଏହି ପାନୀୟ ଜଳ ପ୍ରକଳ୍ପ କେତେଦୂର କାର୍ଯ୍ୟକ୍ଷମ ହେଉଛି ନା ଟାଟା ପାୱାର ତରଫରୁ ପୁନର୍ବାର ବିଦ୍ୟୁତ ବିଚ୍ଛିନ୍ନ କରାଯାଉଛି ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ସକାଳ ପ୍ରଭାବ**

## ଟି -ସେତୁ ଓ ସିଂହନାଥ ମନ୍ଦିରରେ ଜଳିଲା ଲାଇଟ୍

**ବଡ଼ମ୍ବା, ୨୦।୧୧(ସମିସ):** ବଡ଼ମ୍ବା ବ୍ଲକ ଅଧୀନ ପ୍ରସିଦ୍ଧ ବାବା ସିଂହନାଥ ପୀଠ ଓ ଦୀର୍ଘତମ ଟି-ସେତୁରେ ଗତ ୧୨ ତାରିଖ ଠାରୁ ୮ ଦିନ ହେବ ଆଲୋକୀକରଣ ନ ଥିବାରୁ ଶ୍ରଦ୍ଧାଳୁ ଏବଂ ପଥଚାରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଦୈନିକ ସକାଳର ୧୩ ତାରିଖ ଖବର କାଗଜରେ ଏକ ତଥ୍ୟଭିତ୍ତିକ ଖବର ପ୍ରସାରଣ ପରେ ଗୁରୁବାର ବଡମ୍ବା ବିଧାୟକ ବିଜୟ କୁମାର ଦଳ ବେହେରାଙ୍କ ପ୍ରଚେଷ୍ଟାରେ ବାବା ସିଂହନାଥ ପୀଠ ଓ ଟି-ସେତୁ ଆଲୋକିତ ହୋଇପାରିଛି। ସୂଚନା ଅନୁଯାୟୀ ବିଦ୍ୟୁତ ଦେୟ ବକେୟା ଥିବା କାରଣରୁ ଚଳିତ ମାସ ୧୨ ତାରିଖଠାରୁ ବିଦ୍ୟୁତ ବିଭାଗ ପକ୍ଷରୁ ସିଂହନାଥ ପୀଠ ଓ ଦୀର୍ଘତମ ଟି-ସେତୁ ଉପରୁ ବିଦ୍ୟୁତ କାଟ କରାଯାଇଥିଲା।





**ମୁଦ୍ରା ବିନିମୟ ମୂଲ୍ୟ**




ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୯୦
- ପାଉଣ୍ଡ ୧୧୫.୭୩
- ୟୁରୋ ୧୦୨.୧୫
- ୟେନ୍ ୦.୫୬

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୪,୪୬୦ (ନୂଆଦିଲ୍ଲୀ)
- ରୁପା : ୧,୬୮,୧୦୦ (କେଜି)

**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୬୩୨.୦୦
- ନିଫ୍ଟି ୨୬,୧୯୨.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍‌ରେ ବାର୍ଷିକ ମନଇଚ୍ଛା ବୃଦ୍ଧିକୁ ନେଇ ବଢ଼ୁଛି ଅସନ୍ତୋଷ

# ଭାରତରେ ଚିକିତ୍ସା ମୁଦ୍ରାସ୍ଫୀତି ବିଶ୍ୱରେ ସର୍ବାଧିକ




- ୨୦% ମଧ୍ୟରେ ରହିବ ଏଜେଣ୍ଟ କମିସନ
- ପ୍ରିମିୟମ୍ ବୃଦ୍ଧି ଉପରେ ଲାଗିବ ରୋକ୍
- ଚିକିତ୍ସା ପ୍ୟାକେଜ୍ ମୂଲ୍ୟ କମ୍ କରିବାକୁ ସରକାରଙ୍କ ଯୋଜନା
- ବୀମା କମ୍ପାନୀ ଓ ହସ୍ପିଟାଲ ମନଇଚ୍ଛା ପ୍ୟାକେଜ୍ ହାର ସ୍ଥିର କରିପାରିବେନି

**ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି):** ସମ୍ପ୍ରତି ସରକାର ଦେଶରେ ହୁ ହୁ ହୋଇ ବଢ଼ୁଥିବା ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍‌ରେ ଲଗାମ୍ ଲଗାଇବାକୁ ଯାଉଛନ୍ତି। ଏଥିରେ ହେଉଥିବା ବାର୍ଷିକ ପ୍ରିମିୟମ୍ ବୃଦ୍ଧିକୁ କମ୍ କରିବା ପାଇଁ ଅନେକ ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବ ମଧ୍ୟରେ ଏଜେଣ୍ଟ କମିଶନକୁ ୨୦% ପର୍ଯ୍ୟନ୍ତ ସୀମିତ କରିବା ଏବଂ ହସ୍ପିଟାଲ ଚିକିତ୍ସା ପ୍ୟାକେଜ୍ ହାର ହ୍ରାସ କରିବା ସମ୍ପର୍କିତ ପ୍ରସ୍ତାବ ଅନ୍ତର୍ଭୁକ୍ତ। ଏହି ପ୍ରସ୍ତାବଗୁଡ଼ିକୁ ବୀମା ନିୟାମକ, ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏଆଇ) ନିକଟରେ ଦାଖଲ କରାଯାଇଛି। ବର୍ତ୍ତମାନ ନିଷ୍ପତ୍ତି ବିଚାରାଧୀନ ଅଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ବୀମା କମ୍ପାନୀଗୁଡିକର ସିଇଓ, ପ୍ରମୁଖ ହସ୍ପିଟାଲ ମାଲିକ ଏବଂ ଆଇଆର୍‌ଡିଏଆଇ ଅଧିକାରୀଙ୍କ ସହିତ ଏ ସମ୍ପର୍କରେ ବୈଠକ କରିଛି। ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ରେ ମନଇଚ୍ଛା ବାର୍ଷିକ ବୃଦ୍ଧି ଉପରେ ମନ୍ତ୍ରଣାଳୟ ଅସନ୍ତୋଷ ପ୍ରକାଶ କରିଛି। ଏଥିରେ କୁହାଯାଇଛି ଯେ ଭାରତରେ ମେଡିକାଲ୍ ବା ଚିକିତ୍ସା ମୁଦ୍ରାସ୍ଫୀତି ୧୧.୫%ରେ ପହଞ୍ଚିଛି, ଯାହା ବିଶ୍ୱରେ ସର୍ବାଧିକ। ଏହା ଗ୍ରହଣୀୟ ନୁହେଁ, ଏବଂ ସରକାର ଏହାକୁ ସମାଧାନ କରିବା ପାଇଁ ପଦକ୍ଷେପ ନେଉଛି।

ପ୍ରସ୍ତାବ ଅନୁଯାୟୀ, ପ୍ରିମିୟମ୍‌ରେ ବାର୍ଷିକ ବୃଦ୍ଧି ଉପରେ ଏକ ସୀମା ଲାଗୁ କରାଯିବ। ଏହାର ଅର୍ଥ ହେଉଛି ବୀମା କମ୍ପାନୀଗୁଡ଼ିକ ମନଇଚ୍ଛା ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ବୃଦ୍ଧି କରିପାରିବେ ନାହିଁ। ନୂତନ ସ୍ୱାସ୍ଥ୍ୟ ବୀମା ପଲିସି ଉପରେ ଏଜେଣ୍ଟ କମିଶନ ସର୍ବାଧିକ ୨୦% ହେବା ଉଚିତ। ବାର୍ଷିକ ନବୀକରଣ ଉପରେ ମଧ୍ୟ ଏହି କମିଶନ ୧୦% ଅତିକ୍ରମ କରିବା ଉଚିତ୍ ନୁହେଁ। ପ୍ରତ୍ୟେକ କ୍ଲେମ୍ ବା ଦାବି, ସବୁ ହସ୍ପିଟାଲ ବିଲ୍ ଏବଂ ପ୍ରତ୍ୟେକ ଡିସଚାର୍ଜ ସାରାଂଶ ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବା ଉଚିତ। ବୀମା କମ୍ପାନୀ ଏବଂ ହସ୍ପିଟାଲଗୁଡ଼ିକ ମିଳିମିଶି ମନଇଚ୍ଛା ପ୍ୟାକେଜ୍ ହାର ସ୍ଥିର କରିପାରିବେନାହିଁ। ହସ୍ପିଟାଲଗୁଡ଼ିକ ସରକାରୀ ପ୍ରସ୍ତାବକୁ ବିରୋଧ କରି କହିଥିଲେ ଯେ ସେମାନଙ୍କର ମାର୍ଜିନ୍ ପୂର୍ବରୁ କମ୍ ଅଛି। ବୀମା କମ୍ପାନୀଗୁଡ଼ିକ ପ୍ରିମିୟମ୍ ବୃଦ୍ଧି କରନ୍ତି, କିନ୍ତୁ ଦାବି ଦେବାକୁ ଅନିଚ୍ଛୁକ। ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ ପ୍ରତିକ୍ରିୟା ଦେଇଥିଲେ ଯେ ଏହି କାରଣରୁ ଜାତୀୟ ସ୍ୱାସ୍ଥ୍ୟ ଦାବି ଏକ୍ସଚେଞ୍ଜ ପ୍ରତିଷ୍ଠା କରାଯାଉଛି, ଯେଉଁଠାରେ ସବୁକିଛି ଡିଜିଟାଲ୍ ହେବ। ଭାରତରେ ମେଡିକାଲ ମୁଦ୍ରାସ୍ଫୀତି ୧୧.୫% ରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଯେ ହସ୍ପିଟାଲ ଚିକିତ୍ସା ଖର୍ଚ୍ଚ ପ୍ରତିବର୍ଷ ୧୧.୫% ହାରରେ ବୃଦ୍ଧି ପାଉଛି, ଯାହା ବିଶ୍ୱରେ ସର୍ବାଧିକ। ଏହାଛଡା ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ମାତ୍ର ଗୋଟିଏ ବର୍ଷରେ ୨୫% ବୃଦ୍ଧି ପାଇଛି। ବିଶେଷକରି କୋଭିଡ୍ ପରେ ଦେଶରେ ସ୍ୱାସ୍ଥ୍ୟ ବୀମା ଅଧିକ ମହଙ୍ଗା ହୋଇଯାଇଛି।

# ଅନୀଲ ଅମ୍ବାନୀଙ୍କ ଆଉ ୧୪୫୨ କୋଟିର ସମ୍ପତ୍ତି ଜବତ

### ଭୁବନେଶ୍ୱର, ନାଭି ମୁମ୍ବାଇ, ଚେନ୍ନାଇ, ପୁଣେରେ ସମ୍ପତ୍ତି ଜବତ

**ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):** ଆର୍ଥିକ ହେରଫେର ଓ ଋଣ ଠକେଇ ଅଭିଯୋଗରେ ଇଡି ଜାଲରେ ସମ୍ପୂର୍ଣ୍ଣ ଭାବେ ଫସି ଯାଇଛନ୍ତି ଅନୀଲ ଅମ୍ବାନୀ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ଥରେ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପର କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହି ସମ୍ପତ୍ତିଗୁଡ଼ିକର ମୂଲ୍ୟ ପ୍ରାୟ ୧,୪୫୨ କୋଟି ଟଙ୍କା। ନାଭି ମୁମ୍ବାଇ, ଚେନ୍ନାଇ, ପୁଣେ ଏବଂ ଭୁବନେଶ୍ୱରରେ ଏହି ସମ୍ପତ୍ତିଗୁଡ଼ିକୁ ଜବତ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ସହିତ, ରିଲାଏନ୍ସ ଗ୍ରୁପର ମୋଟ ସମ୍ପତ୍ତି ଜବତ ପ୍ରାୟ ୯,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ରିଲାଏନ୍ସ ହୋମ୍ ଫାଇନାନ୍ସ (ଆର୍‌ଏଚ୍‌ଏଫ୍‌ଏଲ୍) ଏବଂ ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ (ଆର୍‌ସିଏଫ୍‌ଏଲ୍) ରେ ବ୍ୟାପକ ପରିମାଣର ପାଣ୍ଠି ଅପବ୍ୟବହାର ସହିତ ଜଡିତ ମାମଲାରେ ଏହି ସମ୍ପତ୍ତିଗୁଡ଼ିକୁ ଜବତ କରାଯାଇଛି।

ଏହା ପୂର୍ବରୁ ନଭେମ୍ବର ୩ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପାଣ୍ଠି ସ୍ଥାନାନ୍ତର ମାମଲା ସହିତ ଜଡିତ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପର ୧୩୨ ଏକର ଜମିକୁ ଜବତ କରିଥିଲା। ଏହି ଜମି ନାଭି ମୁମ୍ବାଇର ଧୀରୁଭାଇ ଅମ୍ବାନୀ ନଲେଜ୍ ସିଟି (ଡିଏକେସି) ରେ ଅବସ୍ଥିତ। ଏହାର ମୂଲ୍ୟ ୪,୪୬୨.୮୧ କୋଟି ଟଙ୍କା ଥିଲା। ଏହାବାଦ୍ ଅନିଲ ଅମ୍ବାନୀଙ୍କ ପାଲି ହିଲ୍ ଘର ସମେତ



**ଏ ପର୍ଯ୍ୟନ୍ତ ଇଡି ଜବତ କଲାଣି ୯ ହଜାର କୋଟିର ସମ୍ପତ୍ତି**

ଗ୍ରୁପର ୪୦ ରୁ ଅଧିକ ସମ୍ପତ୍ତି ମଧ୍ୟ ଜବତ କରାଯାଇଥିଲା। ଏଥିରେ ଜବତ କରାଯାଇଥିବା ସମ୍ପତ୍ତିର ମୋଟ ମୂଲ୍ୟ ୩,୦୮୦ କୋଟି ଟଙ୍କା ହେବ। ଇଡି ତଦନ୍ତରେ ରିଲାଏନ୍ସ ହୋମ୍ ଫାଇନାନ୍ସ (ଆର୍‌ଏଚ୍‌ଏଫ୍‌ଏଲ୍) ଏବଂ ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ (ଆର୍‌ସିଏଫ୍‌ଏଲ୍) ରେ ବ୍ୟାପକ ପାଣ୍ଠିର ଅପବ୍ୟବହାର ହୋଇଥିବା ଜଣାପଡ଼ିଥିଲା। ୨୦୧୭ରୁ ୨୦୧୯ ମଧ୍ୟରେ, ୟେସ୍ ବ୍ୟାଙ୍କ ଆର୍‌ଏଚ୍‌ଏଫ୍‌ଏଲ୍‌ରେ ୨,୯୬୫ କୋଟି ଟଙ୍କା ଏବଂ ଆର୍‌ସିଏଫ୍‌ଏଲ୍‌ରେ ୨,୦୪୫ କୋଟି ଟଙ୍କା ନିବେଶ କରିଥିଲା, କିନ୍ତୁ ଡିସେମ୍ବର ୨୦୧୯ ସୁଦ୍ଧା ଏହି ପାଣ୍ଠିଗୁଡ଼ିକ ନନ-ପରଫର୍ମିଂ ଆସେଟ୍ସ(ଏନ୍‌ପିଏ) ହୋଇଯାଇଥିଲା।

ଆର୍‌ଏଚ୍‌ଏଫ୍‌ଏଲ୍‌ର ୧,୩୫୩ କୋଟି ଏବଂ ଆର୍‌ସିଏଫ୍‌ଏଲ୍‌ର ୧,୯୮୪ କୋଟି ଟଙ୍କା ଏ ପର୍ଯ୍ୟନ୍ତ ବକେୟା ରହିଥିଲା। ମୋଟ ଉପରେ ଏଥିରେ ୟେସ୍ ବ୍ୟାଙ୍କକୁ ୨,୭୦୦ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି। ଇଡି କହିବାନୁଯାୟୀ, ଏହି ପାଣ୍ଠି ଅନ୍ୟ ରିଲାଏନ୍ସ ଗ୍ରୁପ୍ କମ୍ପାନୀଗୁଡ଼ିକୁ ପଠାଯାଇଥିଲା। ଋଣ ଅନୁମୋଦନ ପ୍ରକ୍ରିୟାରେ ଅନେକ ଅନିୟମିତତା ମଧ୍ୟ ହୋଇଥିବା ଜଣାପଡ଼ିଥିଲା। ଯେପରିକି କିଛି ଋଣ ଗୋଟି ଦିନରେ ଆବେଦନ, ମଞ୍ଜୁରି ଏବଂ ବିତରଣ କରାଯାଇଥିଲା। ଫିଲ୍ଡ ଚେକ୍ ଓ ମିଟିଂ ସ୍କିପ୍ କରିଦିଆଯାଇଥିଲା।

### ଭାରତକୁ ପ୍ରତ୍ୟର୍ପଣ ବିରୋଧରେ ମେହୁଲ ଚୋକସିଙ୍କ ଆବେଦନ

# ବେଲଜିୟମ୍ ସୁପ୍ରିମକୋର୍ଟରେ ଡିସେମ୍ବର ୯ରେ ହେବ ଶୁଣାଣି

**ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି):** ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ମହାଠକେଇ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକସିଙ୍କ ପ୍ରତ୍ୟର୍ପଣକୁ ଚ୍ୟାଲେଞ୍ଜ କରିଥିବା ମାମଲାର ଶୁଣାଣି ଡିସେମ୍ବର ୯ ତାରିଖରେ ବେଲଜିୟମର ସର୍ବୋଚ୍ଚ ଅଦାଲତ କୋର୍ଟ ଅଫ୍ କାସେସନ୍ ସମ୍ମୁଖରେ କରାଯିବ। ଏ ନେଇ ସେଠାକାର ଅଧିକାରୀମାନେ ଗୁରୁବାର ଘୋଷଣା କରିଛନ୍ତି। ଚୋକ୍‌ସି ଅକ୍ଟୋବର ୧୭ରେ ବେଲଜିୟମର ସର୍ବୋଚ୍ଚ ଅଦାଲତରେ ଆଣ୍ଟୱର୍ପ କୋର୍ଟ ଅଫ୍ ଆପିଲ୍‌ର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି। ଏହି ନିଷ୍ପତ୍ତି ଭାରତର ପ୍ରତ୍ୟର୍ପଣ ଅନୁରୋଧକୁ ସମର୍ଥନ କରି ଏହାକୁ "ବୈଧ" ବୋଲି କହିଛି। ଆଡଭୋକେଟ୍ ଜେନେରାଲ ହେନରୀ ଭାଣ୍ଡରଲିଣ୍ଡେନ୍ କହିଛନ୍ତି ଯେ କୋର୍ଟ ଅଫ୍ କାସେସନ୍ ଡିସେମ୍ବର ୯ ତାରିଖରେ ମାମଲାର ଶୁଣାଣି କରିବ। ସେ ପିଟିଆଇକୁ କହିଛନ୍ତି ଯେ କାସେସନ୍ କୋର୍ଟ କେବଳ ଆଇନଗତ ଦିଗଗୁଡ଼ିକ ଉପରେ କାସେସନ୍ କୋର୍ଟର ନିଷ୍ପତ୍ତିକୁ ପରୀକ୍ଷା କରେ, ଯେପରିକି କାସେସନ୍ କୋର୍ଟ ସଠିକ୍ ଭାବରେ ଆଇନଗତ ବ୍ୟବସ୍ଥା ପ୍ରୟୋଗ କରିଛି



କି ନାହିଁ ଏବଂ ସଠିକ୍ ପ୍ରକ୍ରିୟା ଅନୁସରଣ କରିଛି କି ନାହିଁ। ତେଣୁ, ନୂତନ ତଥ୍ୟ କିମ୍ବା ପ୍ରମାଣ ଉପସ୍ଥାପନ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ପୂର୍ବରୁ ଅପିଲ୍ କୋର୍ଟ ରାୟ ଦେଇଥିଲେ ଯେ ୧୩,୦୦୦ କୋଟି ଟଙ୍କାର ପିଏନବି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଚୋକସିଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଗଲେ ତାଙ୍କୁ ନିରପେକ୍ଷ ବିଚାରରୁ ବଞ୍ଚିତ କରାଯିବା କିମ୍ବା ଦୁର୍ବ୍ୟବହାରର ସମ୍ମୁଖୀନ ହେବାର କୌଣସି ବିପଦ ନାହିଁ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହାର ଚାର୍ଜସିଟ୍‌ରେ ଅଭିଯୋଗ କରିଛି ଯେ ଚୋକସି କେବଳ ମୋଟ ଠକେଇର ୬,୪୦୦ କୋଟି ଟଙ୍କା ଆତ୍ମସାତ କରିଛନ୍ତି।

### ଷ୍ଟୋନେଲାମ୍ ଡିଜାଇନ୍ କାର୍ନିଭାଲ୍ ଏବଂ ବିଲ୍ଡ ଏକ୍ସପୋ ୨୦୨୫

**ଭୁବନେଶ୍ୱର, ୨୦।୧୧ (ସମିସ):** ୧୮ ନଭେମ୍ବର ୨୦୨୫: ପ୍ରାକୃତିକ ପୋର୍ସେଲିନ୍ ସ୍ଲାବ୍ ପୃଷ୍ଠ ପାଇଁ ଭାରତର ଅଗ୍ରଣୀ ବ୍ରାଣ୍ଡ ଷ୍ଟୋନେଲାମ୍, ୧୪ରୁ ୧୬ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱରର ହୋଟେଲ କ୍ରିଷ୍ଟାଲ୍ କ୍ରାଉନ୍ ରେ ଆଇଆଇଏ ଓଡ଼ିଶା ଚାପ୍ଟର ଦ୍ୱାରା ଆୟୋଜିତ ଡିଜାଇନ୍ କାର୍ନିଭାଲ୍ ଏବଂ ବିଲ୍ଡ ଏକ୍ସପୋ ୨୦୨୫ରେ ଅଂଶଗ୍ରହଣ କରିଥିଲା। ଏଆଇ- ସ୍ଥାପତ୍ୟ ବୁଦ୍ଧିମତା: ଯେଉଁଠାରେ ଡିଜାଇନ୍ ଡିଜିଟାଲ୍ ଜ୍ଞାନକୁ ଭେଟିଥାଏ; ଥିମ୍ ଆଧାରିତ ୩-ଦିନିଆ ଫୋରମ୍ କିପରି କୃତ୍ରିମ ବୁଦ୍ଧିମତା, ସ୍ଥାୟୀତ୍ୱ ଏବଂ ଡିଜିଟାଲ୍ ନବସୃଜନ ନିର୍ମାଣ ପରିବେଶକୁ ପୁନଃଆକୃତି ଦେଉଛି ତାହା ଅନୁସନ୍ଧାନ କରିଥିଲା। ଏହି କାର୍ଯ୍ୟକ୍ରମ ବୁଦ୍ଧିମାନ ସାମଗ୍ରୀ ଡିଜାଇନ୍ ଏବଂ ନିର୍ମାଣର ଭବିଷ୍ୟତ ବିଷୟରେ ଆଲୋଚନା କରିବା ପାଇଁ ପ୍ରମୁଖ ସ୍ଥପତି, ଡିଜାଇନର୍ ଏବଂ ଶିଳ୍ପ ଦୂରଦର୍ଶୀମାନଙ୍କୁ ଏକତ୍ରିତ କରିଥିଲା। ଏକ୍ସପୋରେ, ଷ୍ଟୋନେଲାମ୍ ଏହାର ନୂତନତମ ବୃହତ-ଫର୍ମ, ଉଚ୍ଚ-କାରଣ ପୋର୍ସେଲିନ୍ ସ୍ଲାବ୍ ସଂଗ୍ରହ ପ୍ରଦର୍ଶନ କରିଥିଲା, ଯାହା ସେମାନଙ୍କର ନିର୍ବିଘ୍ନ ସୌନ୍ଦର୍ଯ୍ୟ, ପ୍ରାକୃତିକ ଗଠନ ଏବଂ ସର୍ବନିମ୍ନ ପରିବେଶଗତ ପଦଚିହ୍ନ ପାଇଁ ପାଳିତ ହୋଇଥିଲା।

## ପଞ୍ଚମ ଅଡିଟ୍ ସପ୍ତାହ-୨୦୨୫ ଉଦ୍‌ଘାଟିତ




**ଭୁବନେଶ୍ୱର,୨୦।୧୧(ସମିସ):** ଅଡିଟ ସପ୍ତାହ ପାଳନ ଅବସରରେ ଅଡିଟ ସଚେତନତା ପାଇଁ ରାଜ୍ୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଏଜି ଅଫିସ ପକ୍ଷରୁ ସ୍ଥାନୀୟ ମହାଲେଖାକାର (ଏଜି) ଆନୁକୂଲ୍ୟରେ ଗୁରୁବାର ଗୀତ ଗୋବିନ୍ଦ ସଦନରେ ପଞ୍ଚମ ଅଡିଟ ସପ୍ତାହ-୨୦୨୫ର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଯାଇଛି। ପ୍ରଧାନ ମହାଲେଖାକାର ଡି. ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ପ୍ରଧାନ ମହାଲେଖାକାର ସୁବୁ. ଆର୍, ପୂର୍ବତଟ ରେଳବାଇର ପ୍ରମୁଖ ନିର୍ଦ୍ଦେଶକ ଅନୁପ ଫ୍ରାନ୍‌ସିସ୍ ଡୁଙ୍ଗଡୁଙ୍ଗ ଓ ମହାଲେଖାକାର (ଅଡିଟ-୨) ଅତୁଲ ପ୍ରକାଶ ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। ଉପମହାଲେଖାକାର ବାନ୍‌ଥୋ ରାକେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଅଡିଟ ଓ ଆକାଉଣ୍ଟସ ବିଭାଗର କର୍ମଚାରୀମାନେ ଭାଗ ନେଇଥିଲେ। ଏହି ଅବସରରେ ଅଡିଟ-୨ କାର୍ଯ୍ୟାଳୟ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା।

## ଜାପାନରେ ବଢ଼ିଲା ସୁଧ ହାର

**ଭାଙ୍ଗିଲା ୩୦ ବର୍ଷର ରେକର୍ଡ**

**ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):** ଜାପାନ ପ୍ରାୟ ୩୦ ବର୍ଷ ପରେ ସୁଧହାର ବଢାଇ ସାରା ବିଶ୍ୱକୁ ଚମକାଇ ଦେଇଛି। ଦେଶର ଋଣଭାର ବଢି ୨.୮% ହୋଇଯାଇଛି। ଏଣୁ ଦୀର୍ଘ ଦଶନ୍ଧୀରୁ ନିବେଶକଙ୍କୁ ଲାଭ ଦେଇ ଆସୁଥିବା 'ୟେନ କ୍ୟାରି ଟ୍ରେଡ୍'ଏବେ ସଙ୍କଟରେ ପଡିଯାଇଛି। ଇନଭେଷ୍ଟମେଣ୍ଟ ବ୍ୟାଙ୍କର ସାର୍ଥକ ଆହୁଜା ଏହାକୁ ବଡ଼ ଧରଣର 'ବିପର୍ଯ୍ୟୟ' ବୋଲି କହିଛନ୍ତି। ପୂର୍ବରୁ ଜାପାନର ସୁଧହାର ୦% ରହୁଥିଲା। ଏଣୁ ବଡ଼ ବଡ଼ ସଂସ୍ଥା ଶସ୍ତା ୟେନ ଋଣ ନେଇ ଆମେରିକା ଓ ଭାରତ ଭଳି ବଜାରରୁ ୪-୮% ପର୍ଯ୍ୟନ୍ତ ରିଟର୍ଣ୍ଣ ପାଇ ପାରୁଥିଲେ। ଏଥିରେ ସୁଧହାର ଲାଗିବା ଏବେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଯଦି ସୁଧହାର ୩% ପାର କରେ ତେବେ ଜାପାନର ଋଣ (ଜିଡିପିର ୨.୫ଗୁଣା)କୁ ସମ୍ଭାଳିବା କଷ୍ଟକର ହୋଇ ପଡିବ। ଏଣୁ ସଂଶୋଧନରେ ବିଚଳିତ ନିବେଶକ ଏବେ ସେମାନଙ୍କ ଆସେଟ୍ ବିକ୍ରି କରି ଜାପାନର ଋଣ ସୁଝିବାକୁ ଉଦ୍ୟମ କରିପାରନ୍ତି, ଯାହାର ପ୍ରଭାବ ବୈଶ୍ୱିକ ସେୟାର ମାର୍କେଟରେ ଦେଖା ଯାଇ ପାରେ। ୨୫ ବର୍ଷରେ ପ୍ରଥମ ଥର ଜାପାନରେ ମୁଦ୍ରାସ୍ଫିତି ୨.୫% ଉପରକୁ ପହଞ୍ଚିଛି। ତେବେ ବାସ୍ତବ ସୁଧରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ମୂଲ୍ୟକୁ ନିୟନ୍ତ୍ରିତ ରଖିବାକୁ ବ୍ୟାଙ୍କ ଅଫ ଜାପାନ ସୁଧହାର ବଢାଇବାକୁ ଏବେ ବାଧ୍ୟ। ଗତ ଅଗଷ୍ଟରେ ଜାପାନ ସୁଧହାରରେ ୦.୨୫% ବୃଦ୍ଧି କରିଥିଲା। ଏଣୁ ନିକେଇରେ ୧୨% ପର୍ଯ୍ୟନ୍ତ ହ୍ରାସ ଦେଖା ଯାଇଥିଲା। ତେବେ ଜାପାନ ସୁଧହାର ବୃଦ୍ଧି କରିବା ଭାରତକୁ ମଧ୍ୟ ପ୍ରଭାବିତ କରିବ। ଭାରତରେ ଶସ୍ତା ପୁଞ୍ଜି ଉପଲବ୍ଧତା ହ୍ରାସ ହେବ। ଜାପାନୀ ନିବେଶକ ସେମାନଙ୍କ ନିବେଶକୁ ଜାପାନ ଫେରସ୍ତ ନେଇ ଯାଇ ପାରନ୍ତି।

# ଏଆଇ ମୋ ଚାକିରି ମଧ୍ୟ ଛଡାଇନେବ: ସୁନ୍ଦର ପିଚାଇ

**ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି):** ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି (ଏଆଇ) ଯୋଗୁ ଚାକିରି ପ୍ରତି ବଢୁଥିବା ବିପଦକୁ ନେଇ ସମସ୍ତଙ୍କ ମନରେ ଭୟର ଆଶଙ୍କା ରହିଛି। ଅନେକ କ୍ଷେତ୍ରରେ ଏଆଇ ଏପରେ ମଣିଷର ସ୍ଥାନ ନେବା ଆରମ୍ଭ କଲାଣି। ଏହାମଧ୍ୟରେ ଗୁଗଲ ସିଇଓ ସୁନ୍ଦର ପିଚାଇ କୌତୁହଳରେ କହିଛନ୍ତି ଯେ ଏଆଇ ଏତେ ଆଗକୁ ବଢୁଛି ଯେ



ଦିନେ ସିଇଓ ଚାକିରି ମଧ୍ୟ ମେସିନ କରିପାରିବ। ସୁନ୍ଦର ପିଚାଇଙ୍କ ମତରେ ଏଆଇ କେବଳ ଛୋଟ-ମୋଟ କାମ କରିବ ନାହିଁ, ବରଂ ଆଗାମୀ ସମୟରେ କମ୍ପାନୀଗୁଡ଼ିକ ପାଇଁ ବଡ଼ ନିଷ୍ପତ୍ତି ମଧ୍ୟ ନେଇପାରେ। ସେ କହିଛନ୍ତି ଯେ କିଛି କାମ ଏପରି ହୋଇଥାଏ, ଯାହା ନିୟମରେ ଚାଲିଥାଏ, ଯେପରିକି ରିପୋର୍ଟ ପଢିବା, ଡାଟା ବୁଝିବା, ପ୍ଲାନ କରିବା ଓ ନିଷ୍ପତ୍ତି ନେବା। ଏହି ସବୁ କାମ ଏଆଇ ପୂର୍ବରୁ ହିଁ ଭଲ ଭାବେ କରିପାରେ। ପିଚାଇଙ୍କ ମତରେ ଏଆଇ ଏବେ ଏତେ ବୁଦ୍ଧିମାନ ହୋଇସାରିଛି ଯେ ସେ ବଡ଼ ବଡ଼ ନିଷ୍ପତ୍ତି ବୁଝି ବିଚାରି ନେଇପାରିବ। ସେ କହିଛନ୍ତି ଯେ ଆଗାମୀ ୧୨ ମାସରେ ଏଆଇ ଏତେ ବିକଶିତ ହୋଇଯିବ ଯେ ସେ ମଣିଷଙ୍କ ପାଇଁ ଅନେକ ଜଟିଳ କାମ ନିଜେ କରିପାରିବ। ଅର୍ଥାତ୍ ଆପଣଙ୍କୁ କେବଳ କହିବାକୁ ହେବ ଓ ଏଆଇ ଆପଣଙ୍କ ପାଇଁ ପୂରା ଟାସ୍କ କରିଦେବ। ଆଗାମୀ ଏକ ବର୍ଷରେ ଏଆଇ 'ଏଜେଣ୍ଟ' ପାଲଟି ଯିବେ।

**ଚାପ ପକାଇବାରେ ସଫଳ ହେଉଛନ୍ତି ଟ୍ରମ୍ପ୍**

## ଋଷରୁ ତୈଳ ଆମଦାନୀ ୬୬% କମିଲା

**ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):** ଋଷକୁ ଆର୍ଥିକ ସ୍ତରରେ ଦୁର୍ବଳ କରିବା ପାଇଁ ଆମେରିକା ମସ୍କୋ ଠାରୁ ତେଲ କିଣୁଥିବା ସମସ୍ତ ଦେଶ ଉପରେ ଶୁଳ୍କ ଲଗାଇଛି। ଯେଉଁଥିରେ ଭାରତ ବି ରହିଛି। ଭାରତ ଉପରେ କେବଳ ଏଥିପାଇଁ ଅତିରିକ୍ତ ୨୫% ମୋଟ ୫୦% ଶୁଳ୍କ ଲଗାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆଗକୁ ପୁଣି ୫୦୦% ଶୁଳ୍କ ଲଗାଇବାକୁ ଯୋଜନା ଚାଲିଛି। ଏ ନେଇ ଆମେରିକା ସିନେଟରେ ପ୍ରସ୍ତାବ ମଧ୍ୟ ଆଗତ ହୋଇସାରିଛି।

**ପୁଣି ୫୦୦% ଶୁଳ୍କ ଲଗାଇବାକୁ ସିନେଟରେ ପ୍ରସ୍ତାବ ଆଗତ**

ତେବେ ଭାରତ ଉପରେ ହାକିମାତି ଜାହିର କରିବାରେ ସଫଳ ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। କାରଣ ଭାରତ ବର୍ତ୍ତମାନ ବିକଶିତ ସ୍ତରରେ ରହିଛି। ତେଣୁ ଆମେରିକା ସହିତ ପଙ୍ଗା ନେବା ମହଙ୍ଗା ପଡ଼ିପାରେ। ଏଥିପାଇଁ ରଣନୈତିକ ସ୍ତରରେ ଭାରତ ଋଷ ଠାରୁ ତେଲ କିଣିବା କମାଇ ଦେଇଛି। ସଦ୍ୟ ତଥ୍ୟାନୁସାରେ, ନଭେମ୍ବରରେ ଋଷରୁ ଆସୁଥିବା ଅଶୋଧିତ ତୈଳର ପରିବହନରେ ୬୬% ହ୍ରାସ ଘଟିଛି। ଆମେରିକା ଋଷର ଦୁଇଟି ବଡ଼ ତୈଳ କମ୍ପାନୀ ରୋସନେଫ୍ଟ ଏବଂ ଲୁକୋଏଲ ଉପରେ କଟକଣା ଲଗାଇଛି। ଯାହା ନଭେମ୍ବର ୨୧ ତାରିଖରେ ଲାଗୁ ହେବ। ଏଥିପ୍ରତି ଭାରତରେ ରିଫାଇନାରୀମାନେ ସତର୍କତା ଅବଲମ୍ବନ କରି ତୈଳ ଆମଦାନୀ କମାଇ ଦେଇଛନ୍ତି। ଫଳରେ ଟ୍ରମ୍ପ ତାଙ୍କ ଚାଲ୍‌ରେ ସଫଳ ହେଉଥିବା ଦେଖାଯାଉଛି। ବିଶ୍ୱସ୍ତରୀୟ ରିଅଲ୍-ଟାଇମ୍ ଡାଟା ଏବଂ ବିଶ୍ଳେଷଣ ତଥ୍ୟ ପ୍ରଦାନକାରୀ ସଂସ୍ଥା କେପ୍‌ଲର ଅନୁଯାୟୀ, ନଭେମ୍ବର ୧-୧୭ ମଧ୍ୟରେ ଭାରତ ରୁଷ ଠାରୁ ହାରାହାରି ପ୍ରତିଦିନ ୬୭୨,୦୦୦ ବ୍ୟାରେଲ (ବିପିଡି) ଅଶୋଧିତ ତୈଳ ଆମଦାନୀ କରିଥିଲା। ଏହା ଅକ୍ଟୋବରର ୧.୮୮ ନିୟୁତ ବିପିଡି ତୁଳନାରେ ବହୁତ କମ। ରିପୋର୍ଟ ଅନୁଯାୟୀ, ନଭେମ୍ବରରେ ସମସ୍ତ ପାର୍ଟନର୍ ଦେଶଗୁଡ଼ିକୁ ରୁଷର ସାମଗ୍ରିକ ତୈଳ ଯୋଗାଣ ୨୮% ହ୍ରାସ ପାଇ ୨.୭୮ ନିୟୁତ ବିପିଡି ହୋଇଛି।

# ଅନ୍‌ଲାଇନ୍ ଶପିଙ୍ଗରେ ବନ୍ଦ ହେବ 'ଡାର୍କ ପାଟର୍ନ' ବ୍ୟବହାର

**ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):** ଦେଶର ୨୪ଟି ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ଘୋଷଣା କରିଛନ୍ତି ଯେ ସେମାନେ ସେମାନଙ୍କର ଆପ୍ ଏବଂ ୱେବସାଇଟରେ ଡାର୍କ ପାଟର୍ନ ବ୍ୟବହାର ବନ୍ଦ କରିଦେବେ। ଆଭ୍ୟନ୍ତରୀଣ କିମ୍ବା ତୃତୀୟ-ପକ୍ଷ ଅଡିଟ୍ ପରେ ଏହି କମ୍ପାନୀଗୁଡ଼ିକ କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ) ନିକଟରେ ଏକ ସ୍ୱ-ଘୋଷଣା ପତ୍ର ଦାଖଲ କରିଛନ୍ତି। ଏଥିରେ ଫ୍ଲିପ୍‌କାର୍ଟ, ମିନ୍ତ୍ରା, ଜୋମାଟୋ, ଏବଂ ସ୍ୱିଗି ଭଳି ପ୍ଲାଟଫର୍ମ ରହିଛି। ଏହି କମ୍ପାନୀଗୁଡ଼ିକ କିରାଣା, ଖାଦ୍ୟ ବିତରଣ, ଫାର୍ମାସୀ, ଫ୍ୟାଶନ୍ ଏବଂ ଟ୍ରାଭେଲ୍ କ୍ଷେତ୍ରରେ କାର୍ଯ୍ୟରତ। ଗ୍ରାହକମାନଙ୍କୁ ଯାଞ୍ଚ କରିବା ପାଇଁ କମ୍ପାନୀଗୁଡ଼ିକ ଏହି ଘୋଷଣାଗୁଡ଼ିକୁ ସେମାନଙ୍କର ୱେବସାଇଟରେ ଅପଲୋଡ୍ ମଧ୍ୟ କରିଛନ୍ତି। ଗ୍ରାହକ ବ୍ୟାପାର ବିଭାଗ ଏହାକୁ ଡିଜିଟାଲ୍ ଗ୍ରାହକ ସୁରକ୍ଷା ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି କହିଛି, ଯାହା ଅନ୍ୟ କମ୍ପାନୀଗୁଡ଼ିକୁ ଆତ୍ମ-ନିୟନ୍ତ୍ରଣ ଗ୍ରହଣ କରିବାକୁ ଉତ୍ସାହିତ କରିବ।

**ଡାର୍କ ପାଟର୍ନ କ'ଣ ?**

ଡାର୍କ ପାଟର୍ନଗୁଡ଼ିକ ହେଉଛି ଏପରି କୌଶଳ ଯାହା ଅନଲାଇନ୍ ସପିଂ କରିବା ସମୟରେ ବ୍ୟବହାରକାରୀଙ୍କୁ ଭ୍ରମିତ କରିଥାଏ। ଏଥିରେ ଏକ ମିଥ୍ୟା ଜରୁରି

- ସିସିପିଏ ନିକଟରେ କମ୍ପାନୀଙ୍କ ଘୋଷଣାନାମା ଦାଖଲ
- ଡାର୍କ ପାଟର୍ନରେ ଅନ୍‌ଲାଇନ୍ ଶପିଙ୍ଗରେ ବ୍ୟବହାରକାରୀଙ୍କୁ ଭ୍ରମିତ କରାଯାଏ
- ଡାର୍କ ପାଟର୍ନ ଅଭ୍ୟାସ ନ କରିବାକୁ ସ୍ୱେଚ୍ଛାକୃତ ପ୍ରତିଶ୍ରୁତି ଦେଲେ କମ୍ପାନୀ

ବାର୍ତ୍ତା ସୃଷ୍ଟି କରାଯାଏ। ଯେପରିକି 'ଏବେ କିଣନ୍ତୁ ନଚେତ୍ ଆମର ଷ୍ଟକ୍ ଶେଷ ହୋଇଯିବ'। ଏହାଛଡା ଗୋପନରେ କାର୍ଟରେ ଅତିରିକ୍ତ ଜିନିଷ ଯୋଡ଼ିଦେବା ଭଳି କାର୍ଯ୍ୟ ଅନ୍ତର୍ଭୁକ୍ତ। ୨୦୨୩ ମସିହାରେ ଅଧିସୂଚିତ ହୋଇଥିବା ଡାର୍କ ପାଟର୍ନର ନିବାରଣ ଏବଂ ନିୟନ୍ତ୍ରଣ ପାଇଁ ନିର୍ଦ୍ଦେଶାବଳୀ ୧୩ଟି ଏପରି ପ୍ୟାଟର୍ଣ୍ଣକୁ ନିଷିଦ୍ଧ କରିଛି। ଏଥିରେ ମିଥ୍ୟା ଏମର୍ଜେନ୍ସି, ବାସ୍କେଟ ସ୍ନିକିଂ, କନଫର୍ମେଶନ୍ ସେମିଂ, ବାଧ୍ୟତାମୂଳକ କାର୍ଯ୍ୟାନୁଷ୍ଠାନ, ସବସ୍କ୍ରିପସନ୍ ଟ୍ରାପ୍, ଇଣ୍ଟରଫେସ୍ ହସ୍ତକ୍ଷେପ, ବାଇଟ୍ ଏବଂ ସ୍ୱିଚ୍, ଡ୍ରିପ୍ ମୂଲ୍ୟ ନିର୍ଦ୍ଧାରଣ, ଗୁପ୍ତ ବିଜ୍ଞାପନ, ନେଗିଂ, ଟ୍ରିକ୍ ୱାର୍ଡିଂ, ସାସ୍ ବିଲିଂ ଏବଂ ରଗ୍ ମାଲୱେର୍ ଅନ୍ତର୍ଭୁକ୍ତ।




ଏହି କୌଶଳଗୁଡ଼ିକ ଗ୍ରାହକମାନଙ୍କୁ ଅନାବଶ୍ୟକ ଉତ୍ପାଦ କ୍ରୟ କରିବାକୁ କିମ୍ବା ସବସ୍କ୍ରିପସନ୍ ସବସ୍କ୍ରାଇବ କରିବାକୁ ପ୍ରତାରଣା କରିବା ପାଇଁ ବ୍ୟବହାର କରାଯାଏ। ଡିଜିଟାଲ୍ ବଜାରରେ ସ୍ୱଚ୍ଛତା ଆଣିବା ପାଇଁ ଗ୍ରାହକ ସୁରକ୍ଷା ଆଇନ ୨୦୧୯ ଅଧୀନରେ ଏହି ନିର୍ଦ୍ଦେଶାବଳୀ ୨୦୨୩ ନଭେମ୍ବର ୩୦ରେ କାର୍ଯ୍ୟକାରୀ ହୋଇଥିଲା।

ଗ୍ରାହକ ବ୍ୟାପାର ବିଭାଗ ଚଳିତବର୍ଷ ଜୁନ୍‌ରେ ଏକ ପରାମର୍ଶ ଜାରି କରିଥିଲା, ଯେଉଁଥିରେ ଇ-କମର୍ସ କମ୍ପାନୀଗୁଡ଼ିକୁ ଏକ ଆତ୍ମ-ସମୀକ୍ଷା କରିବାକୁ ଏବଂ ତିନି ମାସ ମଧ୍ୟରେ ଏକ ଘୋଷଣାପତ୍ର ଦାଖଲ କରିବାକୁ ବାଧ୍ୟ କରାଯାଇଥିଲା। ଗ୍ରାହକମାନଙ୍କୁ ଡାର୍କ ପାଟର୍ନ ଚିହ୍ନଟ କରିବାରେ ଏବଂ ଅଭିଯୋଗ ଦାଖଲ କରିବାରେ ସାହାଯ୍ୟ କରିବା ପାଇଁ ଜାତୀୟ ଗ୍ରାହକ ହେଲ୍ପଲାଇନ୍ ମାଧ୍ୟମରେ ସୋସିଆଲ ମିଡିଆ ଅଭିଯାନ, ସୂଚନାମୂଳକ ଭିଡିଓ ଏବଂ କର୍ମଶାଳା କରାଯାଇଥିଲା।

ସିସିପିଏ ଏହାକୁ ଏକ ଉଦାହରଣ ଭାବରେ ଉଲ୍ଲେଖ କରିଛି ଏବଂ ଅନ୍ୟ ଡିଜିଟାଲ୍ କମ୍ପାନୀମାନଙ୍କୁ ଏହାକୁ ଅନୁସରଣ କରିବାକୁ ଅନୁରୋଧ କରିଛି। ଯଦି କୌଣସି କମ୍ପାନୀ ସମୟସୀମା ହରାଏ, ତେବେ ନିୟାମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି। ବର୍ତ୍ତମାନ, କମ୍ପାନୀଗୁଡ଼ିକ ସ୍ୱେଚ୍ଛାକୃତ ଭାବରେ ଡାର୍କ ପ୍ୟାଟର୍ନ ଅଭ୍ୟାସ ନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି, କିନ୍ତୁ ସରକାର ଭବିଷ୍ୟତରେ ଏହାକୁ କଡ଼ାକଡ଼ି ଲାଗୁ କରିପାରନ୍ତି। ଏହା ନିଶ୍ଚିତ କରିବ ଯେ ଗ୍ରାହକମାନେ ସଫିଂ ଆପ୍ ବ୍ୟବହାର କରିବା ସମୟରେ କମ୍ ଠକେଇର ସମ୍ମୁଖୀନ ହେବେ, ଯାହା ଏକ ନିରାପଦ ଏବଂ ସ୍ୱଚ୍ଛ ଅଭିଜ୍ଞତା ଆଣିବ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୯୦୬-ଚୀନ୍ ଅଫିମ ବ୍ୟବସାୟ ଉପରେ ରୋକ୍ ଲଗାଗଲା।
- ୧୯୪୭-ସ୍ୱାଧୀନତା ପରେ ଦେଶରେ ପ୍ରଥମ ଥର ଡାକଟିକଟ ଜାରି କରାଗଲା।
- ୧୯୭୦- ଭାରତର ପ୍ରସିଦ୍ଧ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦେହାନ୍ତ।
- ୧୯୯୯- ଚୀନ୍ ପ୍ରଥମ ମାନବ ରହିତ ମହାକାଶଯାନ 'ଶେନ୍‌ଝୁ'କୁ ପ୍ରକ୍ଷେପଣ କଲା।



# ବିଶ୍ୱ ଟେଲିଭିଜନ ଦିବସ

ଆଜି ବିଶ୍ୱ ଟେଲିଭିଜନ ଦିବସ। କଳାଧଳା ଯୁଗରୁ ଆରମ୍ଭ ହୋଇଥିବା ଟେଲିଭିଜନ ଏବେ ସ୍ମାର୍ଟ ଟିଭିରେ ପହଞ୍ଚିଲାଣି। ମନୋରଞ୍ଜନର ଏକ ପ୍ରମୁଖ ଅଂଶ ଟେଲିଭିଜନର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ପ୍ରତିବର୍ଷ ନଭେମ୍ବର ୨୧ ତାରିଖକୁ ବିଶ୍ୱ ଟେଲିଭିଜନ ଦିବସ ଭାବେ ପାଳନ କରାଯାଏ। ୧୯୯୬ ମସିହା ନଭେମ୍ବର ୨୧ ଓ ୨୨ ତାରିଖ ଦିନ, ବିଶ୍ୱର ପ୍ରଥମ ଟେଲିଭିଜନ ଫୋରମ୍ ଆୟୋଜନ କରାଯାଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ସେହି ବର୍ଷ ଡିସେମ୍ବର ୧୭ ତାରିଖରେ, ୨୧ ନଭେମ୍ବରକୁ ବିଶ୍ୱ ଟେଲିଭିଜନ ଦିବସ ଭାବେ ପାଳନ ପାଇଁ ଘୋଷଣା କରିଥିଲା। ଜାତିସଂଘ ଏହାର ସଦସ୍ୟ ରାଷ୍ଟ୍ରଙ୍କୁ ଆମନ୍ତ୍ରଣ କରି ବିଶ୍ୱର ସବୁଦେଶ ମଧ୍ୟରେ ଟେଲିଭିଜନ କାର୍ଯ୍ୟକ୍ରମର ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ସହ ଏହା ମାଧ୍ୟମରେ କିପରି ବିଶ୍ୱର ଅର୍ଥନୀତି, ସୁରକ୍ଷା, ସାମାଜିକ ବିକାଶ,ଶାନ୍ତି ଓ ସାଂସ୍କୃତିକ ପରିବର୍ତ୍ତନକୁ ଆଗକୁ ନେଇହେବ, ତା'ଉପରେ ଗୁରୁତ୍ୱାରୋପ କରିଥିଲା। ସେବେଠାରୁ ବିଶ୍ୱ ଟେଲିଭିଜନ ଦିବସ ଅବସରରେ ଏହି ସବୁ ଲକ୍ଷ୍ୟ ପୂରଣ ନିମନ୍ତେ ଟେଲିଭିଜନ କେତେ ସକ୍ଷମ ହୋଇ ପାରିଛି, ତା'ର ସମୀକ୍ଷା କରାଯାଏ। ଟେଲିଭିଜନ ରେଡିଓର ଏକ ବିକଶିତ ରୂପ କହିଲେ କିଛି ଭୁଲ୍ ହେବ ନାହିଁ। ଭାରତରେ ପ୍ରଥମେ ଦୂରଦର୍ଶନ ଆକାଶବାଣୀ ସହିତ ସଂଲଗ୍ନ ଥିଲା, ଅବଶ୍ୟ ପରେ ଏହା ଅଲଗା ହୋଇଯାଇଥିଲା। ଟେଲିଭିଜନ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ବିଶ୍ୱରେ ଯେଉଁ ସମସ୍ୟା ଲୋକମାନଙ୍କୁ ବେଶି ପ୍ରଭାବିତ କରୁଛି, ତାହାକୁ ଟେଲିଭିଜନ ଦ୍ୱାରା କିପରି ଦୂର କରାଯାଇପାରିବ, ତାହା ଏହି ଦିବସର ଲକ୍ଷ୍ୟ ଭାବେ ଗ୍ରହଣ କରାଯାଇଛି। ଟେଲିଭିଜନ ଏକ ଗଣମାଧ୍ୟମ, ଯାହା ମନୋରଞ୍ଜନ, ଶିକ୍ଷା, ରାଜନୀତି, ସ୍ୱାସ୍ଥ୍ୟ, ଦେଶ ବିଦେଶର ଘଟଣାବଳୀ ବିଷୟରେ ଲୋକଙ୍କୁ ଅବଗତ କରାଇଥାଏ। ୧୯୨୪ ମସିହାରେ ଜନ୍ ଲୋଜି ବଏର୍ଡ଼ ଟେଲିଭିଜନର ଉଦ୍ଭାବନ କରିଥିଲେ। ତାପରେ ଏହାର ବହୁ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଆମ ଦେଶରେ ଟେଲିଭିଜନ ବା ଟିଭି ଏକ ଉପକରଣ ନୁହେଁ, ମନୋରଞ୍ଜନର ଏକ ବଳିଷ୍ଠ ମାଧ୍ୟମ। ଯେତେବେଳେ ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟବସ୍ଥା ନ ଥିଲା, ଯାହା ଘରକୁ ଟିଭି ଆସୁଥିଲା, କେବଳ ପାଖ ପଡ଼ୋଶୀ ନୁହଁନ୍ତି, ଆଖପାଖ ଅଞ୍ଚଳରେ ଲୋକେ ଦେଖିବା ପାଇଁ ପହଞ୍ଚୁଥିଲେ। ଏବେ କିନ୍ତୁ ଘରେ ଘରେ ଟିଭି। ସ୍ମାର୍ଟଫୋନ୍‌ର ଅଭିବୃଦ୍ଧି ଏବେ ଟେଲିଭିଜନର ଲୋକପ୍ରିୟତାକୁ କିଛି ମାତ୍ରାରେ ହ୍ରାସ କରିଛି। ବ୍ୟସ୍ତବହୁଳ ଜୀବନ ଭିତରେ ଲୋକେ ଟିଭି ସାମନାରେ ବସିବାର ସମୟ ପାଉନାହାନ୍ତି। ଏପରିସ୍ଥିତିରେ ଟିଭି ଯୁଗ ଖୁବଶୀଘ୍ର ଶେଷ ହୋଇଯିବ ବୋଲି ଗବେଷକମାନେ ମତ ଦେଇଛନ୍ତି। ଅନ୍ୟପଟେ କରୋନା ସଂକ୍ରମଣ ଏବଂ ଲକ୍‌ଡାଉନ୍‌ରେ ଟିଭି ଦର୍ଶକଙ୍କ ସଂଖ୍ୟା ବଢିଥିବା ଏକ ରିପୋର୍ଟରୁ ଜଣାପଡିଛି। ଆଜି ବି ସାମାଜିକ ଗଣମାଧ୍ୟମର ଭିଡ଼ ମଧ୍ୟରେ ବି ଟିଭି ତାର ଲୋକପ୍ରିୟତା ହରାଇ ନାହିଁ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ଟେଲିଭିଜନର ବିକାଶ ଯାତ୍ରା ଓ ଡିଜାଟାଲ ଯୁଗରେ ଏହାର ଭବିଷ୍ୟତକୁ ନେଇ କର୍ମଶାଳା ଆୟୋଜନ କରାଯାଏ।



# କାନ୍ଥରେ ଚାଷ

କୃଷି କ୍ଷେତ୍ରରେ ଉନ୍ନତମାନର ଶସ୍ୟ ଉତ୍ପାଦନ ପାଇଁ ଆଧୁନିକ ଶୈଳୀ ସବୁ ଆପଣାଯାଉଛି। ଏହାଦ୍ୱାରା ଅମଳ ଭଲ ହେବା ସହ ଚାଷକାର୍ଯ୍ୟ ସହଜ ହୋଇପାରୁଛି। ଏହି କ୍ରମରେ ଏପରି ଏକ ଦେଶ ରହିଛି, ଯେଉଁଠି ଲୋକେ ଜମି ବଦଳରେ କାନ୍ଥରେ ଚାଷ କରନ୍ତି। ତେବେ ଇସ୍ରାଏଲ୍‌ରେ ଏହି ନିଆରା ଶୈଳୀରେ ଚାଷକାର୍ଯ୍ୟ କରାଯାଉଛି। ଏଠାରେ ଧାନ, ଗହମ ଓ ପନିପରିବା ମଧ୍ୟ ଏହି ପ୍ରକ୍ରିୟାରେ ଚାଷ କରାଯାଉଛି। ଏହି ନିଆରା ଚାଷ ପ୍ରଣାଳୀକୁ ଭର୍ଟିକାଲ ଫାର୍ମି ଅର୍ଥାତ୍ କାନ୍ଥରେ ଚାଷ କରିବା କୁହାଯାଏ। ଏହି ପଦ୍ଧତିରେ ଗଛଗୁଡ଼ିକୁ ଫୁଲକୁଣ୍ଡରେ ଛୋଟ ୟୁନିଟ୍‌ରେ ଲଗାଯାଏ। ଏହାପରେ ଗଛଗୁଡ଼ିକୁ କାନ୍ଥରେ ସେଟ୍ କରାଯାଏ। କାନ୍ଥରୁ ଫୁଲକୁଣ୍ଡଗୁଡ଼ିକ ଯେମିତି ପଡ଼ି ନ ଯାଏ, ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥାଏ। ଅବଶ୍ୟ ଗଛକୁ ଯେମିତି ପାଣି ଓ ଉପଯୁକ୍ତ ପୋଷକତତ୍ତ୍ୱ ମିଳିପାରିବ ସେବ୍ୟବସ୍ଥା ମଧ୍ୟ କରାଯାଇଥାଏ। କିଛି ସମୟ ପାଇଁ ଗଛକୁ କାନ୍ଥରୁ ବାହାର କରାଯାଇଥାଏ ଏବଂ ପୁନର୍ବାର କାନ୍ଥରେ ରଖାଯାଏ। ଇସ୍ରାଏଲରେ ଚାଷଜମିର ଅଭାବ ଦେଖାଯାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲୋକେ ଭର୍ଟିକାଲ ଫାର୍ମି ସାହାଯ୍ୟ ନେଉଛନ୍ତି। ଇସ୍ରାଏଲ୍ ବ୍ୟତୀତ ଏହି ଚାଷ ପଦ୍ଧତି ଆମେରିକା, ଚୀନ୍ ଓ ଇଉରୋପରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏହିଭଳି ଉପାୟରେ ଚାଷ କରିବାର ସବୁଠୁ ବଡ଼ ଫାଏଦା ହେଉଛି କାନ୍ଥରେ ଗଛଲତା ରହିବା ଦ୍ୱାରା ଘରର ତାପମାତ୍ରା ବୃଦ୍ଧିପାଏ ନାହିଁ। ଏହାବାଦ୍ ଶବ୍ଦ ପ୍ରଦୂଷଣର ପ୍ରଭାବ ମଧ୍ୟ ହ୍ରାସ ପାଏ। ଏନେଇ ବିଶେଷଜ୍ଞଙ୍କ କହିବାନୁଯାୟୀ, ଆଗାମୀ ଦିନରେ ଚାଷଜମି ନ ଥିବା ଦେଶଗୁଡ଼ିକ ପାଇଁ ଏହା ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ।

# ଦୁଇଟି ପାର୍ଟରେ ଆସିବ 'ଧୁରନ୍ଧର'

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର' ଟ୍ରେଲର୍ ଇତିମଧ୍ୟରେ ରିଲିଜ୍ ହୋଇଛି। ଆଦିତ୍ୟ ଧର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ଟ୍ରେଲର୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ରଣବୀରଙ୍କର ଜବରଦସ୍ତ ଲୁକ୍ ଓ ଆକ୍ସନ୍ ଦର୍ଶକଙ୍କ ମନ ଜିଣିଛି। ଏହି ଫିଲ୍ମ ପାଇଁ ରଣବୀର ୩୦ରୁ ୪୦ କୋଟି ନେଇଥିବା ଚର୍ଚ୍ଚା ହେଉଛି। ଏଥିରେ ଲିଡ୍ ରୋଲରେ ରଣବୀର ସିଂହ, ସାରା ଅର୍ଜୁନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ, ଆର୍ ମାଧବନ୍ ଦେଖାଯିବେ। ଏହା ଡିସେମ୍ବର ୫ରେ ମୁକ୍ତିଲାଭ କରିବ। ଫିଲ୍ମର କାହାଣୀ ଏକ ସିକ୍ରେଟ୍ ମିଶନ ଉପରେ ଆଧାରିତ। ଧୂଆଁଧାର ଆକ୍ସନ, ଜବରଦସ୍ତ ସଂଳାପ ସହ ଦମ୍‌ଦାର୍ ସିନ୍ ଏଥିରେ ଦେଖିବାକୁ ମିଳିବ। ଏହା ଦୁଇଟି ପାର୍ଟରେ ରିଲିଜ୍ ହେବ ବୋଲି ଫିଲ୍ମ ନିର୍ମାତା କହିଛନ୍ତି। ପ୍ରଥମ ପାର୍ଟ ଡିସେମ୍ବର ୫ରେ ଆସିବ ଓ ଦ୍ୱିତୀୟ ପାର୍ଟ ଆସନ୍ତା ବର୍ଷ ଆସିବ। ପ୍ରଥମ ପାର୍ଟର ଶେଷରେ ଦ୍ୱିତୀୟ ପାର୍ଟ କଥା ଘୋଷଣା କରାଯାଇପାରେ ବୋଲି କୁହାଯାଉଛି।






## 'ସକାଳ'ର ସ୍ୱାସ୍ଥ୍ୟ

# ଆଲ୍ଫା-ଗାଲ୍-ସିଣ୍ଡ୍ରୋମ



**ଆଲ୍‌ଫା –ଗାଲ୍ ସିଣ୍ଡ୍ରୋମ ଏକ ବିରଳ ଆଲର୍ଜି, ଯାହାକି ଏକ ସ୍ୱତନ୍ତ୍ର ଟିଙ୍କ କାମୁଡ଼ିବା ଓ ରେଡମିଟ୍ ଖାଇବା ଯୋଗୁ ହୋଇଥାଏ। ୨୦୨୪ରେ ନ୍ୟୁ ଜର୍ସିର ଜଣେ ୪୭ ବର୍ଷୀୟ ବ୍ୟକ୍ତି ବର୍ଗର ଖାଇବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ନାନା ଗବେଷଣା ପରେ ତାଙ୍କ ମୃତ୍ୟୁର କାରଣ ରେଡ ମିଟ୍ ଆଲର୍ଜି ବୋଲି ଜଣାପଡ଼ିଛି। ଏହାକୁ ଆଲଫା-ଗାଲ୍ ସିଣ୍ଡ୍ରୋମ କୁହାଯାଏ। ତେବେ ଏହି ରୋଗର କାରଣ, ଲକ୍ଷଣ ଏବଂ ପ୍ରତିକାର କ'ଣ ଜାଣିବା।**

ଆଲ୍‌ଫା-ଗାଲ୍ ଏକ କାର୍ବୋହାଇଡ୍ରେଟ୍ ଅଣୁ। ଏହା ସ୍ତନ୍ୟପାୟୀ ପ୍ରାଣୀ (ମାନବ ବ୍ୟତୀତ) ଏବଂ ଏକ ଟିଙ୍କର ଲାଳରୁ ମିଳିଥାଏ। ଏହି ଟିଙ୍କ କାମୁଡିବା ଦ୍ୱାରା ଶରୀରରେ ଆଲର୍ଜି ସୃଷ୍ଟି ହୁଏ। ଏହାକୁ ଆଲଫା-ଗାଲ୍ ଆଲର୍ଜି କୁହାଯାଏ। ଏହା ଏକ ପ୍ରକାରର ଖାଦ୍ୟ ଆଲର୍ଜି। ମୁଖ୍ୟତଃ ରେଡ୍‌ମିଟ(ବିଫ୍, ପର୍କ, ମଟନ) ପ୍ରସ୍ତୁତ ଉତ୍ପାଦ ପ୍ରତି ଏହା ଅଧିକ ପ୍ରତିକ୍ରିୟା କରେ। ଆମେରିକାର ଦକ୍ଷିଣ ପୂର୍ବ ଏବଂ କେନ୍ଦ୍ରୀୟ ଅଞ୍ଚଳରେ ଅଧିକାଂଶ ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି। 'ଲୋନ ଷ୍ଟାର' ଟିଙ୍କ କାମୁଡିଲେ ଏହାର ଲାଳର ବିଷାକ୍ତ ମନୁଷ୍ୟ ଶରୀରକୁ ପ୍ରବେଶ କରି ରୋଗପ୍ରତିରୋଧକ ପ୍ରଣାଳୀକୁ ପ୍ରଭାବିତ କରେ। ସେହି ସମୟରେ ଜଣେ ଯଦି ରେଡମିଟ୍ ଖାଆନ୍ତି ଆଲର୍ଜି ପ୍ରତିକ୍ରିୟା ଅଧିକ ହୁଏ।

**ପ୍ରଭାବିତ ହୁଏ ପାଚନପ୍ରଣାଳୀ:** ଏହି ରୋଗରେ ପୀଡ଼ିତଙ୍କ ଶରୀରରେ କିଛି ଲକ୍ଷଣ ଯଥା- ଚର୍ମ ପରିବର୍ତ୍ତନ, ଲାଲ୍ ଲାଲ୍ ପଡ଼ିଯିବା, ଓଠ, ଆଖିପତା, ଗଳା, ଜିଭ କିମ୍ବା ମୁହଁ ଫୁଲିଯିବା, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ, ପେଟ ଯନ୍ତ୍ରଣା, ଝାଡ଼ା, ବାନ୍ତି ଏବଂ ମୁଣ୍ଡବୁଲାଇବା ଲକ୍ଷଣ ଆଦି ଦେଖାଯାଏ। ଏହି ଲକ୍ଷଣ ଦେଖି ଡାକ୍ତରଙ୍କ ପରାମର୍ଶ କ୍ରମେ ରକ୍ତପରୀକ୍ଷା କରାଯାଏ।

**ପ୍ରତିକାର:** ରୋଗୀର ଲକ୍ଷଣ ଆଧାରରେ ଡାକ୍ତର ଚିକିତ୍ସା କରନ୍ତି। ତେଣୁ ରୋଗୀ ରେଡ ମିଟ୍‌ଯୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଆଲର୍ଜି ଗମ୍ଭୀର ରୂପ ନେଲେ ଡାକ୍ତର ଆଣ୍ଟି ଆଲର୍ଜିକ ଔଷଧ ଉପଯୋଗ କରନ୍ତି। ଏଥିରୁ ବର୍ତ୍ତିବାକୁ ହେଲେ ଜଙ୍ଗଲ ଅଞ୍ଚଳକୁ ଯିବା ଅନୁଚିତ। ବାହାରକୁ ଯିବା ସମୟରେ ଚର୍ମକୁ ଘୋଡାଇ ରଖିବା ଭଲ। ଆଲର୍ଜି ସୃଷ୍ଟି ହେଉଥିବା ଖାଦ୍ୟ ଛାଡ଼ି ପାରିବେ। ଘରେ ଗୃହପାଳିତ ପ୍ରାଣୀ ଥିଲେ, ନିୟମିତ ବ୍ୟବଧାନରେ ତାଙ୍କ ଶରୀରରେ ଟିଙ୍କ ସଫା କରିବା ଆବଶ୍ୟକ।

# ମସ୍ତିଷ୍କ କର୍କଟ ପାଇଁ ଟିକା

ମସ୍ତିଷ୍କ କର୍କଟ ହେଉଛି ମସ୍ତିଷ୍କ ସମ୍ବନ୍ଧୀୟ ଏକ ରୋଗ। ଏହି କର୍କଟରେ ମସ୍ତିଷ୍କ ମଧ୍ୟରେ ଅସ୍ୱାଭାବିକ କୋଷ ବୃଦ୍ଧି ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କ କାର୍ଯ୍ୟକ୍ଷମତା ପ୍ରଭାବିତ ହୁଏ। ଏହାଦ୍ୱାରା ପ୍ରବଳ ମୁଣ୍ଡବିନ୍ଧା,ବାନ୍ତି, ଦୃଷ୍ଟିଶକ୍ତି ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଏହା ପକ୍ଷାଘାତର କାରଣ ସାଜିଥାଏ। ଏହି ରୋଗର ସଫଳ ଚିକିତ୍ସା ପାଇଁ ଶୀଘ୍ର ଚିହ୍ନଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡାକ୍ତର ରୋଗର ସ୍ଥିତି ଅନୁସାରେ ଚିକିତ୍ସା ଯୋଗାନ୍ତି। ଜାଣି ଖୁସି ହେବେ ଯେ, ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ମସ୍ତିଷ୍କ କର୍କଟ(ଗ୍ଲାଓବ୍ଲାଷ୍ଟମା) ଚିକିତ୍ସା ପାଇଁ ଏକ ନୂତନ ଏମ୍‌ଆର୍‌ଏନ୍‌ଏ ଟିକା ବିକଶିତ କରିଛନ୍ତି। ଟିକାର ପ୍ରାରମ୍ଭିକ ପରୀକ୍ଷାରୁ ଉତ୍ସାହଜନକ ପରିଣାମ ଦେଖିବାକୁ ମିଳିଥିଲା। ଟିକାଟି ରୋଗୀର ଟ୍ୟୁମର କୋଷିକାରୁ ମିଳିଥିବା ଏମ୍‌ଆରଏନ୍‌ଏକୁ ଉପଯୋଗ କରି ତିଆରି କରାଯାଇଛି। ଏହା ଶରୀରରେ ପ୍ରତିରକ୍ଷା ପ୍ରଣାଳୀକୁ କର୍କଟ କୋଷକୁ ଚିହ୍ନି ତାକୁ ନଷ୍ଟ କରିବାରେ ସାହାଯ୍ୟ କରିବାକୁ ପୁନଃକାର୍ଯ୍ୟକ୍ଷମ କରିଥାଏ। ପ୍ରଥମେ ମୂଷା ଏବଂ କୁକୁରଙ୍କ ଉପରେ ଏହାର ପରୀକ୍ଷା କରାଯାଇଥିଲା। ଏହି ଟିକାଟି ସେମାନଙ୍କ ମସ୍ତିଷ୍କର ଟ୍ୟୁମରକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲା। ନୂତନ କୋଷ ସୃଷ୍ଟି କରିବାକୁ ଦେଇ ନ ଥିଲା। ଏହି ଟିକା ପାରମ୍ପରିକ ଉପଚାର କେମୋଥେରାପି ଏବଂ ବିକିରଣଠାରୁ ଭିନ୍ନ। ଏଥିରେ ପାର୍ଶ୍ୱପ୍ରତିକ୍ରିୟା କମ୍ ହୋଇଥାଏ। ପ୍ରତିରକ୍ଷା ପ୍ରଣାଳୀକୁ ଦୀର୍ଘ ସମୟ କର୍କଟ ସହିତ ଲଢ଼ିବାରେ ଏହା ସାହାଯ୍ୟ କରେ। ତେବେ ଟିକାଟି ସମସ୍ତ ପରୀକ୍ଷଣରେ ସଫଳ ହେଲେ ଏହା ମସ୍ତିଷ୍କ କର୍କଟ ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ଅନ୍ୟପଟେ ଋଷର ବୈଜ୍ଞାନିକମାନେ ଏମ୍‌ଆର୍‌ଏନ୍‌ଏ କୌଶଳରେ ନୂଆ ଟିକା 'ଏଣ୍ଟରୋମିକ୍ସ' ବିକଶିତ କରିଛନ୍ତି। ଏହାର ଡାକ୍ତରୀ ପରୀକ୍ଷଣ ସଫଳ ହୋଇଛି। ଏହି ଟିକା କୋଲନ କର୍କଟ ସମେତ ମସ୍ତିଷ୍କ କର୍କଟ, ଚର୍ମ କର୍କଟ ଚିକିତ୍ସାରେ ପ୍ରଭାବୀ ହେବ।



# କଅଁଳ ବୟସରୁ ପରିପକ୍ୱ

**ଆଧୁନିକ ଜୀବନଶୈଳୀ, ଦୀର୍ଘ ସମୟ ଫୋନ୍ ବ୍ୟବହାର ଆଦି ଅଭ୍ୟାସ ଯୋଗୁଁ ଏବେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ହେଉଛି। ସେଥିରୁ ପ୍ରିକୋସିୟସ୍ ପ୍ୟୁବର୍ଟି ଯୋଗୁଁ ପିଲାମାନେ କଅଁଳ ବୟସରୁ ପରିପକ୍ୱ ହେଉଛନ୍ତି। ମାତ୍ର ୭ରୁ ୮ ବର୍ଷରୁ ପୁଅ ଓ ଝିଅଙ୍କ ଶାରୀରିକ ଓ ମାନସିକ ପରିବର୍ତ୍ତନ ହେଉଛି। ଏହା ପ୍ରାୟତଃ ଅଭିଭାବକଙ୍କ ଚିନ୍ତା ବଢ଼ାଇଛି। ତେଣୁ ଏହି ସମସ୍ୟା କାହିଁକି ହେଉଛି, ଏହାର ସମାଧାନ କ'ଣ ତାହାକୁ ନେଇ ଏହି ଆଲେଖ୍ୟ।**



ଋତୁସ୍ରାବ ମହିଳାଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା। ଏହା ୧୨ରୁ ୧୪ବର୍ଷ ବୟସରେ ଆରମ୍ଭ ହୋଇଯାଏ। ଏବେ କିନ୍ତୁ ୮ରୁ ୯ ବର୍ଷୀୟା ଝିଅମାନେ ଋତୁସ୍ରାବକୁ ସାମ୍ନା କରୁଛନ୍ତି। ଝିଅଙ୍କ ପରି ପୁଅମାନଙ୍କର କମ୍ ବୟସରୁ ଯୌନାଙ୍ଗବୃଦ୍ଧି, ସ୍ୱରରେ ପରିବର୍ତ୍ତନ, ନିଶ ଉଠିବା ଆଦି ଲକ୍ଷଣ ଦେଖାଯାଉଛି। ତେବେ କମ୍ ବୟସରୁ ଏହି ପରିପକ୍ୱତା ସେମାନଙ୍କ ଶାରୀରିକ, ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଫଳରେ ସେମାନଙ୍କ ସ୍ୱଭାବ ଚିଡ଼ିଚିଡ଼ା ହେଉଛି।

**ଅନିୟନ୍ତ୍ରିତ ଜୀବନଶୈଳୀ**

ରାସାୟନିକଯୁକ୍ତ ଖାଦ୍ୟ, ଗର୍ଭବସ୍ଥାରୁ ଇଞ୍ଜେକସନ୍ ଏବଂ ଔଷଧ ସେବନ ଅଭ୍ୟାସରୁ ପିଲାମାନେ ଶୀଘ୍ର ରାସାୟନିକ ସମ୍ପର୍କରେ ଆସିଯାଉଛନ୍ତି। ଜନ୍ମ ପରେ ଖାଦ୍ୟଠୁ ନେଇ ଶାରୀରିକ ବୃଦ୍ଧି ପାଇଁ ଖାଦ୍ୟରେ ଗ୍ରୋଥ୍ ହରମୋନ୍ ଉପଯୋଗ ଯୋଗୁଁ ହରମୋନ୍ ଅସନ୍ତୁଳନ ହେଉଛି। ଅଧିକ ଜଙ୍କଫୁଡ ସେବନ ଦ୍ୱାରା କମ୍ ବୟସରୁ ପିଲା ପରିପକ୍ୱ ହେଉଛନ୍ତି।

**ମେଦବହୁଳତା ଏବଂ ଚିନ୍ତା:** ପ୍ରିଜରଭେଟିଭ ଖାଦ୍ୟଗ୍ରହଣ, ଶାରୀରିକ ନିଷ୍କ୍ରିୟତା ଯୋଗୁଁ ପିଲାମାନେ ମେଦବହୁଳତାରେ ପୀଡ଼ିତ ହେଉଛନ୍ତି। ଏହା ଦ୍ୱାରା ଚିନ୍ତା ଓ ଓଜନ ବୃଦ୍ଧି ସମସ୍ୟା ଅଧିକ ବଢୁଛି। ଏହା ମଧ୍ୟ ପ୍ରିକୋସିୟସ୍ ପ୍ୟୁବର୍ଟିର ମୂଳ କାରଣ।

**କାଳ ସାଜୁଛି ମୋବାଇଲ୍ ଫୋନ୍:** ପଢ଼ାକୁ ନେଇ ଅଧିକାଂଶ ପିଲା ଚାପଗ୍ରସ୍ତ ରହୁଛନ୍ତି। ଘଣ୍ଟା ଘଣ୍ଟା ଡିଜିଟାଲ ସ୍କ୍ରିନ୍ ବ୍ୟବହାର ଯୋଗୁଁ ଫୋନ୍‌ର ନୀଳ ଆଲୋକ ମସ୍ତିଷ୍କକୁ ନିଦ ସଙ୍କେତ ଦିଏ ନାହିଁ। ବିଳମ୍ବିତ ରାତିଯାଏଁ ସେମାନେ ଅନିଦ୍ରା ରହୁଥିବାରୁ ହରମୋନ ଅସନ୍ତୁଳନ ହେଉଛି। ଫଳରେ କମ୍ ବୟସରୁ ପରିପକ୍ୱ ହେଉଛନ୍ତି।

**ଖାଦ୍ୟପେୟରେ ସତର୍କତା:** ପିଲାମାନେ ସନ୍ତୁଳିତ ଖାଦ୍ୟ ସେବନ ସହିତ ବ୍ୟାୟାମ କରିବା ନିତାନ୍ତ ଜରୁରି। ଶୋଇବାର ଘଣ୍ଟାକ ପୂର୍ବରୁ ମୋବାଇଲ୍ ବନ୍ଦ କରିବା ଉଚିତ। ୮ରୁ ୯ ବର୍ଷ ବୟସରେ ପୁଅଝିଅ ପରିପକ୍ୱ ହେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ।

# ରକ୍ତଚାପ ନିୟନ୍ତ୍ରଣକାରୀ ଲାଉ ଜୁସ୍

**ଆୟୁର୍ବେଦରେ ଲାଉର ଅନେକ ଔଷଧୀୟ ଗୁଣ ଭରି ରହିଛି। ଲାଉରୁ ପ୍ରସ୍ତୁତ ଜୁସ୍ ପିଇଲେ ଏହା ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ଲାଉ ଜୁସ୍‌ରେ ଭିଟାମିନ୍, ମିନେରାଲ ଅନେକ ପୋଷକତତ୍ତ୍ୱ ରହିଛି। ତେଣୁ ନିୟମିତ ରୂପେ ସଠିକ ମାତ୍ରାରେ ଏହାକୁ ସେବନ କଲେ, ଶରୀରର ବିଭିନ୍ନ ରୋଗ ଦୂର ହୋଇପାରେ। ଶୀତଦିନେ ଲାଉ ଜୁସ୍ ପିଇବା ଅତ୍ୟନ୍ତ ହିତକର।**

- ଲାଉରେ ଥିବା ପଟାସିୟମ ରକ୍ତଚାପକୁ ନିୟନ୍ତ୍ରିତ ରଖେ। ପାଚନତନ୍ତ୍ରକୁ ସକ୍ରିୟ ରଖିବାରେ ଏହାର ଭୂମିକା ରହିଛି। ସେହିପରି ଲାଉରେ ଭିଟାମିନ-ସି, ପଟାସିୟମ, ମ୍ୟାଗ୍ନେସିୟମ, ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ହୃଦୟକୁ ସୁସ୍ଥ ରଖେ। ଶରୀରରେ ଜଳୀୟଅଂଶ ସନ୍ତୁଳିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ।
- ମୁଣ୍ଡବିନ୍ଧା ସମସ୍ୟାରୁ ରକ୍ଷା ପାଇବାକୁ ପ୍ରତିଦିନ ଲାଉ ଜୁସ୍ ପିଇବା ହିତକର। ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢ଼ାଏ। କେବଳ ସେତିକି ନୁହେଁ, ଏହା ଓଜନ ନିୟନ୍ତ୍ରଣ କରିବାରେ ବିଶେଷ ଭୂମିକା ନିଭାଏ। ସକାଳୁ ଖାଲି ପେଟରେ ଏହି ଜୁସ୍ ପିଇପାରିବେ। ନିୟମିତ ରୂପେ ୧୦୦ରୁ ୧୫୦ ମିଲି ଟଟକା ଲାଉ ଜୁସ୍ ପିଇବାକୁ ପରାମର୍ଶ ଦିଆଯାଏ। ଯଦି କାହାର ସ୍ୱାସ୍ଥ୍ୟ ସମସ୍ୟା ରହିଥାଏ, ସେମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଲାଉ ଜୁସ୍ ସେବନ କରିବା ଅନୁଚିତ।



### ଶନିବାରରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ

# ଭାରତ ସାମ୍ନାରେ ଚୂଡ଼ାନ୍ତ ଏକାଦଶ ଚୟନ ଦ୍ୱନ୍ଦ୍ୱ

ଗୌହାଟୀ,୨୦।୧୧(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ସିରିଜ୍‌ର ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ ମ୍ୟାଚ୍ ଶନିବାରଠୁ ଖେଳାଯିବ। ଭାରତର ୨୮ତମ ଟେଷ୍ଟ ଭେନ୍ୟୁଭାବେ ଏଠାରେ ପ୍ରଥମ ଟେଷ୍ଟ ଖେଳାଯିବ। ଆଜି ଖୋଲାଯାଇଥିବା ବର୍ଷାପଡ଼ା ପିଚ୍‌ରେ ପ୍ରବଳ ଘାସ ଥିବାର ଦେଖାଯାଇଛି। କିନ୍ତୁ ଆସନ୍ତାକାଲି ଏହା ନ ଥିବ। ଏହା ସତ୍ତ୍ୱେ ପିଚ୍ କିପରି ବ୍ୟବହାର କରିବ, ଭାରତ କେଉଁଭଳି ପିଚ୍ ପସନ୍ଦ କରିବ ଏହା ଉପରେ ସବୁକିଛି ନିର୍ଭର କରୁଛି। କୋଲକାତାର ଅନ୍‌ଇଭିନ ବାଉନ୍ସ ଓ ଟର୍ଣ୍ଣିଂ ପିଚ୍‌ରେ ଦକ୍ଷିଣ ଆଫ୍ରିକା ବୋଲରଙ୍କ ମୁକାବିଲା କରିପାରିଲା ନାହିଁ। ଏଣୁ ପ୍ରଥମଥର ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଥିବା ବର୍ଷାପଡ଼ା ଷ୍ଟାଡିୟମ୍‌ର ଭେନ୍ୟୁ କିପରି ହେବ ତାହା ଏବେଠାରୁ କହିବା କଷ୍ଟକର।


ବର୍ଷାପଡ଼ା ଷ୍ଟାଡିୟମରେ ଅପରାହ୍ଣ ୪ଟା ୪୦ ମିନିଟରେ ସ୍ଥିତି

ପ୍ରଥମ ଟେଷ୍ଟ ହାରିଯିବା ପରେ ଭାରତୀୟ ଶିବିରରେ ମନ୍ଥନ ପରେ ମନ୍ଥନ ଚାଲିଛି। ବିଚାର ବିମର୍ଷ, ଅଭ୍ୟାସ, ଯୋଜନା ଓ ରଣନୀତିକୁ ନେଇ କ୍ରିକେଟ ମହଲ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ବିଶେଷ କରି ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ୨ଟି ଟେଷ୍ଟ ସିରିଜ୍‌ରେ କ୍ଲିନ୍ ସୁଇପ ନ ହେବାକୁ ସମସ୍ତେ ନିଶ୍ଚିତ ଚେଷ୍ଟା କରିବେ। କିନ୍ତୁ ଏଥିଲାଗି କେଉଁ ରଣନୀତି ଗ୍ରହଣ କରାଯିବ, କିଭଳି ପିଚ୍ ରହିବ ଓ କେଉଁ ଖେଳାଳିଙ୍କୁ ଦଳରେ ସାମିଲ କରାଯିବ ଓ କାହାକୁ ବାଦ୍ ଦିଆଯିବ ତାହାକୁ ନେଇ ଟିମ୍ ମ୍ୟାନେଜ୍‌ମେଣ୍ଟ ଦ୍ୱନ୍ଦ୍ୱରେ ପଡ଼ିଛି। ଏହା ସତ ଯେ, ଆହତ ଅଧିନାୟକ ଶୁବମନ ଗିଲଙ୍କ ଖେଳିବା ଉପରେ ଟିମ୍ ମ୍ୟାନେଜମେଣ୍ଟ ଶେଷ ମୁହୂର୍ତ୍ତଯାଏ ଅପେକ୍ଷା କରିବ। ମେଡିକାଲ ଟିମ୍‌ର ସାର୍ଟିଫିକେଟ ଏବଂ ଗିଲ ନିଜେ ସହଜ ଅନୁଭବ କଲେ ଖେଳିବେ କି ନାହିଁ ସ୍ଥିର ହେବ। ଟିମ୍ ମ୍ୟାନେଜମେଣ୍ଟ ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି, ଗିଲ୍‌ଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳିବାକୁ ସୁଯୋଗ ଦିଆଯିବ ନାହିଁ। ଶନିବାର ଖେଳ ଆରମ୍ଭ ହେବା ପରେ ତାଙ୍କୁ ନିଜ ଘରକୁ କିମ୍ବା ବେଙ୍ଗାଲୁରୁ ପଠାଇଦିଆଯିବ। ସେଠାରେ ତାଙ୍କର ଚିକିତ୍ସା ହେବ ଓ ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ୍ ଲାଗି ସେ ଫିଟ୍ ହୁଅନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖୁଛି।

ଗିଲଙ୍କ ଯଦି ଦ୍ୱିତୀୟ ଟେଷ୍ଟ ନ ଖେଳିବେ ତେବେ ଉପଅଧିନାୟକ ତଥା ୱିକେଟରକ୍ଷକ ଋଷଭ ପନ୍ତ୍ ଦଳର ନେତୃତ୍ୱନେବେ। କିନ୍ତୁ ତାଙ୍କ ଅନୁପସ୍ଥିତିରେ ଭାରତର ଚୂଡ଼ାନ୍ତ ଏକାଦଶ ଚୟନକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ବର୍ଷାପଡ଼ାରେ ଭାରତ ତାଙ୍କ ସ୍ଥାନରେ କାହାକୁ ଖେଳାଇବ ତାହାକୁ ନେଇ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ। ଗତ କିଛିଦିନ ଯେପରି ସାଇ ସୁଦର୍ଶନଙ୍କୁ ପ୍ରୋଜେକ୍ଟ କରାଯାଉଛି, ସେଥିରୁ ଜଣାଯାଉଛି ଗିଲ୍‌ଙ୍କ ସ୍ଥାନ ସେ ପୂରଣ କରିବେ। ଅର୍ଥାତ୍ ୱାଶିଂଟନ ସୁନ୍ଦର ପୂର୍ବପରି ନଂ-୩ରେ ବ୍ୟାଟିଂ କରିବେ ଓ ତାଙ୍କ ପରେ ସୁଦର୍ଶନ ଆସିବେ। ସେହିପରି କୋଲକାତାରେ ବିଶେଷ ପ୍ରଭାବ ପକାଇପାରି ନ ଥିବା ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ଦେବାର ଆଶଙ୍କା ରହିଛି। ଏପରି ହେଲେ ପେସ୍ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯିବ। ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଦିନିକିଆ ସିରିଜ୍ ଖେଳୁଥିଲାବେଳେ ନୀତୀଶଙ୍କୁ ଦଳକୁ ଫେରାଇ ଅଣାଯାଇଛି। ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ସାମିଲ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

**ଦ୍ୱିତୀୟ ଟେଷ୍ଟର ଖେଳ ସମୟ**

**ପ୍ରଥମ ସେସନ**
ସକାଳ ୯ଟାରୁ ୧୧ଟା

**ଟି (ଚା' ପାନ)**
୧୧ଟାରୁ ୧୧ଟା ୨୦ମିନିଟ୍

**ଦ୍ୱିତୀୟ ସେସନ**
ପୂର୍ବାହ୍ଣ ୧୧.୨୦ରୁ ୧.୨୦

**ଲଞ୍ଚ୍ (ମଧ୍ୟାହ୍ନ ଭୋଜନ)**
ଅପରାହ୍ଣ ୧.୨୦ରୁ ୨ଟା

**ତୃତୀୟ ସେସନ**
ଅପରାହ୍ଣ ୨ଟାରୁ ୪ଟା

### ଆଜିଠୁ ଆସେସ୍ ସିରିଜ

## ଟ୍ରଫି ବଜାୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

ପର୍ଥ, ୨୦।୧୧ (ଏଜେନ୍ସି): ଟେଷ୍ଟ କ୍ରିକେଟ୍ ଇତିହାସର ସବୁଠୁ ପୁରୁଣା ଓ ସମ୍ମାନଜନକ ସିରିଜ 'ଦି ଆସେସ୍'ର ୭୪ତମ ସଂସ୍କରଣ ଶୁକ୍ରବାରଠାରୁ ଘରୋଇ



**ଆଜିଠୁ ପ୍ରଥମ ଟେଷ୍ଟ**
ଆରମ୍ଭ: ସକାଳ ୭ଟା ୫୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ

ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁଯାଉଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ଟେଷ୍ଟ ସିରିଜର ପ୍ରଥମ ମୁକାବିଲା ପର୍ଥ ଷ୍ଟାଡିୟମରେ ଖେଳାଯିବ। ଅଭିଜ୍ଞ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଭ୍ରମଣକାରୀ ଇଂଲଣ୍ଡ ଦଳର ନେତୃତ୍ୱ ନେଉଛନ୍ତି। ଦଳରେ ଜୋ ରୁଟ୍, ଓଲି ପୋପ୍, ବେନ୍ ଡକେଟ୍, ହ୍ୟାରୀ ବ୍ରୁକ୍, ଜୋଫ୍ରା ଆର୍ଚର, ମାର୍କ ଉଡ୍‌ଙ୍କ ଭଳି ଅଭିଜ୍ଞ ଖେଳାଳି ରହିଛନ୍ତି। ଇଂଲଣ୍ଡ ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଆସେସ୍ ସିରିଜ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ଷ୍ଟିଭ ସ୍ମିଥଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଘରୋଇ ମାଟିରେ କୌଣସି ସୁଯୋଗ ନ ଦେଇ ସିରିଜ ବଜାୟ ରଖିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ସ୍ମିଥଙ୍କ ସମେତ ମାର୍ନସ ଲାବୁଶେନ, ଟ୍ରାଭିସ ହେଡ, ମିଚେଲ ଷ୍ଟାର୍କ, ନାଥନ ଲିୟନଙ୍କ ଭଳି ଅଭିଜ୍ଞ ଖେଳାଳି ଇଂଲଣ୍ଡକୁ କଡ଼ା ଟକ୍କର ଦେବାକୁ ଲକ୍ଷ୍ୟ ରଖିଛନ୍ତି।

**ପରିସଂଖ୍ୟାନରେ ଆସେସ୍**
- ପ୍ରଥମ ସିରିଜ: ୧୮୭୬-୭୭
- ମୋଟ୍ ସିରିଜ: ୭୩
- ଅଷ୍ଟ୍ରେଲିଆ ବିଜୟ: ୩୪ଥର
- ଇଂଲଣ୍ଡ ବିଜୟ: ୩୨ଥର
- ଡ୍ର: ୭ଥର
- ମୋଟ୍ ଟେଷ୍ଟ ମ୍ୟାଚ୍: ୩୪୦ଟି
- ଅଷ୍ଟ୍ରେଲିଆ ଜିତିଛି: ୧୪୦ଟି
- ଇଂଲଣ୍ଡ ଜିତିଛି: ୧୦୮ଟି

## ଏଏଫ୍‌ଆଇରେ ଜିଏସ୍ ପଟ୍ଟନାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦ

ଭୁବନେଶ୍ୱର, ୨୦।୧୧ (ସମିସ): ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏସନ (ଓଏଏ)ର ସଭାପତି ଜିଏସ୍ ପଟ୍ଟନାୟକଙ୍କୁ ଜାତୀୟ ସଂଘରେ ଏକ ବଡ଼ ଦାୟିତ୍ୱ ମିଳିଛି। ସେ ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ଅଫିସିଏଟିଂ ସେକ୍ରେଟାରୀ (କାର୍ଯ୍ୟାଳୟ ପରିଚାଳନା ସମ୍ପାଦକ) ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ସେ ଏଏଫ୍‌ଆଇର ବରିଷ୍ଠ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଉଥିଲେ। ଓଡ଼ିଶା ଇତିହାସରେ ଶ୍ରୀ ପଟ୍ଟନାୟକ ପ୍ରଥମ ବ୍ୟକ୍ତି ଭାବେ ଏଏଫ୍‌ଆଇର ଅଫିସିଏଟିଂ ସେକ୍ରେଟାରୀ ପଦ ମଣ୍ଡନ କରିଛନ୍ତି। ଏହି ଅବସରରେ ଓଏଏର ଚେୟାରମ୍ୟାନ ଆଶୀର୍ବାଦ ବେହେରା, ସମ୍ପାଦକ ଅଭିଜିତ୍ ପାଲ୍‌ଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ଜିଏସ୍ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



### ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର

## ବିଶେଷଙ୍କୁ ହ୍ୟାଟ୍ରିକ୍ ଟାଇଟଲ

ଭୁବନେଶ୍ୱର,୨୦।୧୧(ସମିସ): ରାଜ୍ୟ ଜୁନିଅର ବିଲିଆର୍ଡ୍ସ ଚାମ୍ପିଅନ୍ ବିଶେଷ ସିଂଘାଲ ରାଜ୍ୟ ଜୁନିଅର ସ୍ନୁକର ଟାଇଟଲ ହାସଲ କରିଛନ୍ତି। ସ୍ନୁକରରେ ଏହା ତାଙ୍କର ହ୍ୟାଟ୍ରିକ୍ ଟାଇଟଲ। ଗୁରୁବାର ଅନୁଷ୍ଠିତ ଫାଇନାଲରେ ସେ ୨-୦ ଫ୍ରେମ୍‌ରେ ସାଇ ସଙ୍କଳ୍ପଙ୍କୁ ହରାଇ କ୍ରମାଗତ ତୃତୀୟ ଟାଇଟଲ ଜିତିଥିଲେ। ଗତକାଲି ଅନୁଷ୍ଠିତ ସିନିଅର ବିଲିଆର୍ଡ୍ସରେ ବିଶେଷ ପୂର୍ବତନ ଜାତୀୟ ରନର୍ସ ଅପ୍ କୁନାଲ ଅଗରୱାଲଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସିନିଅର ସ୍ନୁକର ବିଭାଗରେ ସୁବ୍ରତ ଦାସ, ଆଶୁତୋଷ ପାଢ଼ୀ, ଅନୁଜ ପଣ୍ଡା ଓ ସୁଦୀପ୍ତ ଦାଶ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



## ୱାର୍ଲ୍ଡ ବକ୍ସିଂ କପ୍: ଭାରତକୁ ୯ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ୱାର୍ଲ୍ଡ ବକ୍ସିଂ କପ୍‌ରେ ଭାରତକୁ ୯ସ୍ୱର୍ଣ୍ଣ, ୬ରୌପ୍ୟ ଓ ୫କାଂସ୍ୟ ସହ ୨୦ଟି ପଦକ ଜିତି ରେକର୍ଡ ସୃଷ୍ଟି କରିଛି। ଗୁରୁବାର କେବଳ ୭ଟି ସ୍ୱର୍ଣ୍ଣ ଜିତିଛି। ଏମାନଙ୍କ ମଧ୍ୟରୁ ମହିଳା ବିଭାଗ ୪୮ କେଜିରେ ମିନାକ୍ଷୀ, ୫୪ କେଜିରେ ପ୍ରୀତି, ୭୦ କେଜିରେ ଅରୁନ୍ଧତି, ୫୧ କେଜିରେ ନିଖତ ଜରୀନ, ୫୭ କେଜିରେ ଯସ୍ମିନ୍, ୬୬ କେଜିରେ ପରବିନ୍ ଓ ୮୦ରୁ ଉର୍ଦ୍ଧ୍ୱ କେଜିରେ ନୁପୁର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ପୁରୁଷ ବିଭାଗରେ ଯଦୁମଣି ସିଂ, ପୱନ ବାର୍ତ୍ତୱାଲ, ଅବିନାଶ ଜାମୱାଲ୍ ଓ ଅଙ୍କୁଶ ପାଙ୍ଘଲ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।

## ଡିସେମ୍ବର ୨୮ରୁ ମହିଳା, ଜାନୁଆରୀ ୩ରୁ ପୁରୁଷ ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍ ପୁଣିଥରେ ଫେରୁଛି। ହକି ଇଣ୍ଡିଆ ପକ୍ଷରୁ ରାଞ୍ଚିରେ ଡିସେମ୍ବର ୨୮ରୁ ଜାନୁଆରୀ ୧୦ ଯାଏ ମହିଳା ଲିଗ୍ ଏବଂ ଚେନ୍ନାଇ, ରାଞ୍ଚି ଓ ଭୁବନେଶ୍ୱରରେ ୨୦୨୬ ଜାନୁଆରୀ ୩ରୁ ୨୬ ଯାଏ ପୁରୁଷ ଲିଗ୍ ଖେଳାଯିବାକୁ ସ୍ଥିର ହୋଇଛି। ବିଗ୍ ଇଜ୍ ବ୍ୟାକ୍ ନାମରେ ହକି ଇଣ୍ଡିଆ ଲିଗ୍‌ର ଅଫିସିଆଲ ପ୍ରୋମୋ ଆଜି ଉନ୍ମୋଚିତ ହୋଇଛି। ଏହି ଲୋକପ୍ରିୟ ପ୍ରତିଯୋଗିତା ଲାଗି ହକି ସମର୍ଥକ ପ୍ରସ୍ତୁତ ହୋଇ ରହିଛନ୍ତି।

## ମହିଳା କବାଡ଼ି ବିଶ୍ୱକପ୍: ସେମିରେ ଭାରତ

ଢାକା, ୨୦।୧୧ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ଚଳିତ ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଭାରତୀୟ ମହିଳା ଦଳ ଏହାର ୩ୟ ଗ୍ରୁପ୍ ମ୍ୟାଚରେ ଜର୍ମାନୀକୁ ୬୩-୨୨ ପଏଣ୍ଟରେ ହରାଇଥିଲା। ବିଶ୍ୱକପ୍‌ରେ ଭାରତର ଏହା ହ୍ୟାଟ୍ରିକ ବିଜୟ ଥିଲା। ନଭେମ୍ବର ୨୩ରେ ସେମିଫାଇନାଲ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟ ଶେଷ ପରେ ଭାରତ ସେମିଫାଇନାଲରେ କାହାକୁ ଭେଟିବ ତାହା ସ୍ପଷ୍ଟ ହେବ। ୨୦୧୨ରେ ଅନୁଷ୍ଠିତ ମହିଳା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଥିଲା। ଏଥର ମଧ୍ୟ ଦଳ ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ରହିଛି।

## ଶତକ ଟେଷ୍ଟରେ ଶତକ: ରହିମଙ୍କ ବିରଳ କୀର୍ତ୍ତିମାନ

ମୀରପୁର, ୨୦।୧୧ (ଏଜେନ୍ସି): ବାଂଲାଦେଶର ବରିଷ୍ଠ କ୍ରିକେଟର୍ ମୁସଫିକର ରହିମ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ବିଶ୍ୱର ୧୧ତମ ବ୍ୟାଟର୍ ଭାବେ ୩୮ ବର୍ଷୀୟ ରହିମ ନିଜର ୧୦୦ତମ ଟେଷ୍ଟ ମ୍ୟାଚରେ ଶତକୀୟ ପାଳି ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶର ପ୍ରଥମ ପାଳିରେ ରହିମ ୧୦୬ ରନ ସଂଗ୍ରହ କରିଥିଲେ। ରହିମଙ୍କ ଏହା ୧୦୦ତମ ଟେଷ୍ଟ ମ୍ୟାଚ୍ ଥିଲା। ପୂର୍ବରୁ ବିଶ୍ୱର ୧୦ଜଣ କ୍ରିକେଟର୍ ନିଜର ୧୦୦ତମ ଟେଷ୍ଟ ମ୍ୟାଚରେ ଶତକୀୟ ପାଳି ଖେଳିଛନ୍ତି। ସେମାନେ ହେଲେ ଇଂଲଣ୍ଡର କଲିନ କାଓଡ୍ରେ, ଜାଭେଦ ମିଆଁଦାଦ, ଗର୍ଡନ ଗ୍ରୀନିଜ୍, ଆଲେକ୍ ଷ୍ଟିୱାର୍ଟ, ଇଞ୍ଜାମାମ-ଉଲ୍-ହକ, ରିକି ପଣ୍ଟିଂ, ଗ୍ରାଏମ ସ୍ମିଥ, ହାସିମ ଅମଲା, ଜୋ ରୁଟ୍, ଡେଭିଡ୍ ୱାର୍ଣ୍ଣର। ଏହି ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସରେ ୪୭୬ ରନରେ ସୀମିତ ରହିଥିଲା। ଜବାବରେ ଆୟର୍ଲାଣ୍ଡ ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୫ ୱିକେଟରେ ୯୮ ରନ ସଂଗ୍ରହ କରିଛି।



ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ

ବିତର୍କ ପ୍ରତିଯୋଗିତା ୨୦୨୫

ଭାଷା: ଓଡ଼ିଆ

5th Anniversary

Presented by: BHARAT MASALA — The Taste of New India

In Association with: CBSE-XI & XII SRI VINAYAKA Concept School BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୬୧୭୨୯ |
| କଟକ | ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିୟରିଂ ବୈଷୟିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୭୨୫୭୧୯ |
| କେନ୍ଦ୍ରାପଡ଼ା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡ଼ା | ଦେବଦତ୍ତ ଦାଶ - ୯୯୩୭୨୨୨୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୭୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଢୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୬୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୭୧୧୨୦୫୫ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS